ଆଜି - ଗୁରୁବାର
ତାରିଖ - ୧୩ ଅଗଷ୍ଟ ୨୦୨୬
ମାସ - କର୍କଟ, ଦିନ - ୨୮
ତିଥି - ପ୍ରତିପଦ ଅଶ୍ଳେଷା ପକ୍ଷ- ଶୁକ୍ଳ
ନକ୍ଷତ୍ର - ମଘା କ୍ଷୟ, କର୍କଟ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୦ : ୦୦
ସୂର୍ଯ୍ୟାସ୍ତ - ୬ : ୧୩: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


“ବର୍ଷା ହେବା ସମୟରେ ସବୁ ପକ୍ଷୀ ଆଶ୍ରୟ ନିଅନ୍ତି । କିନ୍ତୁ ବାଦଲ ଉପରେ ଉଡ଼ି ଛଂଚାଣ ମେଘକୁ ଏଡ଼ାଇ ଯାଏ । ”
- ଡ. ଏପିଜେ ଅବ୍‌ଦୁଲ୍ କଲାମ୍


E-News : www.Ajikali epaper.com

Vol.- 41 ISSUE- 121 R.N.I. REGD. No. 44026/86 ବାଲେଶ୍ୱର ୧୩ ଅଗଷ୍ଟ ୨୦୨୬ ଗୁରୁବାର BALASORE 13 AUGUST 2026 THURSDAY “REGISTERED” REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


### ଚିତାଲାଗି ଅମାବାସ୍ୟାରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି

## ମହାପ୍ରଭୁଙ୍କ ମଥାରେ ଲାଗିହେଲା ସୁବର୍ଣ୍ଣ ଚିତା

ପୁରୀ : ଶ୍ରାବଣ କୃଷ୍ଣପକ୍ଷ ଅମାବାସ୍ୟା ତିଥି ଅବସରରେ



ଶ୍ରୀଜୀଉମାନଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହେଉଛି । ଏଣୁ ପ୍ରଥମ ଭୋଗ ମଣ୍ଡପ ଭୋଗ ଶେଷ ହେବା ପରେ ପ୍ରାୟତଃ ୫ ଘଂଟା ଅପରାହ୍ଣ ୦୨:୦୦ ଘଟିକା ଠାରୁ ସଂଧ୍ୟା ୦୭:୦୦ ଘଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି । ବାର ମାସରେ ତେର ପର୍ବ ଓଡ଼ିଆ ସଂସ୍କୃତିର ନୀତି ଆଦର୍ଶ । ଶ୍ରାବଣ ମାସର ଅମାବାସ୍ୟା ଯାହା ଚିତାଲାଗି ଅମାବାସ୍ୟା ଭାବରେ ନାମିତ । ପ୍ରତି ଓଡ଼ିଆଙ୍କ ଘରେ ଚିତଉ ପିଠାର ବାସ୍ନା ମହକି ଯିବ । ଠାକୁରଙ୍କୁ ଚିତଉ ପିଠା ଭୋଗ କରି ବିଲ ପାଖରେ କିମ୍ବା ଜଳାଶୟରେ ଦେବା ସହ ସମସ୍ତେ ଆନନ୍ଦରେ ଖାଇଥାଆନ୍ତି । ଆଉ ମଧ ଏକ ପରମ୍ପରା ଅଛି ଏହିଦିନ ଜଳାଶୟରେ ଚିତାଉ ପକାଇଲେ ଗେଣ୍ଡେଇଶୁଣି ଗୋଡ଼ କାଟେନି ବୋଲି ବିଶ୍ୱାସ ରହିଛି । ଏହି ଦିନ ଶ୍ରୀମନ୍ଦିର ମଧ ଚଳଚଂଚଳ ହେବ । ସ୍ନାନ ପୂର୍ଣ୍ଣିମା ଦିନ ରାତିରେ ଲାଗି ହୋଇଥିବା ସ୍ୱର୍ଣ୍ଣ ଚିତାକୁ ସେହିଦିନ ପୁନର୍ବାର ମହାପ୍ରଭୁ ଙ୍କୁ ଲାଗି ହେବ । ସ୍ନାନ ପୂର୍ଣ୍ଣିମା ଦିନ ପହଣ୍ଡି ହୋଇ ଅଣସର ଘରକୁ ବିଜେ କରିବା ପରେ ଠାକୁର ମାନଙ୍କ ମଥାରୁ ସୁବର୍ଣ୍ଣର ଚିତା ଗୁଡିକ ଓହ୍ଲାଇ ଦିଆଯାଇଥାଏ । ଆମେମାନେ ଯେପରି ଯାତ୍ରା ସମୟରେ ମୂଲ୍ୟବାନ ଅଳଙ୍କାର ପରିଧାନ କରିବାରୁ ବିରତ ରହୁ, ସେହିପରି ଠାକୁର ମାନେ ମଧ ନବଯୌବନ ଦର୍ଶନ ପରଦିନ ରଥଯାତ୍ରା ଥିବାରୁ ଆଉ ଏହି ସୁବର୍ଣ୍ଣ ଚିତା ପରିଧାନ କରନ୍ତି ନାହିଁ । ବରଂ ରଥଯାତ୍ରା ଦିନ ରଥ ଉପରେ ସୋଲ ଓ ବିଭିନ୍ନ ଜରି ଜମ୍ବୁରା ରେ ତିଆରି ଚିତାଲାଗି ହୁଅନ୍ତି । ଏହି ଚିତାଲାଗି ନୀତି ଦଇତା ଓ ପତି ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ ।ଅମାବାସ୍ୟାରେ ନାରାୟଣଙ୍କର ସାଗର ବିଜେ ନୀତି ସମାପନ ହେବା ପରେ ଚିତାଲାଗି ପାଇଁ ପତି ମହାପାତ୍ର ଓ ଦଇତା ମାନେ ଗର୍ଭଗୃହକୁ ପ୍ରବେଶ କରି ଚିତାଲାଗି କାର୍ଯ୍ୟ କରିଥାନ୍ତି । ତିନୋଟି ସ୍ୱର୍ଣ୍ଣ ଚିତାକୁ ଠାକୁରମାନଙ୍କ କପାଳର ଶୀର୍ଷ ଭାଗରେ ଏକ ପାଟ ଡୋର ଦ୍ୱାରା ଜୋରରେ ବନ୍ଧା ହେବାକୁ ଚିତାଲାଗି ନୀତି କୁହାଯାଇଥାଏ । ମହାପ୍ରଭୁଙ୍କୁ ଏହି ଦୁର୍ମୂଲ୍ୟ ଚିତା ଲାଗି ହେବା ପୂର୍ବରୁ ଭଣ୍ଡାର ଘରୁ ଦେଉଳକରଣ ,ତଢ଼ାଉ କରଣଙ୍କ ଉପସ୍ଥିତିରେ କାଢି ବଣିଆ ସେବକଙ୍କ ଦ୍ୱାରା ସଫା କରାଯାଇଥାଏ । ଦରକାର ଥିଲେ ମରାମତି କାର୍ଯ୍ୟ ମଧ ସମ୍ପାଦିତ ହୁଏ । କାରଣ ଏହା ଠାକୁର ମାନଙ୍କୁ ଲାଗି ହେବା ପରେ ପୁଣି ଯାଇ ଆରବର୍ଷ ସ୍ନାନ ପୂର୍ଣ୍ଣିମା ଦିନ ରାତିରେ ଲାଗି ହେବ । ବଡ଼ ଠାକୁରଙ୍କ ସ୍ୱର୍ଣ୍ଣ ଚିତାର ମଝିରେ ଗୋଟିଏ ବଡ଼ ମର୍କତ ପଥର ଓ ଏହାର ଚାରି ପାଖରେ ପାଟଚାଟି ଛୋଟ ଛୋଟ ହୀରା,ପାନ୍ନା, ମାଣିକ, ମର୍କତ ଓ ନୀଳ ପଥର ଖଚିତ ହୋଇଛି । ଏହାକୁ ନୀଳା ଚିତା କୁହାଯାଏ ।

## ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଆତ୍ମଜୀବନୀ ଉନ୍ମୋଚନ କଲେ ପ୍ରଧାନମନ୍ତ୍ରୀ









ନୂଆଦିଲ୍ଲୀ : ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଭାରତର ପୂର୍ବତନ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କ ଆତ୍ମଜୀବନୀ ‘ଟ୍ରାୟମ୍ଫ ଅଫ୍ ଦି ଇଣ୍ଡିଆନ୍ ରିପବ୍ଲିକ୍: ମାଇଁ ଲାଇଫ୍, ମାଇଁ ଷ୍ଟ୍ରଗଲ୍ସ’କୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ‘ଆଜି ଆମକୁ ଶ୍ରୀ ରାମନାଥ କୋବିନ୍ଦ ଜୀଙ୍କ ଆତ୍ମଜୀବନୀ ଉନ୍ମୋଚନ କରିବାର ସୁଯୋଗ ମିଳିଛି ଏବଂ ମୁଁ ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ ହୋଇପାରିଥିବାରୁ ଅତ୍ୟନ୍ତ ଖୁସି ।”ପୂର୍ବତନ ରାଷ୍ଟ୍ରପତିଙ୍କ ସହ ନିଜର ଗଭୀର ବ୍ୟକ୍ତିଗତ ସମ୍ପର୍କ ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ବର୍ଷ ବର୍ଷ ଧରି କୋବିନ୍ଦ ଜୀଙ୍କ ଦିଗଦର୍ଶନ ଏବଂ ସ୍ନେହ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ବ୍ୟକ୍ତ କରିଥିଲେ । ଶ୍ରୀ ମୋଦୀ କହିଛନ୍ତି, ‘କୋବିନ୍ଦ ଜୀଙ୍କ ସହ ମୋର ଦୀର୍ଘଦିନର ପରିଚୟ, ତାଙ୍କୁ ନିକଟରୁ ଜାଣିବାର ସୌଭାଗ୍ୟ, ରାଷ୍ଟ୍ରପତି ଭାବରେ ତାଙ୍କର ଦିଗଦର୍ଶନ ଏବଂ ସର୍ବୋପରି ମୋ ପ୍ରତି ତାଙ୍କର ବିଶେଷ ସ୍ନେହ ଓ ଆନ୍ତରିକତା-ଏହିସବୁ ମୋର ସବୁଠାରୁ ବଡ଼ ସମ୍ପତି ।’’ ପୂର୍ବତନ ରାଷ୍ଟ୍ରପତିଙ୍କ ବ୍ୟକ୍ତିତ୍ୱ ଏବଂ ଦକ୍ଷତାର ଗଭୀରତାକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ସାହିତ୍ୟିକ କୃତି ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧର ଏକ ଚିରସ୍ଥାୟୀ ପ୍ରମାଣ ଭାବରେ କାର୍ଯ୍ୟ କରିବ । ଶ୍ରୀ ମୋଦୀ କହିଛନ୍ତି, ‘ମୁଁ ପୂର୍ଣ୍ଣ ଆତ୍ମବିଶ୍ୱାସ ସହିତ କହିପାରେ ଯେ ରାମନାଥ କୋବିନ୍ଦଜୀଙ୍କ ଆତ୍ମଜୀବନୀ ନିଜେ ଭାରତୀୟ ଗଣତନ୍ତ୍ର ଏବଂ ଭାରତୀୟ ସମାଜ ପାଇଁ ଏକ ଐତିହ୍ୟ ପାଲଟିଯିବ । ଦେଶପ୍ରତି କୋବିନ୍ଦ ଜୀଙ୍କ ଆଜୀବନ ଯୋଗଦାନର ବିଶାଳତାକୁ ସ୍ୱୀକାର କରି ପ୍ରଧାନମନ୍ତ୍ରୀ, ଅତ୍ୟଧିକ ବିବରଣୀ ଦେବାରୁ ନିବୃତ୍ତ ରହି, ଶ୍ରୋତାମାନଙ୍କୁ ନିଜେ ଏହି କାହାଣୀ ପଢ଼ି ଆବିଷ୍କାର କରିବାକୁ ଉତ୍ସାହିତ କରିଥିଲେ । ଶ୍ରୀ ମୋଦୀ କହିଥିଲେ, ‘ଗୋଟିଏ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ କେବଳ ଏକ ’କର୍ଟେନ୍ ରାଇଜର୍’ (ପ୍ରାରମ୍ଭିକ ଆଭାସ) ରହିବା ଉଚିତ୍, ଏବଂ ଆପଣ ସମସ୍ତେ ଏହି ପୁସ୍ତକଟିକୁ ପଢ଼ି ଏହାର ସମ୍ପୂର୍ଣ୍ଣ ଲାଭ ଆହରଣ କଲେ ହିଁ ଅଧିକ ଭଲ ହେବ !’’ ଯୁବପିଢ଼ି ପାଇଁ ଏହି ଆତ୍ମଜୀବନୀର ଶିକ୍ଷାଣୀୟ ମୂଲ୍ୟ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଆଗାମୀ ପିଢ଼ି ପୂର୍ବତନ ରାଷ୍ଟ୍ରପତିଙ୍କ ଶବ୍ଦରୁ ପ୍ରେରଣା ଲାଭ କରନ୍ତୁ ବୋଲି ନିଜର ଇଚ୍ଛା ପ୍ରକାଶ କରିଥିଲେ । ଶ୍ରୀ ମୋଦୀ ଦୃଢ଼ତାର ସହ କହିଥିଲେ, ‘ଦେଶର ନୂତନ ପିଢ଼ି ମଧ ତାଙ୍କର ଲେଖା ଏବଂ ଅନୁଭୂତି ପଢ଼ିବା ଉଚିତ୍, ଯାହାଫଳରେ ପ୍ରତ୍ୟେକଙ୍କୁ ଅନେକ କିଛି ଶିଖିବାକୁ ମିଳିବ ।’’ ପୁସ୍ତକର ଶୀର୍ଷକ, ‘ଟ୍ରାୟମ୍ଫ ଅଫ୍ ଦି ଇଣ୍ଡିଆନ୍ ରିପବ୍ଲିକ୍: ମାଇଁ ଲାଇଫ୍, ମାଇଁ ଷ୍ଟ୍ରଗଲ୍ସ’ର ବିଶ୍ଳେଷଣ କରି ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ସଂଘର୍ଷ ଏବଂ ଜାତୀୟ ଗଣତାନ୍ତ୍ରିକ ସଫଳତା ସମ୍ବନ୍ଧରେ ଏହାର ଦ୍ୱିବିଧ ମହତ୍ୱର ବ୍ୟାଖ୍ୟା କରିଥିଲେ । ଶ୍ରୀ ମୋଦୀ କହିଥିଲେ, ‘ଜୀବନର ସଂଘର୍ଷଗୁଡ଼ିକ ତାଙ୍କର ବ୍ୟକ୍ତିଗତ, କିନ୍ତୁ ସେହି ସଂଘର୍ଷ ଫଳରେ ମିଳିଥିବା ବିଜୟ ଭାରତ ଏବଂ ଏହାର ଗଣତନ୍ତ୍ରର ଅଟେ । ସାଧାରଣ ମାନବୀୟ ପ୍ରବୃତି ସହିତ ପୂର୍ବତନ ରାଷ୍ଟ୍ରପତିଙ୍କ ମହାନତାକୁ ତୁଳନା କରି ପ୍ରଧାନମନ୍ତ୍ରୀ ଦର୍ଶାଇଥିଲେ ଯେ ଅନେକ ଲୋକ ନିଜର ଦୁଃଖକଷ୍ଟ ପାଇଁ ସମାଜକୁ ଦୋଷ ଦେଉଥିବା ବେଳେ, ଭାରତୀୟ ମୂଲ୍ୟବୋଧରେ ଗଭୀର ଭାବେ ପରିପୁଷ୍ଟ କୋବିନ୍ଦଜୀଙ୍କ ଉଦାର ହୃଦୟ ସମାଜକୁ ନିଜ ସଫଳତାର ସମାନ ଭାଗୀଦାର ଭାବେ ଦେଖେ । ଶ୍ରୀ ମୋଦୀ କହିଥିଲେ, ‘ଯେତେବେଳେ ହୃଦୟ ଉଦାର ହୋଇଥାଏ ଏବଂ ଭାରତୀୟ ମୂଲ୍ୟବୋଧ ଥାଏ, ସେତେବେଳେ ଜଣେ ବ୍ୟକ୍ତି ସମାଜରେ ତ୍ରୁଟି ଖୋଜିବାରେ ସମୟ ନଷ୍ଟ କରେ ନାହିଁ, ବରଂ ଏହାର ସକାରାତ୍ମକ ଦିଗ ଉପରେ ମନୋନିବେଶ କରେ ।

## ଅଳ୍ପରେ ଖବର

- ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ବୁଧବାର ଦିନ ବିଶିଷ୍ଟ କଳାକାର ଜଗଦୀଶ ଚନ୍ଦ୍ର କାନୁନଗୋଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କର ବୟସ ୮୬ ବର୍ଷ ଥିଲା ।ବାର୍ଦ୍ଧକ୍ୟ ଜନିତ ରୋଗ ଯୋଗୁଁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ ।
- ରାଜ୍ୟ କ୍ୟାବିନେଟ୍‌ର ୬ଟି ବିଭାଗର ଆଜି ୧୦ଟି ପ୍ରସ୍ତାବ ଗୃହୀତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଆୟୋଜିତ କ୍ୟାବିନେଟ୍ ବୈଠକରେ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ।
- ପବିତ୍ର ଚିତାଲାଗି ଅମାବାସ୍ୟାର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡ଼ିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପବିତ୍ର ଚିତାଲାଗି ଅମାବାସ୍ୟା ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା । ମହାପ୍ରଭୁଙ୍କ ଅପାର କୃପାରୁ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ ।

## ପୁରୀ ଗୋବର୍ଦ୍ଧନ ପୀଠ ଓ ସ୍ୱର୍ଗଦ୍ୱାର ବେଳାଭୂମିର ଉନ୍ନତିକରଣ ସମ୍ପର୍କରେ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ପୁରୀ ଗୋବର୍ଦ୍ଧନ ପୀଠର ସର୍ବାଙ୍ଗୀନ ବିକାଶ, ସୁରକ୍ଷା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଆଜି ଲୋକସେବା ଭବନ ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୁରୀର ଆଧ୍ୟାତ୍ମିକ ଗରିମାକୁ ବଢ଼ାଇବା ସହ ପୀଠର ସମ୍ପତ୍ତିର ସୁରକ୍ଷା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ପୀଠର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ପ୍ରତିଦିନ ଅନୁଷ୍ଠିତ ହେଉଥିବା ପବିତ୍ର ‘ସନ୍ଧ୍ୟା ମହୋଦଧି ଆରତୀ’ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ଏହି ଆରତୀ ସ୍ଥଳର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସନ୍ଧ୍ୟା ଆରତୀକୁ ଆହୁରି ଭବ୍ୟ ଆକାରରେ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସମଗ୍ର ପୁରୀ ବେଳାଭୂମିକୁ ଏକ ଭବ୍ୟ ଆଧ୍ୟାତ୍ମିକ ବେଳାଭୂମି ଭାବେ ବିକଶିତ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଗୋବର୍ଦ୍ଧନ ପୀଠର ଜମି ଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୁଣା ଲ୍ୟାଣ୍ଡ ସେଟେଲମେଂଟ ଦସ୍ତାବିଜ୍‌କୁ ପୁନର୍ବାର ସମ୍ପୂର୍ଣ୍ଣ ଯାଂଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିରାପତା ଓ ପୀଠ ପରିସରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଗୋବର୍ଦ୍ଧନ ପୀଠର ସମସ୍ତ ପୂର୍ବାଚାର୍ଯ୍ୟ ମାନଙ୍କ ପବିତ୍ର ସମାଧି ସ୍ଥଳର ସୁରକ୍ଷା ଓ ସଂରକ୍ଷଣ ଉପରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ । ମଠର ପାରିପାର୍ଶ୍ୱିକ ବିକାଶ ସହିତ ମଠ ପରିସରରେ ଥିବା ‘ଶ୍ରୀ ଗୋବର୍ଦ୍ଧନ ଗୋଶାଳା’ର ସୁପରିଚାଳନା ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗେଇଦେବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୋବର୍ଦ୍ଧନ ପୀଠର ସାଧୁସନ୍ଥ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ପୀଠର ଉନ୍ନତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂହ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଆଇନ ସଚିବ ଡକ୍ଟର ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ପୁରୀ ଏସପି ପ୍ରତୀକ ସିଂହ ପ୍ରମୁଖ ଯୋଗଦେଇଥିଲେ ।

## ବାଲେଶ୍ୱରର ସ୍ୱାସ୍ଥ୍ୟ ଭିତିଭୂମି ପାଇଁ ୩.୧୦ କୋଟି ଯୋଗାଇ ଦେଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ବାଲେଶ୍ୱର (ନି.ପ୍ର): କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାର ଦୁଇ ପ୍ରମୁଖ ଡାକ୍ତରଖାନାର ଉନ୍ନତିକରଣ ଲାଗି ନିଜ ସାଂସଦ ପାଣ୍ଠିରୁ ୩ କୋଟି ୧୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ସୁପାରିସ କରିଛନ୍ତି । ଏହି ଅର୍ଥ ଚିକିତ୍ସା ଭିତିଭୂମି ଉନ୍ନତୀକରଣ ଲାଗି ବିନିଯୋଗ କରାଯିବ । କେନ୍ଦ୍ର ମନ୍ତ୍ରୀଙ୍କ ସାଂସଦ ପାଣ୍ଠିରୁ ନୀଳଗିରି ଉପଖଣ୍ଡ ଡାକ୍ତରଖାନାକୁ ୧ କୋଟି ୪୦ ଲକ୍ଷ ଟଙ୍କା ଏବଂ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୧ କୋଟି ୭୦ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ । ଉତର ଉପକୂଳ ଓଡ଼ିଶାର ଅନ୍ୟତମ ପ୍ରମୁଖ ଜିଲ୍ଲା ବାଲେଶ୍ୱରର ଜନସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ, ୨୩ ଲକ୍ଷରୁ ଅଧିକ ହୋଇଥିବା ବେଳେ କେବଳ ବାଲେଶ୍ୱର ସହରରେ ୧ ଲକ୍ଷ ୭୪ ହଜାରରୁ ଅଧିକ ଲୋକ ବସବାସ କରନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହରର ଅନ୍ୟତମ ପ୍ରମୁଖ ସରକାରୀ ଡାକ୍ତରଖାନା ହୋଇଥିବାରୁ ଲକ୍ଷଲକ୍ଷ ଲୋକ ଏହି ଚିକିତ୍ସାଳୟ ଉପରେ ନିର୍ଭର କରିଥା’ନ୍ତି । ସାଂସଦ ପାଣ୍ଠିରୁ ମଞ୍ଜୁର ହୋଇଥିବା ଅର୍ଥରେ ଭେଷଜ ବ୍ଲକ, ଔଷଧ ଭଣ୍ଡାରଣ ଗୃହ, ମାତୃ ଓ ଶିଶୁ କମ୍ପ୍ଲେକ୍ସ, ଆପାତକାଳୀନ ବିଭାଗ, ଆଂଟି-ରେଟ୍ରୋଭାଇରାଲ ଥେରାପି କେନ୍ଦ୍ର, ସର୍ଜରୀ ୱାର୍ଡ, ଅପରେସନ ଥିଏଟର ଏବଂ ଜଳପାନ କକ୍ଷର ଉନ୍ନତିକରଣ କରାଯିବ । ସେହିପରି ୫୦ ଲକ୍ଷ ଟଙ୍କା ବ୍ୟୟରେ ରୋଗୀ ବିଶ୍ରାମ କକ୍ଷ ନିର୍ମାଣ କରାଯିବ । ଅନ୍ୟପକ୍ଷରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଖର୍ଚ୍ଚ ହେବାକୁ ଥିବା ୧ କୋଟି ୪୦ ଲକ୍ଷ ଟଙ୍କାରେ ଆଇପିଡି, ଔଷଧ ଭଣ୍ଡାରଣ ଗୃହ, ରୋଗୀ ବିଶ୍ରାମ କକ୍ଷ, ଆପାତକାଳୀନ ବିଭାଗ, ଜଳପାନ କକ୍ଷ, ସର୍ଜରୀ ୱାର୍ଡ ଓ ଅସ୍ତ୍ରୋପଚାର ଗୃହ, ଏସଡିଏମଓଙ୍କ କାର୍ଯ୍ୟାଳୟ ଏବଂ ଓପିଡି ବ୍ଲକର ଉନ୍ନତିକରଣ କରାଯିବାକୁ ପ୍ରସ୍ତାବ ରହିଛି ।

### ୧୦ ଓ ୨୦ ଟଙ୍କିଆ ପ୍ଲାଷ୍ଟିକ ନୋଟକୁ ମଞ୍ଜୁରି, ଆସିବ ୧୦୦ କୋଟି ନୋଟ୍

## ରାଜ୍ୟସଭାରେ ଲିଖିତ ଉତର ରଖିଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ



ନୂଆଦିଲ୍ଲୀ : ପ୍ଲାଷ୍ଟିକ ନୋଟକୁ ମିଳିଲା ମଞ୍ଜୁରି । କେନ୍ଦ୍ର ସରକାର ୧୦ ଓ ୨୦ ଟଙ୍କିଆ ପ୍ଲାଷ୍ଟିକ ନୋଟ୍ର ଫିଲ୍ଡ ଟ୍ରାଏଲ ବା କ୍ଷେତ୍ରୀୟ ପରୀକ୍ଷଣକୁ ମଞ୍ଜୁରି ପ୍ରଦାନ କରିଛନ୍ତି । ଉଭୟ ବର୍ଗରେ ୧୦୦ କୋଟି ଲେଖାଏଁ ପ୍ଲାଷ୍ଟିକ ନୋଟ ଜାରି କରାଯିବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ରାଜ୍ୟସଭାରେ ଏ ନେଇ ଲିଖିତ ଉତର ରଖିଛନ୍ତି । ଏହି ନୋଟ୍ ଗୁଡିକର ଫିଲ୍ଡ ଟ୍ରାଏଲ ନେଇ ରିଜର୍ଭ ବ୍ୟାଙ୍କ ପ୍ରସ୍ତାବ ଦେଇଥିଲା । ପରୀକ୍ଷଣ ସଫଳ ହେବା ପରେ ଉଭୟ ନୋଟ୍ ଗୁଡିକୁ ନିୟମିତ ଭାବେ ଜାରି କରାଯିବ । ଅର୍ଥମନ୍ତ୍ରୀ କହିଛନ୍ତି ଯେ, ସରକାର ଏହି ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି । ଆରବିଆଇ ମୁତାବକ, ପ୍ଲାଷ୍ଟିକ ନୋଟ୍ ଗୁଡିକୁ ଏବେ କାଗଜ ନୋଟ୍ ସହ ଜାରି କରାଯିବ । ଦେଶର ମୁଦ୍ରା ପରିଚାଳନା କ୍ଷେତ୍ରରେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି । ତେବେ ବର୍ତମାନ ଏହାକୁ ସାରା ଦେଶରେ ଲାଗୁ କରାଯିବ ନାହିଁ । ସେହିଭଳି କେବେ ଠାରୁ ଏହା ବଜାରକୁ ଆସିବ ସେ ନେଇ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇନାହିଁ । ଏ ନେଇ ପ୍ରୋକ୍ୟୋରମେଂଟ କାର୍ଯ୍ୟକ୍ରମ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି । ଅର୍ଥମନ୍ତ୍ରୀ ଆହୁରି କହିଛନ୍ତି, ଏବେ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ହେଉଛି । ଏହା ୨୦୨୩-୨୪ରେ ୫.୪% ଥିବା ବେଳେ ୨୦୨୪-୨୫ରେ ୪.୬% ଏବଂ ୨୦୨୫ ୨୬ରେ ୨.୧% ରହିଥିଲା । ୨୦୨୬-୨୭ ପ୍ରଥମ ତ୍ରୈମାସରେ ମୁଦ୍ରାସ୍ଫୀତି ୩.୯%କୁ ବଢ଼ିଛି । ଏଲିନିନୋ ଏବଂ ଯୁଦ୍ଧ ଯୋଗୁ ଏହା ମୁଦ୍ରାସ୍ଫୀତି ଚାପକୁ ବଢ଼ାଇଛି । ପରୋକ୍ଷ ଟିକସ ହ୍ରାସ ଯୋଗୁ ଏହା ଚାହିଦା ବୃଦ୍ଧିରେ ସହାୟକ ହୋଇଛି ।

### କ୍ୟାବିନେଟରେ ହେବ ବନ୍ୟା କ୍ଷୟକ୍ଷତି ଆଲୋଚନା

## ଚାଷୀଙ୍କୁ ଯୋଗାଇ ଦିଆଯିବ ସ୍ୱଳ୍ପ ମିଆଦି ଧାନ ବିହନ : ରାଜସ୍ୱମନ୍ତ୍ରୀ



ଭୁବନେଶ୍ୱର : ରାଜ୍ୟରେ ବନ୍ୟା କ୍ଷୟକ୍ଷତି ଆକଳନ ନେଇ ରାଜସ୍ୱ ମନ୍ତ୍ରୀଙ୍କ ବଡ଼ ସୂଚନା । ମନ୍ତ୍ରୀ କହିଛନ୍ତି ଯେ, କିଛି ଜିଲ୍ଲାରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିଲାଣି । କୃଷି ବିଭାଗର ସାହାଯ୍ୟ ନେଇ କ୍ୟାବିନେଟରେ କ୍ଷୟକ୍ଷତି ଆଲୋଚନା ହେବ । ଚାଷୀଙ୍କୁ ସ୍ୱଳ୍ପ ମିଆଦି ଧାନ ବିହନ ଯୋଗାଇ ଦିଆଯିବ । ସେହିପରି ପନିପରିବା ଚାଷୀଙ୍କ ପାଇଁ ମଧ ଅଧିକ ସାହାଯ୍ୟ ଦିଆଯିବ । କୃଷି, ସମବାୟ, ପଶୁସମ୍ପଦ ବିଭାଗ ଦ୍ୱାରା ସ୍ୱତନ୍ତ୍ର ପ୍ୟାକେଜ ଦିଆଯିବ । ସେଥିପାଇଁ ଡାଟା ବେସ୍ ପ୍ରସ୍ତୁତ କରାଯାଉଛି । ଯାହାର ଯାହା କ୍ଷତି ହୋଇଛି ସେଥିପାଇଁ ନିୟମାବଳୀ ହିସାବରେ କ୍ଷତିପୂରଣ ଦିଆଯିବ । କେହି ଯଦି ବଂଚିତ ହେଉଥାଆନ୍ତୁ ତେବେ ନିକଟସ୍ଥ ପଂଚାୟତ ଅଫିସ୍ କିମ୍ବା ନିକଟସ୍ଥ ବ୍ଲକ୍ ଅଫିସକୁ ଯାଇ ଜଣାଇପାରିବେ । କୌଣସି କେନ୍ଦ୍ରୀୟ ଟିମ୍ ଆସିବାର ଯୋଜନା ନାହିଁ । ଆବଶ୍ୟକ ହେଲେ କେନ୍ଦ୍ରକୁ ଅଧିକ ସହାୟତା ମାଗିବୁ । ଏବେ ସେକଥା ଚିନ୍ତା କରାଯାଇନି । କ୍ଷୟକ୍ଷତିର ଆକଳନ ପରେ ଜଣାପଡ଼ିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ କହୁଛନ୍ତି । ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ, ଲଘୁଚାପ ପ୍ରଭାବରେ ପୁଣି ଆସିପାରେ ବନ୍ୟା । ଓଡ଼ିଶାରେ ଗୋଟିଏ ପରେ ଗୋଟିଏ ବନ୍ୟା ଆସୁଛି । ବର୍ଷା ଓ ଲଘୁଚାପର ପୁଣି ସମ୍ଭାବନା ଅଛି । ବନ୍ୟା ବି ହେଉଛି । ଗତ ୧୫ ଦିନ ଭିତରେ ୨୪ଟି ଜିଲ୍ଲାର ୧୫୪ଟି ବ୍ଲକର ୮୭୯ଟି ଗ୍ରାମ ପଂଚାୟତ ଏବଂ ୨୮୫୫ଟି ଗାଁ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି । ସହରାଂଚଳରେ ୨୦୯ଟି ୱାର୍ଡରେ ୧୩ ଲକ୍ଷ ୭୧ ହଜାର ୩୩୮ ଲୋକ ପ୍ରଭାବିତ ହୋଇଛନ୍ତି । ୭ ଲକ୍ଷ ୨୨ ହଜାର ୭୩୨ ଲୋକଙ୍କୁ ପର୍ଯ୍ୟାୟକ୍ରମେ ୩୬୬ଟି ଗାଁରୁ ସ୍ଥାନାନ୍ତରିତ କରାଯାଇଛି । ୭୯ ହଜାର ୮୨୪ ହେକ୍ଟର ଚାଷ ଜମି , ୫୦୪୪ ଘର କ୍ଷତିଗ୍ରସ୍ତ ହୋଇଛି । ସରକାରଙ୍କ ପକ୍ଷରୁ ୭୮୩ ରିଲିଫ୍ କ୍ୟାମ୍ପ ଖୋଲାଯାଇଥିଲା । ଏହାଦ୍ୱାରା ୭ ଲକ୍ଷ ୨୬ ହଜାର ୪୪୧ ଲାଭାର୍ଥୀ ସାହାଯ୍ୟ ସହଯୋଗ ନେଇଥିଲେ । ୩୧ ସ୍ଥାନରେ ପଶୁ ସମ୍ପଦକୁ ସ୍ଥନତରିତ କରାଯାଇଥିଲା । ୯୦.୫ କ୍ୱିଂଟାଲ ଚଉଳ, ୩୫୬.୩ ଗୁଡ଼ ଦିଆଯାଇଛି । ପ୍ରଭାବିତ ଲୋକଙ୍କୁ ୮୭୦୮ ପଲିଥିନ ଦିଆଯାଇଛି । ୧୧୦ କୋଟି ଟଙ୍କା ବିଭିନ୍ନ ଜିଲ୍ଲାକୁ ଦିଆଯାଇଛି । ଆହୁରି ୨୬ କୋଟି ଟଙ୍କା ଅଧିକ ସାହାଯ୍ୟ ଦିଆଯାଇଛି ।

# ବାଲେଶ୍ୱରରେ ଅନୁଷ୍ଠିତ ହେଲା ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା



ବାଲେଶ୍ୱର(ନି.ପ୍ର) : ‘ବେଟି ବଚାଓ ବେଟି ପଢ଼ାଓ’ ଯୋଜନା ସମ୍ପର୍କିତ ଜିଲ୍ଲାସ୍ତରୀୟ ଏକ ଦିବସୀୟ ଦକ୍ଷତା ବିକାଶ କର୍ମଶାଳା ଜିଲ୍ଲାପାଳଙ୍କ ଅଡିଟୋରିୟମ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି ।ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତପନ କୁମାର ଖୁଣ୍ଟିଆ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ନାରୀ ସଶକ୍ତିକରଣ ଓ କିଶୋରୀ ବାଳିକାମାନଙ୍କ ସୁରକ୍ଷିତ ଭବିଷ୍ୟତ ଦିଗରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ମିଳିତ ପଦକ୍ଷେପକୁ ସ୍ୱାଗତ ଜଣାଇ ଥିଲେ । କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରୋଟେକ୍ସନ କମ୍ ପ୍ରୋଗ୍ରାମ ଅଧିକାରୀ ଶ୍ରୀମତୀ ଯୁଥିକାରାଣୀ ରାୟ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରୋଗ୍ରାମ ଅଧିକାରୀ ଶ୍ରୀମତୀ ଗିରିବାଳା ମହନ୍ତ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ପଂଚାୟତ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ପ୍ରଶିକ୍ଷକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଓକିଲ ଅମ୍ବୁଜା ଦାସ, ପ୍ରଶିକ୍ଷକ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିବ୍ୟଜ୍ୟୋତି ଦାସ, ପ୍ରଶିକ୍ଷକ ଲିଡ୍ ବ୍ୟାଙ୍କ୍ ଅଧିକାରୀ ମୋହିତ କୁମାର ସା ପ୍ରମୁଖ ମଂଚାସୀନ ହୋଇ କିଶୋରୀ ବାଳିକା ମାନଙ୍କର ଉଜ୍ଜ୍ୱଳ ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ବିଭିନ୍ନ ପ୍ରକାରର ଦକ୍ଷତା ବିକାଶର ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ । ଭଲ ସୂଚନା ଗୁଡ଼ିକ ନିଜେ ଜାଣିବା ସହିତ ଅନ୍ୟ ମାନଙ୍କୁ ଜଣାଇବା ଆବଶ୍ୟକ ବୋଲି କିଶୋରୀ ବାଳିକାମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କର୍ମଶାଳାରେ ଆଇନ, ପୋଲିସ ବ୍ୟାଙ୍କ୍ ସଂସ୍ଥାରୁ ଉପସ୍ଥିତ ଥିବା ୩ଜଣ ପ୍ରଶିକ୍ଷକଙ୍କ ଦ୍ୱାରା ମୌଳିକ କମ୍ପ୍ୟୁଟର ଶିକ୍ଷା, ଇ[ରନେଟ ବ୍ୟବହାର, ଇମେଲ ସେଟ୍ଅପ୍, ସୁରକ୍ଷିତ ଡିଜିଟାଲ ଅଭ୍ୟାସ, ପ୍ରଭାବଶାଳୀ ଯୋଗାଯୋଗ ଦକ୍ଷତା, ଦଳଗତ କାର୍ଯ୍ୟ ଓ ବୃତିଗତ ଶିଷ୍ଟାଚାର, ବୃତିଗତ ଦକ୍ଷତା, ଉନ୍ନତ କୌଶଳ ସହିତ ବ୍ୟବହାରିକ ତାଲିମ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । କିଶୋରୀ ବାଳିକାମାନଙ୍କୁ ଅଧିକ ଉତ୍ସାହିତ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ୪ଜଣ ଚାମ୍ପିଅନ କିଶୋରୀଙ୍କୁ ନଗଦ ଅର୍ଥ ରାଶି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । କର୍ମଶାଳାକୁ ଅଧିକ ସାରସ୍ୱତ କରିବା ନିମନ୍ତେ ଜିଲ୍ଲାର ସମସ୍ତ ଶିଶୁ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର, ଶିକ୍ଷକ/ଶିକ୍ଷିକା, ପ୍ରାୟ ୭୦ ଜଣରୁ ଉର୍ଦ୍ଧ୍ୱ କିଶୋରୀ ବାଳିକା, ଚଜଓ ସଭ୍ୟ/ସଭ୍ୟା, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟାଳୟର କର୍ମକର୍ତାଙ୍କ ସମେତ ଅନ୍ୟ ପ୍ରମୁଖ ଅଧିକାରୀ ସକ୍ରିୟ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ । ସମାଜ ମଙ୍ଗଳ କାର୍ଯ୍ୟାଳୟର ଜିଲ୍ଲା ପ୍ରୋଗ୍ରାମ ସଂଯୋଜକ(ମମତା) ବାମଦେବ ପାଣିଗ୍ରାହୀ ମଂଚ ପରିଚାଳନା କରିଥିଲେ । ପରିଶେଷରେ ମହିଳା ସଶକ୍ତିକରଣ କାର୍ଯ୍ୟାଳୟର ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ପାଳ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରି କର୍ମଶାଳାକୁ ଉଦଯାପନ କରିଥିଲେ ।

## ଭିଜିଲାନ୍ସ ଜାଲରେ ତୁଡ଼ିଗଡ଼ିଆ ଆରଆଇ



ବାଲେଶ୍ୱର/ଖଇରା(ନି.ପ୍ର.) ଜଣେ ବ୍ୟକ୍ତିଙ୍କ ନିକଟରୁ ଜମି ନାମଜାରୀ କରିବାକୁ ୫ହଜାର ଟଙ୍କା ନେଉଥିବା ବେଳେ ତୁଡିଗଡିଆ ରାଜସ୍ୱ ନିରିକ୍ଷକ ଶରତ କୁମାର ସେଠୀ ଙ୍କୁ ବାଲେଶ୍ୱର ଭିଜିଲାନ୍ସ ଟିମ ମାଡିବସିବା ସହ ଏକ ମାମଲା(ଭିଜିଲାନ୍ସ କେଶ ନମ୍ବର ୧୫/୨୬)ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି । ଡଗରପଡା ଓଗାଳପୁର ଗ୍ରାମର ସୁରେଶ କୁମାର ପଣ୍ଡାଙ୍କର ଏକ ନାମଜାରୀ ପାଇଁ ଦିନ ଗଡାଇ ଚାଲିଥିଲେ । ବୁଧବାର ୫ହଜାର ଟଙ୍କା ଦେଲେ କାମ ହେବ ବୋଲି କହିବା ପରେ ସୁରେଶ ଭିଜିଲାନ୍ସ କୁ ଜଣାଇଥିଲେ । ପୁର୍ବ ପ୍ରସ୍ତୁତି ଅନୁଯାୟୀ ବୁଧବାର ପୂର୍ବାହ୍ନରେ ସୁରେଶଙ୍କ ନିକଟରୁ ରାଜସ୍ୱ ନିରିକ୍ଷକ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ ମାଡି ବସିଥିଲା ।

## ବାଲେଶ୍ୱର ମହିଳା କଂଗ୍ରେସ କମିଟି ପକ୍ଷରୁ ‘ମା ତୁଝେ ସଲାମ’ କାର୍ଯ୍ୟକ୍ରମ



ବାଲେଶ୍ୱର(ନି.ପ୍ର.)ପବିତ୍ର ସ୍ୱାଧୀନତା ଦିବସ ପାଳିନ ଉପଲକ୍ଷେ ‘ମା ତୁଝେ ସଲାମ କାର୍ଯ୍ୟକ୍ରମ ଅନ୍ତର୍ଗତ’ମୋ ପତଙ୍ଗ-ମୋ ଅଭିବ୍ୟକ୍ତି -ମୋ ପରିଚୟ ‘ସ୍ଲୋଗାନ ଆଧାରିତ ତୀରଙ୍ଗା ପତଙ୍ଗ (ଗୁଡ଼ି) ରେ ନିଜ ଅଭିବ୍ୟକ୍ତି ପ୍ରକାଶ ପ୍ରତିଯୋଗିତା କରାଇବା ପାଇଁ ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଅଲକା ଲାମ୍ବା ଙ୍କ ନିର୍ଦ୍ଦେଶ ଓ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀ ପତୀଙ୍କ ପ୍ରୋତ୍ସାହନ ରେ କରାଗଲା ଏହା ବାଲେଶ୍ୱର ଜିଲ୍ଲା ମହିଳା କଂଗ୍ରେସ କମିଟିର ସଭାପତି ଉର୍ମିଳା ମାଝୀଙ୍କ ପ୍ରତକ୍ଷ ତତ୍ୱାବଧାନ ରେ ଅନୁଷ୍ଠିତ ହୋଇଯାଇଛି ଏଥିରେ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ପ୍ରତିମା ପଣ୍ଡା,ରେମୁଣା ମହିଳା କଂଗ୍ରେସ ନେତ୍ରୀ କୁମୁଦିନୀ ଦାସ. ସଦର ନାରୀ ନେତ୍ରୀ ସାଇନା ଅଖତର .ଦୀପ୍ତି ହାଁସଦା ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ବାସନ୍ତୀ ସାମଲଙ୍କ ସହ ଏକାଧିକ ନାରୀ ନେତ୍ରୀ ମାନେ ଯୋଗ ଦେଇଥିଲେ ।

## ବାଲେଶ୍ୱର ସଦର ମହକୁମାରେ ୮୦ ତମ ସ୍ୱାଧିନତା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେବେ ରାଜ୍ୟର ବରିଷ୍ଠ ମନ୍ତ୍ରୀ ପ୍ରଦୀପ କୁମାର ବଳସାମନ୍ତ



ବାଲେଶ୍ୱର:(ନିପ୍ର) ବାଲେଶ୍ୱର ସଦର ମହକୁମାରେ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ହେବାକୁ ଯାଉଥିବା ଅଶିତମ ସ୍ୱାଧିନତା ଦିବସ ଅବସରରେ ରାଜ୍ୟର ସମବାୟ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ମିଳିତ ପ୍ୟାରେଡ୍ ରେ ଅଭିବାଦନ ଗ୍ରହଣ କରିବେ । ବାଲେଶ୍ୱରର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରବୋଧ କୁମାର ମଲ୍ଲିକ ଓ ବୁଡାଣ ହେମ୍ବ୍ରମ୍ଙ୍କ ତତ୍ୱାବଧାନରେ ସ୍ୱାଧିନତାଦିବସରେ ପ୍ରତ୍ୟୁଷରୁ ରାମଧୂନ,ସହର ସଫେଇ,ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଜାତୀୟ ପତାକା ଉତୋଳନ ପୂର୍ବାହ୍ନ ୯ଟା ୧୫ ମିନିଟ୍ ସମୟରେ ପୋଲିସ ଲାଇନ୍ ପଡିଆ ଠାରେ ସରକାରୀ ସ୍ତରରେ ଜାତୀୟ ପତାକା ଉତୋଳନ, ମୁଖ୍ୟ ଅତିଥିଙ୍କ ଦ୍ୱରା ସମ୍ମିଳିତ ପ୍ୟାରେଡ୍ ଅଭିବାଦନ, ବିଭିନ୍ନ କୃତୀ ବ୍ୟକ୍ତି ବିଶେଷଙ୍କୁ ପୁରସ୍କାର ପ୍ରଦାନ, ସମର କଳା ପ୍ୟାରେଡ୍ ପୁରସ୍କାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର, ରୋଗୀ ମାନଙ୍କୁ ଫଳ ବିତରଣ ଅନ୍ୟାନ୍ୟ ଦିବ୍ୟାଙ୍ଗ ଅନୁଷ୍ଠାନ ସମେତ ଉତ୍କଳ ବାଳାଶ୍ରମ ଅନ୍ତେବସୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବ । ସେହିପରି ଅପରାହ୍ନରେ ପରମିଟ୍ ପଡ଼ିଆରେ ଜିଲ୍ଲାପ୍ରଶାସନ ଓ ଗଣମାଧମ ମଧରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଏବଂ ମହିଳା ମାନଙ୍କ ମଧରେ ମ୍ୟୁଜିକ୍ ଚେୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସର୍ବଶେଷରେ ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ପ୍ରଶାସନ ପକ୍ଷରୁ ଦେଶାତ୍ମକବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

## ବାଲେଶ୍ୱରରେ ଅନୁଷ୍ଠିତ ହେଲା ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା



ବାଲେଶ୍ୱର (ନି.ପ୍ର.)ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱରଠାରେ ‘ଫିଟ୍ କଲେଜ୍ ପ୍ରୋଗ୍ରାମ୍ ୨୦୨୬-୨୭’ ଅଧୀନରେ କେନ୍ଦ୍ରୀୟ ସମନ୍ୱୟ କମିଟି ଏବଂ ବିଭିନ୍ନ ଛାତ୍ର କ୍ଲବ୍ ?ର ସଦସ୍ୟ ଓ ପଦାଧିକାରୀ ଚୟନ ନିମନ୍ତେ ଗଠିତ ଚୟନ କମିଟି ଦ୍ୱାରା ଚୟନ ପ୍ରକ୍ରିୟା ଗତ ୧୦ ଅଗଷ୍ଟ ୨୦୨୬ ତାରିଖ ଅପରାହ୍ନ ୩ଟା ସମୟରେ ମହାବିଦ୍ୟାଳୟର ପିଏଲ୍ଟି ଶ୍ରେଣୀ ଗୃହର ପରିସରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।ଏହି ଚୟନ ପ୍ରକ୍ରିୟାର ଉଦ୍ଦେଶ୍ୟ ଥିଲା ଫିଟ୍ କଲେଜ୍ ପ୍ରୋଗ୍ରାମ୍ ଅଧୀନରେ କେନ୍ଦ୍ରୀୟ ସମନ୍ୱୟ କମିଟି ଓ ବିଭିନ୍ନ ଛାତ୍ର କ୍ଲବ୍ ?ରେ ଛାତ୍ର ପଦାଧିକାରୀ/ସଦସ୍ୟ ଚୟନ କରିବା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ସୁସ୍ଥ ଜୀବନଶୈଳୀ, ମାନସିକ ସୁସ୍ଥତା, ଶୃଙ୍ଖଳା, ନେତୃତ୍ୱ ଦକ୍ଷତା, ଦଳଗତ କାର୍ଯ୍ୟ ଏବଂ ସକ୍ରିୟ ଛାତ୍ର ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରହିଛି । ଚୟନ କମିଟିରେ ରହିଥିଲେ ସଭାପତି,ଡ. ଜୟଶ୍ରୀ ମିଶ୍ର, ମନୋବିଜ୍ଞାନ ବିଭାଗ,ସଦସ୍ୟ ଭାବରେ ଚୟନ କାର୍ଯ୍ୟ କରିଥଲେ ଆସୋସିଏଟ ପ୍ରଫେସର ଡ. ପ୍ରଫୁଲ୍ଲ ଚନ୍ଦ୍ର ରାଉତ, ପ୍ରାଣୀବିଜ୍ଞାନ ବିଭାଗ,ଡ. ଅଭିଜିତ ଦାସ, ବାଣିଜ୍ୟ ବିଭାଗ ଓ ସୟଦ୍ ଆରିଫ୍ ରାଜା, ଉଦ୍ଭିଦ ବିଜ୍ଞାନ ବିଭାଗ ।

ଡ. ସନ୍ତୋଷ କୁମାର ରାଉତ, ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ, ‘ଫିଟ୍ କଲେଜ୍ ପ୍ରୋଗ୍ରାମ୍’ର ନୋଡାଲ୍ ଅଫିସର ଭାବେ ଦାୟିତ୍ୱ ତୁଲାଇବା ସହ ଚୟନ ପ୍ରକ୍ରିୟାର ସମନ୍ୱୟ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଫିରୋଜ କୁମାର ପାଢ଼ୀ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସମ୍ମତି ପ୍ରଦାନ କରିବା ସହ ଏହାର ସଫଳ ଆୟୋଜନ ନିମନ୍ତେ ଆବଶ୍ୟକୀୟ ମାର୍ଗଦର୍ଶନ ଓ ସହଯୋଗ ପ୍ରଦାନ କରିଥିଲେ । ଚୟନ ପ୍ରକ୍ରିୟାରେ ନେତୃତ୍ୱ ଦାୟିତ୍ୱ ଗ୍ରହଣ କରିବାକୁ ଇଚ୍ଛୁକ ବହୁ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । କେନ୍ଦ୍ରୀୟ ସମନ୍ୱୟ କମିଟି ଏବଂ ବିଭିନ୍ନ ଛାତ୍ର କ୍ଲବ୍ ?ରେ ଛାତ୍ର ନେତୃତ୍ୱ ବିକାଶ ଓ ସକ୍ରିୟ ଅଂଶଗ୍ରହଣ ପାଇଁ ଏହି ଚୟନ ପ୍ରକ୍ରିୟା ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ପ୍ରଦାନ କରିଛି । ଏହା ମାଧ୍ୟମରେ ମହାବିଦ୍ୟାଳୟ ପରିସରକୁ ଏକ ସୁସ୍ଥ, ଶୃଙ୍ଖଳିତ, ସକ୍ରିୟ ଓ ଉତ୍ସାହପୂର୍ଣ୍ଣ ଶିକ୍ଷା ପରିବେଶରେ ପରିଣତ କରିବା ଦିଗରେ ଛାତ୍ରଛାତ୍ରୀମାନେ ଅବଦାନ ରଖିବାର ସୁଯୋଗ ପାଇବେ । କାର୍ଯ୍ୟକ୍ରମର ସଫଳ ସମାପନ ପାଇଁ ଚୟନ କମିଟିର ସମସ୍ତ ସଦସ୍ୟ, ନୋଡାଲ୍ ଅଫିସର, ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ଏବଂ ସମସ୍ତ ସହଯୋଗୀଙ୍କୁ ମହାବିଦ୍ୟାଳୟ କର୍ତୃପକ୍ଷଙ୍କ ପକ୍ଷରୁ କୃତଜ୍ଞତା ଓ ଧନ୍ୟବାଦ ଜ୍ଞାପନ କରାଯାଇଛି ।

## ଡିଇଓଙ୍କ ପ୍ରତିଶ୍ରୁତି ପରେ ପରିସ୍ଥିତି ସ୍ୱାଭାବିକ



ବାଲେଶ୍ୱର(ନି.ପ୍ର.) ସଦର ବ୍ଲକ ଅନ୍ତର୍ଗତ ରସାଳପୁର ପଂଚାୟତ ଅଧୀନ ଭୀମପୁର ଗ୍ରାମ ରେ ଥିବା ସତ୍ୟନାରାୟଣ ସରକାରୀ ଉଚ୍ଚ ନୋଡାଲ ବିଦ୍ୟାପୀଠ ର ତୃତୀୟ ଶ୍ରେଣୀ ରେ ପାଠ ପଢୁଥିବା ପବିତ୍ର ରଣା ବିଦ୍ୟାଳୟ ରେପାଠ ପଢା ଚାଲି ଥିବା ବେଳେ ପ୍ରାୟ ୧୧. ୪୫ମିନିଟ ରେ ସମୟ ରେ ବିଦ୍ୟଳୟ ବାହାରକୁ ପରିସ୍ରା କରିବାକୁ ଯାଇଥିବା ବେଳେ ଏକ ପାଗଳ କୁକୁର ଛାତ୍ର ଙ୍କ ଉପରେ ଆକ୍ରମଣ କରି ତା'ର ଡାହାଣ ହାତ ର ବୁଢା ଆଙ୍ଗୁଳି କୁ କାମୁଡି ଛିଡାଇ ଦେଇଥିଲା । ଆହତ ଛାତ୍ର ଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ସ୍ଥିତ ଏସ ସି ବି ମେଡିକାଲ କୁ ସ୍ଥାନାନ୍ତର କରାଯାଇ ଚିକସା କରାଯାଉଛି । ଛାତ୍ର ର ବାପା ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କ ନିକଟ ରେ ଅର୍ଥ ର ଅଭାବ ରହିଛି । ପ୍ରଧାନ ଶିକ୍ଷକ ଦଶ ହଜାର ଟଙ୍କା ସହାୟତା କରିଛନ୍ତି ଗତ ମଙ୍ଗଳ ବାର ଏଗାର ତାରିଖ ର ଏହି ଘଟଣା ପରେ ଆଜି ପୂର୍ବତନ ଛାତ୍ର ବିସ୍ମୟ ଦାସ ଓ ବିଦ୍ୟାଳୟ ର ଏସ ଏମ ସି କମିଟି ର ପୂର୍ବତନ ସଦସ୍ୟ ବିଜୟ ଭାସ୍କର ବେହେରା ଙ୍କ ନେତୃତ୍ୱ ରେ ବହୁ ଅଭିଭାବକ ବିଦ୍ୟାଳୟ ଫାଟକ ରେ ଦିନ ଆଠଟା ରୁ ତାଲା ପକାଇ ଧାରଣା ଦେଇଥିଲେ ।ପୁରାତନ ଛାତ୍ର ବିସ୍ମୟ ଦାସ ପ୍ରଧାନ ଶିକ୍ଷକ ଙ୍କୁ ନିଲମ୍ବନ କରିବା ଦାବି ରେ ଅନଶନ ରେ ବସିଥିଲେ ।ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ ଙ୍କ ପାଇଁ ଷୌଚାଳୟ ନିର୍ମାଣ କରିବା ଓ ପ୍ରଧାନ ଶିକ୍ଷକ ନିୟମିତ ବିଦ୍ୟାଳୟ କୁ ଆସି ପାଠ ପଢାଉ ନ ଥିବାରୁ ଅଭିଭାବକ ଓ ଛାତ୍ର ଛାତ୍ରୀ ମାନେ ଧାରଣା ଦେଇ ତାଲା ପକାଇଥିବା କହିଛନ୍ତି । ଏ ମର୍ମ ରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବି ପତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦିଆଯାଇଛି । ତେବେ ଖବର ପାଇ ଜିଲ୍ଲା ଶିକ୍ଷା ଅଧିକାରୀ ଅପରାହ୍ନ ରେ ଧାରଣା ସ୍ଥଳ ରେ ପହଂଚି ଅଭିଭାବକ ମାନଙ୍କ ସହ ଆଲୋଚନା କରିଥିଲେ । ଗୁରୁତର ଆହତ ଛାତ୍ର ଙ୍କ ଚିକିତ୍ସା ପାଇଁ ଜିଲ୍ଲା ରେଡ କ୍ରସ ପାଣ୍ଠି ରୁ ଅର୍ଥ ମଂଜୁର କରିବା ସହ ଖୁବ ଶୀଘ୍ର ସ୍କୁଲ ପରିସର ରେ ପିଲାଙ୍କ ପାଇଁ ଷୌଚାଳୟ ନିର୍ମାଣ ଓ ଆଉ ଜଣେ ଶିକ୍ଷକ ଏହି ବିଦ୍ୟାଳୟ ରେ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଫଳରେ ଆଜି ଅପରାହ୍ନ ରେ ଧାରଣା ପ୍ରତ୍ୟାହୃତ ହୋଇଛି ।

## ୩୭ ପଂଚାୟତକୁ ୨୭ହଜାର ତ୍ରିରଙ୍ଗା ବାଂଟିଲା ବ୍ଲକ ପ୍ରଶାସନ

ଖଇରା(ନି.ପ୍ର.): ଖଇରା ବ୍ଲକର ପାଖାପାଖି ୨୦ ମହିଳା ଗ୍ରୁପ ଦ୍ୱାରା ପ୍ରସ୍ତୁତ ୨୭ହଜାର୭ଶହ ତ୍ରିରଙ୍ଗା ବିଡିଓଙ୍କ ମାଧ୍ୟମରେ ବ୍ଲକ ପ୍ରଶାସନକୁ ପ୍ରଦାନ କରାଯାଇଛି । ବୁଧବାର ଅପରାହ୍ନରେ ପ୍ରତ୍ୟାଶା ବ୍ଲକ ସ୍ତରୀୟ ମହିଳା ମହାସଂଘର ସଭାପତି ସୁମିତ୍ରା ମହାପାତ୍ର,ସମ୍ପାଦକ ଏମବିକେ ସଂଘର ସଭାପତି ନିରୂପମା ନାୟକ ପ୍ରମୁଖ ଏହି ତ୍ରିରଙ୍ଗା ପତାକାକୁ ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରିଥିଲେ । ହସ୍ତାନ୍ତର ସମୟରେ ବିଡିଓ ନାରାୟଣ ସାହୁ,ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ବ୍ଲକ କାର୍ଯ୍ୟକ୍ରମ ସଂଯୋଜିକା ସୁଚିସ୍ମିତା ପରିଡା,ବିପିଏମ ନିହାର ରଞ୍ଜନ ଜେନା,ମୁଖ୍ୟ କିରାଣୀ ବ୍ରହ୍ମାନନ୍ଦ ଦାଶ ତଥା ମହିଳା ଗୋଷ୍ଠୀର ଇସି ସଦସ୍ୟ ମାନେ ଉପସ୍ଥିତ ଥିଲେ । ପରେ ବ୍ଲକ ପ୍ରଶାସନ ତଥା ସମସ୍ତ ପ□ାୟତ କ□ୃପକ୍ଷ ଓ ବିଭିନ୍ନ ସଙ୍ଗଠନକୁ ଏହି ତ୍ରିରଙ୍ଗା ବଂଟନ କରାଯାଇଥିଲା ।

## ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସଙ୍କ ୧୪୦ତମ ଜନ୍ମ ଜୟନ୍ତୀ



ଖଇରା(ନି.ପ୍ର.)କିଛି ଲୋକ ନିଜ ସ୍ୱାର୍ଥପାଇଁ ବଂଚୁଥିବା ବେଳେ ଅନ୍ୟ କିଛି ଲୋକ ନିଜ ଅଂଚଳ,ନିଜ ମାଟିକୁ ଭଲ ପାଇଁ ତାର ସେବାରେ ନିଜକୁ ଉତ୍ସର୍ଗ କରିଥାନ୍ତି । ମାଟିକୁ ଭଲ ପାଉଥିବା ଲେକ ଦୁନିଆରେ ଅମର ହୋଇ ରହିଯାନ୍ତି ବୋଲି ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସଙ୍କ ୧୪୦ତମ ଜନ୍ମ ଜୟନ୍ତିରେ ଯୋଗ ଦେଇଥିବା ବକ୍ତାମାନେ ଆଲୋକପାତ କରିଛନ୍ତି । ବୁଧବାର ପୂର୍ବାହ୍ନରେ ଖଇରା ବରିଷ୍ଠ ନାଗରିକ ମ□ କାର୍ଯ୍ୟାଳୟରେ ଆୟୋଜିତ ସ୍ମୃତିସଭାରେ କମିଟି ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ପୌରହିତ୍ୟ କରିଥିଲେ । ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ ମୁଖ୍ୟ ବକ୍ତା,ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ,ଅନ୍ତର୍ଯ୍ୟାମୀ ପାତ୍ର,ମୁକ୍ତିକାନ୍ତ ଶତପଥି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ମୃତି କମିଟି ସମ୍ପାଦକ ଅଭିରାମ ମହାପାତ୍ର ବିବରଣୀ ପାଠ କରିଥିଲେ । କମିଟି ସଭ୍ୟ ଜଗତାନନ୍ଦ ମହାପାତ୍ର,ରଘୁନାଥ ପତ୍ରୀ,ବସନ୍ତ କୁମାର ଖିଲାର ପ୍ରମୁଖ ଦିବଂଗତ ଆତ୍ମାକୁ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିବା ଅବସରରେ ତାଙ୍କ ଦ୍ୱାରା କରାଯାଇଥିବା ଜନକଲ୍ୟାଣ କାର୍ଯ୍ୟକ୍ରମର ଅବତାରଣା କରିଥିଲେ । ଆଗାମୀ ବର୍ଷ ମାନଙ୍କରେ ଏହାକୁ ବ୍ୟାପକ କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ । ସନ୍ତୋଷ କୁମାର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

## ନୀଳଗିରି ବସଷ୍ଟାଣ୍ଡ ସ୍ଥାନାନ୍ତରଣକୁ ବିରୋଧ କରି ଉପଜିଲ୍ଲାପାଳଙ୍କ ଠାରେ ଅଭିଯୋଗ

ସଜନାଗଡ଼,(ନିପ୍ର ): ନୀଳଗିରି ଏନ୍.ଏ.ସି. ମଧ୍ୟରେ ଥିବା ଏକମାତ୍ର ବସଷ୍ଟାଣ୍ଡ ଟି ଜନସାଧାରଣ ତଥା ଯାତ୍ରୀବହନ କରୁଥିବା ବସ୍ ?ଗୁଡ଼ିକର ରହଣୀ ଓ ପ୍ରତୀକ୍ଷାଳୟ ସୂଚାରୁରୂପେ ଚାଲୁଅଛି । ଏହା ମଧ୍ୟରେ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ ଉକ୍ତ ବସଷ୍ଟାଣ୍ଡ ଟି ଅତ୍ୟାଧୁନିକ ହୋଇନଥିବା କାରଣରୁ ଉକ୍ତ ବସ୍ ଷ୍ଟାଣ୍ଡ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ନିମନ୍ତେ ଯୋଜନା କରୁଅଛନ୍ତି । ଅତ୍ୟାଧୁନିକ ବସଷ୍ଟାଣ୍ଡ କରିବା ବିଧାୟକଙ୍କର ଉନ୍ନତମାନର ଚିନ୍ତାଧାରା ଥିଲେ ମଧ ନିଜଗଡ଼ ମୌଜାର ଥିବା ପ୍ଲଟ୍ ନମ୍ବର - ୧୮୯୧ ପ୍ଲଟ୍ ?ଟି ୧୯ନମ୍ବର ରାଜ୍ୟ ରାଜପଥ ସଂଲଗ୍ନ ଥାଇ ସଡ଼କଟି ସଙ୍କୀର୍ଣ୍ଣ ଅବସ୍ଥାରେ ରହିଅଛି । ଏହି ପ୍ଲଟ୍ ?ଟି ଶିକ୍ଷା ବିଭାଗର ଅନ୍ତର୍ଗତ ଅଟେ ଏବଂ ଏହା ପାର୍ଶ୍ୱରେ ସରକାରୀ ଉଚ୍ଚ ବିଦ୍ୟାଳୟ, ନୀଳଗିରି ଓ ଅଙ୍ଗନୱାଡ଼ି କେନ୍ଦ୍ର ଅବସ୍ଥିତ । ବସଷ୍ଟାଣ୍ଡ ହେଲେ ଗାଡି ମୋଟର ଯାନବାହାନର ବିକଟାଳ ଶବ୍ଦ ପିଲାମାନଙ୍କ ପାଠପାଢ଼ରେ ପ୍ରତିକୂଳ ପ୍ରଭାବ ପକାଇବ । ଏହା ଜନବସତି ମଧ୍ୟରେ ଅବସ୍ଥିତହେଉଥିବାରୁ ସ୍ଥାନୀୟ ଲୋକ ମଧ୍ୟ ବସଷ୍ଟାଣ୍ଡ ହେବାକୁ ନେଇ ବିରୋଧ କରୁଛନ୍ତି । ସେହି ତୁଳନାରେ ବାଲିଗୋହିରୀ ମୌଜାର ଥିବା ବସଷ୍ଟାଣ୍ଡ ଓ ରାସ୍ତା ବହୁତ ଉନ୍ନତ ମାନର, ଓସାରିଆ ଓ ବିଭିନ୍ନ ରାସ୍ତାର ସଂଯୋଗୀ କରଣ କରିଥିବା ଛକ ଭାବେ ଏହି ସବୁ ଦୃଷ୍ଟିରୁ ବିଚାର କରାଗଲେ ବାଲିଗୋହିରୀର ସ୍ଥିତ ବସଷ୍ଟାଣ୍ଡ ଜନସାଧାରଣଙ୍କ ଯାତାୟତରେ ସୁବିଧା ଓ ନିରାପଦ ହୋଇଅଛି ।ପ୍ରକାଶ ଥାଉକି ଉକ୍ତ ବସ ଷ୍ଟାଣ୍ଡ ରୁ ନୀଳଗିରି ଏନ, ଏ, ସି ଅଫିସ, ବ୍ଲକ ଅଫିସ, ଉପଜିଲ୍ଲାପାଳ ଅଫିସ, ତହସିଲ ଅଫିସ, ଉପଖଣ୍ଡ ଡାକ୍ତର ଖାନା ଓ କଚେରୀ କୋର୍ଟ କୁ ଯିବା ଆସିବା ସହଜ ହେବ କ୍ଷଏଣୁ ଉକ୍ତ ବସ୍ ?ଷ୍ଟାଣ୍ଡକୁ ଆଧୁନିକି କରଣ କରାଗଲେ ନୀଳଗିରି ଜନସାଧାରଣ ତଥା ବିଭିନ୍ନ ପ୍ରାନ୍ତରରୁ ଆସୁଥିବା ଲୋକମାନେ ନିରାପଦ ଓ ସୁବିଧା ପାଇ ପାରିବେ । ତେଣୁ ନୂତନ ବସଷ୍ଟାଣ୍ଡ ପାଇଁ ନିରୂପିତ ସ୍ଥାନକୁ ରଦ୍ଦ କରାଯାଇ ପୂର୍ବରୁ ଥିବା ବସଷ୍ଟାଣ୍ଡକୁ ଅତ୍ୟାଧୁନିକ କରାଯିବାର ବିହିତ ପଦକ୍ଷେପ ନେବା ପାଇଁ ନୀଳଗିରି କଂଗ୍ରେସ, ବିଜେଡ଼ି,ସିପିଆଇ,ସିପିଆଇ(ଏମ) ପକ୍ଷରୁ ଉପଜିଲ୍ଲାପାଳ ଙ୍କ ଠାରେ ଦାବୀ କରାଯାଇଛି । ଅନ୍ୟ ଦିଗରେ ବାଲେଶ୍ୱର ଜିଲ୍ଲାପାଳ, ବାଲେଶ୍ୱର ସାଂସଦ, ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ, ନୀଳଗିରି ବରିଷ୍ଠ ନାଗରିକ ସଙ୍ଘ ଠାରେ ଅଭିଯୋଗ ଫର୍ଦ ଦିଆଯାଇଛି ।ଦାବୀ ପୂରଣ ନହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ପାଇଁ କର୍ତୃପକ୍ଷ ଦାୟୀ ରହିବେ ବୋଲି ଏହି ବିରୋଧୀ ଦଳ ପକ୍ଷରୁ ଦୃଢ ଚେତାବନୀ ଦିଆଯାଇଛି ।

## ଦୂର୍ଘଟଣା ଏଡାଇବାକୁ ପ୍ରାଣିଚିକିତ୍ସା ବିଭାଗର ନୂଆ ପ୍ରୟାସ ବୁଲା ଗୋରୁ ଗାଈଙ୍କ ବେକରେ ରେଡିଅମ ବନ୍ଧା

ଖଇରା(ନି.ପ୍ର.) ବର୍ତମାନ ରାସ୍ତା ଉପରେ ଶହ ଶହ ସଂଖ୍ୟାର ବୁଲାଗୋରୁ ଗାଈ ଓ ଷଣ୍ଢ ଯାତ୍ରୀଙ୍କ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଥିବା ବେଳେ ଏହାକୁ ରୋକିବାକୁ ସରକାରଙ୍କ ପ୍ରାଣି ଚିକିତ୍ସା ବିଭାଗ ପକ୍ଷରୁ ଭିନ୍ନ ପ୍ରୟାସ ଆରମ୍ଭ ହୋଇଛି । ମଙ୍ଗଳବାର ସଂଧ୍ୟାରେ ଗୋଷ୍ଠୀ ପ୍ରାଣି ଚିକିତ୍ସାଧିକାରୀ ଡା ଶୁଭାଶିଷ ମହାପାତ୍ରଙ୍କ ତତ୍ୱାବଧାନରେ ଖଇରା ବଜାରରେ ଏହି କାର୍ଯ୍ୟର ଶୁଭାରମ୍ଭ କରାଯାଇଛି । ସଂଧ୍ୟା ୬ଟାରୁ ଖଇରା ବଜାର ତଥା ଆଖପାଖ ଅ□ଳରେ ପ୍ରାଣିଧନ ନିରିକ୍ଷକ ସୁଧାକର ନାୟକ ଜନହିତ ଯୁବକ ସଂଘର ସହଯୋଗରେ ୫୦ରୁ ଅଧିକ ଗୋରୁ ଗାଈଙ୍କ ବେକରେ ରେଡିୟମ ବ୍ୟାଣ୍ଡ ବାନ୍ଧିବାକୁ ସମର୍ଥ ହୋଇଥିଲା । ଆଗକୁ ସୋର-କୁପାରୀ,ରାଣିତାଲ-କୁପାରୀ ଓ ବ□ନା -ଆଗରପଡା ରାସ୍ତାରେ ରାସ୍ତା ଉପରେ ଚରାବୁଲା କରୁଥିବା ଗୋରୁଗାଈଙ୍କ ବେକରେ ବନ୍ଧାଯିବା କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରାଣି ଚିକିତ୍ସାଧିକାରୀ କହିଛନ୍ତି ।





# ଚାର୍ଜରେ ବସିବା ବେଳେ ଫାଟିଲା ବ୍ୟାଟେରୀ ଗାଡ଼ି, ଅଳ୍ପକେ ବର୍ତିଲେ ପରିବାର

ସୋର(ନିପ୍ର): ସୋର ପୌରପାଳିକା ୦୧ ନଂ ଓ୍ୱାର୍ଡ଼ ବଡ଼ଖୁରୀ ପଦ୍ମପୋଖରୀ ପାଖରେ ଘର କରି ରହୁଥିବା ବିହାରର ପ୍ରେମ କୁମାର ଦାସ ଗୁପ୍ତାଙ୍କୁ ବ୍ୟାଟେରୀ ସ୍କୁଟି ଚାର୍ଜ ଲାଗିଥିବା ବେଳେ ନିଆଁ ଲାଗି ଫାଟି ଭସ୍ମିଭୂତ ହୋଇଯାଇଛି । ସୂଚନା ଅନୁସାରେ ଆଜି ଭୋର ୦୪. ୧୦ ରେ ପ୍ରେମ କୁମାର ସ୍କୁଟି ଚାର୍ଜରେ ବସାଇ ଘର ବାହାରକୁ ଯାଇଥିଲେ । ବାହାରୁ ଆସି ଘର ଭିତରକୁ ଗଲା ବେଳକୁ ସ୍କୁଟିରେ ନିଆଁ ଲାଗି ଫାଟି ସାରା ଘର ଧୂଆଁମୟ ହୋଇଯାଇଥିଲା । ପ୍ରେମ କୁମାରଙ୍କୁ ପୁଅଙ୍କ କହିବା ଅନୁସାରେ ଉକ୍ତ ସ୍କୁଟିଟି ସୋର ଷ୍ଟେସନ ଛକରେ ଥିବା ମା ଦୁର୍ଗା ଇଭି ସ୍କୁଟର ଶୋରୁମରୁ ମାର୍ଚ୍ଚ ୧୨ରେ ୧ ଲକ୍ଷ ଟଙ୍କା ଦେଇ କିଣି ଥିଲେ । ଉକ୍ତ ଗାଡ଼ିର ଚାର୍ଜର ଖରାପ ହୋଇଯିବା ପରେ ଅନ୍ୟ ଏକ କମ୍ପାନୀର ଚାର୍ଜର ଶୋରୁମ ତରଫରୁ ଦିଆଯାଇଥିଲା । ଉକ୍ତ ସ୍କୁଟିର ବିସ୍ଫୋରଣରେ ପାଖରେ ରଖାଯାଇଥିବା । ଓଡ଼ି୦୧ଏଭି୪୫୯୮ ନଂ ବିଶିଷ୍ଟ ଟିଭିଏସ କମ୍ପାନୀର ୧୨୫ ସିସିର ଜୁପିଟର ସ୍କୁଟିଟି ସମ୍ପୂର୍ଣ୍ଣ ରୂପେ ପୋଡ଼ି ଭସ୍ମିଭୂତ ହୋଇଯାଇଛି । ଉପରେ ଥିବା ଏକ ସିଲିଂ ଫ୍ୟାନ ନଷ୍ଟ ହୋଇଯାଇଛି । ଖବର ପାଇ ସୋର ଦମକଳ ବାହିନୀ ଘଟଣା ସ୍ଥଳରେ ପହଂଚିବା ବେଳକୁ ଉଭୟ ଇ ସ୍କୁଟି ଓ ଟିଭିଏସ ସ୍କୁଟି ସମ୍ପୂର୍ଣ୍ଣ ରୂପେ ଜଳି ପୋଡ଼ି ଭସ୍ମିଭୂତ ହୋଇ ଯାଇଥିଲା ।

# ପଲ୍ଲୀ ବିକାଶର ୨୬ତମ ପ୍ରତିଷ୍ଠା ଦିବସ ପାଳିତ

ନୂଆପଡ଼ା(ନୀପ୍ର): ଚାଷୀ ଓ ମହିଳାଙ୍କ ସଶକ୍ତିକରଣ ସହ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ପଲ୍ଲୀ ବିକାଶର ୨୬ତମ ପ୍ରତିଷ୍ଠା ଦିବସ ଗତ ସୋମବାର ଦିନ ପଲ୍ଲୀ ବିକାଶ କାର୍ଯ୍ୟାଳୟ ପରିସରରେ ଉତ୍ସାହ ଓ ଆନନ୍ଦର ସହିତ ପାଳିତ ହୋଇ ଯାଇଛି । ଏହି ଅବସରରେ ବୋଡ଼େନ ଓ ଖଡ଼ିଆଳ ବ୍ଲକର ବହୁ ପ୍ରଗତିଶୀଳ ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ନେତୃମଣ୍ଡଳୀ ଏବଂ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ । ଶ୍ରୀଯୁକ୍ତ ଭକାଲୁ ତାଣ୍ଡି ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପଲ୍ଲୀ ବିକାଶର ବାର୍ଷିକ କାର୍ଯ୍ୟକ୍ରମ, ଗତ ବର୍ଷର ସଫଳତା ଏବଂ ଆଗାମୀ କାର୍ଯ୍ୟ ଖସଡ଼ା ଉପରେ ଆଲୋଚନା କରାଯାଇଥିଲା । ଅଧ୍ୟକ୍ଷ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ବାର୍ଷିକ ବିବରଣୀ ଉପସ୍ଥାପନା ସହିତ ଆଗାମୀ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ଏବଂ ଲୋକଙ୍କ ମତାମତ ଓ ପରାମର୍ଶକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ହେଉଛି ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପାଞ୍ଜଳୀ ନନ୍ଦ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବିଧାୟକଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଅକ୍ଷୟ ନନ୍ଦ, ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ମୋତିଲାଲ ବାଗ, ବୋଡ଼େନ ବ୍ଲକ କୃଷି ଅଧିକାରୀ ଶ୍ରୀଯୁକ୍ତ ଦୁଃଖୀରାମ ଟୁଡୁ, ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର କୁଳପତି ଶ୍ରୀଯୁକ୍ତ ଶମ୍ଭୁକିଶୋର ଦଣ୍ଡସେନା, ଜିଲ୍ଲା ଶ୍ରୀ ଅନ୍ନ ଅଭିଯାନ ସଂଯୋଜକ ଶ୍ରୀଯୁକ୍ତ ନରସିଂ ଜଗତ, ବୋଡ଼େନ ଆତ୍ମା ଅଧ୍ୟକ୍ଷ




ଶ୍ରୀଯୁକ୍ତ ଶୁଭେନ୍ଦୁ ସେଠୀ ଏବଂ ଶିକ୍ଷାବିତ ଶ୍ରୀଯୁକ୍ତ ନନ୍ଦଲାଲ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟବକ୍ତା ଶ୍ରୀଯୁକ୍ତ ସୁଧାଂଶୁ ଶେଖର ବାରିକ ଗ୍ରାମୀଣ ବିକାଶ, ଚାଷୀଙ୍କ ଆୟ ବୃଦ୍ଧି, ମହିଳା ସଶକ୍ତିକରଣ ଏବଂ ସ୍ୱୟଂ ନିର୍ଭରଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ ।ପଲ୍ଲୀ ବିକାଶର ସମ୍ପାଦକ ଡ଼କ୍ଟର ସୁରେଶ କୁମାର ରାଉତ ପଲ୍ଲୀ ବିକାଶର ବାର୍ଷିକ ବିବରଣୀ ଉପସ୍ଥାପନ କରିବା ସହିତ ଗତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ, ସଫଳତା, ଲୋକଙ୍କ ଜୀବିକା ବିକାଶରେ ସଂଗଠନର ଭୂମିକା ଏବଂ ଆଗାମୀ ଦିନର କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମରେ ପଲ୍ଲୀ ବିକାଶର ବିଭିନ୍ନ କାର୍ଯ୍ୟକ୍ରମରୁ ସଫଳତା ହାସଲ କରିଥିବା ଉପଭୋକ୍ତା ମାନେ ନିଜର ଆର୍ଥିକ ଓ ସାମାଜିକ ବିକାଶର ଅନୁଭୂତି ଓ ସଫଳତାର କାହାଣୀ ଉପସ୍ଥାପନ କରିଥିଲେ । ସେମାନେ କିପରି ବିଭିନ୍ନ ଜୀବିକା ଓ କୃଷିଭିତିକ କାର୍ଯ୍ୟକଳାପ ମାଧ୍ୟମରେ ନିଜ ପରିବାରର ଆୟ ବୃଦ୍ଧି କରିବା ସହିତ ସାମାଜିକ ଭାବେ ସଶକ୍ତ ହୋଇପାରିଛନ୍ତି, ସେ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ପଲ୍ଲୀ ବିକାଶର ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳତାର ସହିତ କାର୍ଯ୍ୟାନ୍ୱୟନ କରିଥିବା ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ୨୦ ଜଣ ପ୍ରଗତିଶୀଳ ଚାଷୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ଓ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମର ମଂଚ ପରିଚାଳନା ସହଦେବ ରାଉତ କରିଥିବା ବେଳେ ଶେଷରେ ଭକ୍ତ ଚରଣ ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟକ୍ଷଙ୍କ ଅନୁମତି କ୍ରମେ ସଭାର ସମାପନ କରାଯାଇଥିଲା । ଲୋକଙ୍କ ସହ, ଲୋକଙ୍କ ପାଇଁ ଏବଂ ଲୋକଙ୍କ ମତାମତକୁ ଆଧାର କରି ସ୍ଥାୟୀ ବିକାଶ"ର ସଂକଳ୍ପ ସହ ପଲ୍ଲୀ ବିକାଶର ୨୬ତମ ପ୍ରତିଷ୍ଠା ଦିବସ ସମାପ୍ତ ହୋଇଥିଲା ।

# ଭାରତ ମାତା କି ଜୟ ଓ 'ବନ୍ଦେ ମାତରମ୍' ନାରାରେ କମ୍ପିଲା କନ୍ହେଇବନ୍ଧ

ଖୁଂଟା(ନିପ୍ର): ଆଗାମୀ ୮୦ତମ ସ୍ୱାଧୀନତା ଦିବସ ପାଳନ ପରିପ୍ରେକ୍ଷୀରେ କନ୍ହେଇବନ୍ଧ ମଣ୍ଡଳ ବିଜେପି ପକ୍ଷରୁ ଏକ ଭବ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ମଣ୍ଡଳ ସଭାପତି ଦୁଷ୍ମନ୍ତ ଘୋଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶୋଭାଯାତ୍ରାରେ ବାରିପଦା ବିଧାନସଭାର ବିଧାୟକ ପ୍ରକାଶ ସୋରେନ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କନ୍ହେଇବନ୍ଧ ବଡାମ ମଣ୍ଡପରୁ ବାହାରିଥିବା ଶୋଭାଯାତ୍ରା ଧନାପନ୍ନା ହନୁମାନ ମନ୍ଦିର ଓ କନ୍ହେଇବନ୍ଧ ବଜାର ପରିକ୍ରମା



କରିଥିଲା । ହାତରେ ତ୍ରିରଙ୍ଗା ଧରି ଶତାଧିକ ଲୋକ 'ଭାରତ ମାତା କି ଜୟ' ଓ 'ବନ୍ଦେ ମାତରମ୍' ନାରା ଦେବାରୁ ସମଗ୍ର ଅଂଚଳ ଦେଶପ୍ରେମର ଭାବନାରେ ମୁଖରିତ ହୋଇଥିଲା । କାର୍ଯ୍ୟକ୍ରମରେ ପୂର୍ବ ମୟୂରଭଞ୍ଜ ଜିଲ୍ଲା ବିଜେପି ଉପସଭାପତି ରଞ୍ଜନ କୁମାର ମଡୁଆଳ, ମଣ୍ଡଳ ପ୍ରଭାରୀ ପ୍ରମୋଦ କୁମାର ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ପଦ୍ମଲୋଚନ ନାୟକ ଓ ସୁଦର୍ଶନ ବେହେରା, ଯୁବମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ବରିଷ୍ଠ କାର୍ଯ୍ୟକର୍ତା ସୁଶାନ୍ତ ମହାପାତ୍ର, ରୀନା ମହାନ୍ତ, ସ୍ୱରୂପ ମହାପାତ୍ର ଓ ଉପେନ୍ଦ୍ର ନାଏକ, ବରିଷ୍ଠ ସାମ୍ବାଦିକ ଦୀପକ କୁମାର ଚୌଧୁରୀଙ୍କ ସମେତ କନ୍ହେଇବନ୍ଧ ଡି.କେ. ହାଇସ୍କୁଲର ଶହ ଶହ ଛାତ୍ରଛାତ୍ରୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧାରଣ ଜନତା ସାମିଲ ହୋଇଥିଲେ । ସମସ୍ତଙ୍କ ସହଭାଗିତାରେ ତ୍ରିରଙ୍ଗା ଶୋଭାଯାତ୍ରାଟି ଉତ୍ସାହ ଓ ଦେଶପ୍ରେମର ବାର୍ତା ଦେଇ ସଫଳତାର ସହ ସମ୍ପନ୍ନ ହୋଇଥିଲା ।

# ଔପନ୍ୟାସିକ କାହ୍ନୁ ଚରଣ ମହାନ୍ତିଙ୍କ ଜୟନ୍ତୀ ସମାରୋହ



କଟକ(ନିପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ ଲବ୍ଧପ୍ରତିଷ୍ଠ ଔପନ୍ୟାସିକ କାହ୍ନୁଚରଣ ମହାନ୍ତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ କଟକସ୍ଥିତ ବାଣୀ ପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଅତିଥି ମାନଙ୍କୁ ମଂଚକୁ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସଞ୍ଜୟ ସିଂହ, ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ । ମଂଚମଣ୍ଡନ କରିଥିଲେ ବିଶିଷ୍ଟ ଅତିଥି ତଥା ସାହିତ୍ୟିକା ଡକ୍ଟର ବିଷ୍ଣୁପ୍ରିୟା ଓତା ଓ ବ୍ରହ୍ମାନନ୍ଦ ବିଶ୍ୱାଳ । ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ଡକ୍ଟର ନାରାୟଣ ପଣ୍ଡା, ସମ୍ମାନନୀୟ ବକ୍ତା ସାହିତ୍ୟିକ ଡକ୍ଟର ଜ୍ଞାନରଞ୍ଜନ ପଣ୍ଡା, ସଭାମୁଖ୍ୟ ତଥା ସଭା ପରିଚାଳନା କରିଥିଲେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ।

# ଉତ୍କଳ ଫ୍ୟାଶନ୍ ଆଇକନ୍ ୨୦୨୬

କଟକ(ନିପ୍ର): କଟକର ସି ଡି ଏ ସ୍ଥିତ ରାଇସିନା ମଣ୍ଡପରେ ଉତ୍କଳ ଫ୍ୟାଶନ୍ ଆଇକନ୍ ୨୬ଅନୁଷ୍ଠିତ ହୋଇ ଯାଇଛି । ଉଦଘାଟନୀ ଉତ୍ସବରେ ବାରବାଟୀ କଟକର ଏମ୍ ଏଲ୍ ଏ ସୋଫିଆ ଫିରଦୋସ, ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର, ଲଲାଟେନ୍ଦୁ ସାମନ୍ତରାୟ, ଭାରତ ମସଲା ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ପଣ୍ଡା , ବିଜେପି ନେତା ଲଲାଟେନ୍ଦୁ ବଡୁ, ଡକ୍ଟର ସୟାଦ ମେହେବୁବ ଅଲି ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ସିଡିଏର ବରିଷ୍ଠ ନାଗରିକମାନେ ଏହି ରାମ୍ପ ଶୋ'ରେ ରେଡ୍ କାର୍ପେଟରେ ପ୍ରଥମ ଥର ଚାଲିବା ଯାହା ଶୋ'ର ମୁଖ୍ୟ ଆକର୍ଷଣ ଥିଲା ସମାପନୀ ଉତ୍ସବରେ ଓଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରିର ଅଭିନେତା ଅରିନ୍ଦମ ରାୟ ଏବଂ ପିହୁ ମହାପାତ୍ର ରକଷ୍ଟାର ଗାୟକ ଅଂଶୁମାନ ନାୟକ ଏବଂ ଅନ୍ତରା, ସଂଗୀତ ପ୍ରଯୋଜିକା ପ୍ରିୟମ୍ବଦା ସାରଙ୍ଗୀ ବରିଷ୍ଠ ଓକିଲ ଲକ୍ଷ୍ମୀକାନ୍ତ ପାଙ୍ଗାରୀ, ବିଶ୍ୱଜିତ ସୂର୍ଯ୍ୟବଂଶୀ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ବଂଟନ କରିଥିଲେ । ଏଥର ଶ୍ରେଷ୍ଠ ଯୁବ ଉତ୍କଳ ଆଚିଭର ପୁରସ୍କାର ଓକିଲ ତନ୍ମୟ ମିଶ୍ରଙ୍କୁ ପ୍ରଦାନ କରାଗଲା । ସୁଭେନ୍ଦୁ ମହାନ୍ତି, ପ୍ରତ୍ୟୁସ ବାରିକ, ଦିଲୀପ ରୟ, କେଦାର ସାରଙ୍ଗୀ, ଜ୍ଞାନ ରଂଜନ ପଟ୍ଟନାୟକ, ଜ୍ଞାନ ପରିଡା, ସୁଜିତ ସ୍ୱେନ୍, ଅଶୋକ ସାରଙ୍ଗୀଙ୍କ ତତ୍ତ୍ୱାଧାନରେ ଏହି କାର୍ଯ୍ୟକ୍ରମଟି ସୁରୁଖୁରୁରେ କରାଯାଇଥିଲା ।ଏଥର ସ୍ୱା ର ନୂତନ ଗ୍ରୀଷ୍ମ ଏବଂ ବର୍ଷା ସଂଗ୍ରହ ଯାହା ଇଣ୍ଡୋ-ଓ୍ୱେଷ୍ଟର୍ଣ୍ଣ ବ୍ଲେଣ୍ଡ ସହିତ ହସ୍ତ ଚିତ୍ରକଳା, ଓଡ଼ିଶା ହସ୍ତତନ୍ତ ଏବଂ ଖଦି ହସ୍ତତନ୍ତରେ ହସ୍ତକାର୍ଯ୍ୟର ହାତ ତିଆରି ଏବଂ କାରିଗରି ଏବଂ ଉତ୍କଳ ଫ୍ୟାଶନ୍ ଆଇକନ୍ ଟାଇଟଲ୍ ବିଜେତାମାନେ ଛୋଟ ପିଲାଙ୍କ ଗୋଷ୍ଠୀରେ ଶ୍ରେୟାନଭି ଏବଂ ଶିବଂଶ, ପିଲାଙ୍କ ଗୋଷ୍ଠୀରେ ସାନଭି, ଆରୁଶ, କିଶୋର ଗୋଷ୍ଠୀ ସମିଖାୟା ଏବଂ ଆୟୁଷ ମିସ୍ ଗ୍ରୁପ୍ ଓଡିଶା, ମିଷ୍ଟର ଗ୍ରୁପ୍ କରନ୍, ମିସ ଗ୍ରୁପ୍ ସାବିତା ଶୀର୍ଷକ ହସଲ କରିଛନ୍ତି ।

# ଓଭର ବ୍ରିଜ ନିର୍ମାଣରେ ଅନିୟମିତ ଅଭିଯୋଗ

ସୋର(ନିପ୍ର): ସୋର ରେଳ ଷ୍ଟେସନରେ ନିର୍ମାଣାଧୀନ ଦ୍ୱିତୀୟ ପାଦଚଲା ଓଭର ବ୍ରିଜର ପାହଚ ନିର୍ମାଣରେ ଅନିୟମିୟତା ଅଭିଯୋଗ ହୋଇଛି । ଏହି ବ୍ରିଜର ୪ ଓ ୫ ନମ୍ବର ପ୍ଲାଟ ଫର୍ମରେ ପାହୁଚ ନିର୍ମାଣ ପାଇଁ ପକାଯାଇଥିବା ସ୍ଲାପ ଗୁଡ଼ିକ ଯେତିକ ଲମ୍ବ ରହିବା କଥା ସେପରି କରାନଯାଇ ଅଳ୍ପ ଜାଗାରେ ପାହୁଚ ଗୁଡ଼ିକ ଉଚ୍ଚତା ୬/୭ ଇଂଚ ଏବଂ ଓସାର ୫/୬ ଇଂଚ କରାଯିବା ଦ୍ୱାରା ଏହି ପାହଚରେ ପାଦ ରଖି ସାରରଣ ଭାବେ ଉଠିବା କଷ୍ଟକର ହେବା ବେଳେ ବରିଷ୍ଠ ବ୍ୟକ୍ତି, ସାନପିଲା ଏବଂ ରୋଗଗ୍ରସ୍ତ ଲୋକମାନଙ୍କ ଉଠିବା ପାଇଁ କଷ୍ଟକର ହୋଇପଡ଼ିବ ବୋଲି ଯାତ୍ରୀମାନେ ଅଭିଯୋଗ କରିଥିଲେ । ଏଠାରେ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ପଚାରିବାରେ ସେ ଏହାକୁ ପରେ ଓସାର କରାଯିବ ବୋଲି ବାହାନା କରିଛନ୍ତି । ଏହି କନ୍ଷ୍ଟ୍ରକସନକୁ ଭାଙ୍ଗି ଏହାକୁ କମ ଉଚ୍ଚତା ଏବଂ ଓସାରିଆ ପାହୁଚ କରିବା ପାଇଁ ଯାତ୍ରୀମାଦେ ଦାବି କରିଛନ୍ତି ।

# ଏସଆଇଆର କାର୍ଯ୍ୟର ଅଗ୍ରଗତି ସମୀକ୍ଷା

ଜଗତସିଂହପୁର(ନିପ୍ର): ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ନୂତନ ସମୟସୂଚୀ ଅନୁଯାୟୀ ଦାବି ଓ ଆପତି ଦାଖଲର ଶେଷ ତାରିଖ ୧୯ ଅଗଷ୍ଟ, ନୋଟିସ ଜାରି ଓ ଦାବି-ଆପତି ଶୁଣାଣିର ଶେଷ ତାରିଖ ୧୭ ସେପ୍ଟେମ୍ବର ଏବଂ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ୨୧ ସେପଟ୍ଟେମ୍ବର କରାଯିବ ବୋଲି ସୂଚନା ଦିଆଯାଇଥିଲା । ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ ଏବଂ ନକଲି ଭୋଟରଙ୍କ ବିବରଣୀ ସମ୍ପର୍କରେ ସମସ୍ତ ତଥ୍ୟ ଓ୍ୱେବସାଇଟରେ ଉପଲବ୍ଧ ଥିବା ବେଳେ, ଫର୍ମ-୬, ୭, ୮, ୯, ୧୦, ୧୧, ୧୧(ଏ) ଏବଂ ୧୧(ବି) ସମ୍ବନ୍ଧୀୟ ସମସ୍ତ ସୂଚନା ମଧ୍ୟ ଅନ୍‌ଲାଇନରେ ଦେଖିହେବ ବୋଲି ବୈଠକରେ ଅବଗତ କରାଯାଇଥିଲା । ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀ ଯଥା ୧୦୧ – ପାରାଦୀପ, ୧୦୨ – ତିର୍ତୋଲ, ୧୦୩- ବାଲିକୁଦା ଏରସମା ଏବଂ ୧୦୪- ଜଗତସିଂହପୁର ଲାଗି ଜାରି ହୋଇଥିବା ସମସ୍ତ ୧,୩୪,୨୦୪ ଟି ନୋଟିସ ଗୁଡିକୁ ସଫଳତାର ସହିତ ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ୧,୦୭,୬୨୮ ଟି ନୋଟିସର ଶୁଣାଣି ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦିଆଯାଇଥିଲା । ବୈଠକରେ ବିଜେଡି ପକ୍ଷରୁ ଲୋକନାଥ ସ୍ୱାଇଁ, କଂଗ୍ରେସ ପକ୍ଷରୁ ସୁଶୀଲ କୁମାର ଦାଶ, ବିଜେପି ପକ୍ଷରୁ ଲିଙ୍ଗରାଜ ଲେଙ୍କା, ବହୁଜନ ସମାଜ ପାର୍ଟି ତରଫରୁ ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ମତଦାତା ଶିକ୍ଷା ଓ ନିର୍ବାଚନୀ ଅଂଶଗ୍ରହଣ ନୋଡାଲ ଅଧିକାରୀ ଶ୍ରୀମତୀ ତୃପ୍ତିମୟୀ ପ୍ରଧାନ ଓ ଡେପୁଟି କଲେକ୍ଟର (ନିର୍ବାଚନ) ପ୍ରଶାନ୍ତ କୁମାର ସେଠୀ ବୈଠକରେ ଉପସ୍ଥିତ ରହି ରାଜନୈତିକ ଦଳର ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତର ଦେଇଥିଲେ ।

# ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ

ବୈଶିଙ୍ଗା(ନିପ୍ର): ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ଗଭର୍ଣ୍ଣିଂ ବଡି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଡାକ୍ତର ଖାନାର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସିପୁନ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବଡସାହି ନିର୍ବାଚନ ମଣ୍ଡଳୀର ବିଧାୟକ ସନାତନ ବିଜୁଳି, ଜିଲ୍ଲା ମୁଖ୍ଯ ଚିକିତ୍ସା ଅଧିକାରୀ ବିଶ୍ୱନାଥ ଦାସ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ଦାଶ ଓ ଡାକ୍ତର ଶାନ୍ତନୁ କୁମାର ଦାଶ ପ୍ରମୁଖ ଯୋଗଦାନ କରି ପ୍ରଥମେ ଡାକ୍ତର ଖାନା ପରିସର ପରିଦର୍ଶନ କରିଥିଲେ । ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ ।




ଏହା ପରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ସେଥିରେ ଡାକ୍ତରଖାନାର ବିଭିନ୍ନ ସମସ୍ୟା ଆଲୋଚନା ହୋଇଥିଲା । ରୋଗୀମାନଙ୍କୁ ଠିକ ଭାବରେ ଚିକିତ୍ସା ସେବା, ଔଷଧ, ଅଲଟ୍ରାସାଉଣ୍ଡ, ଏକ୍ସରେ, ରୋଗୀ ମାନଙ୍କୁ ଖାଦ୍ୟ ବଂଟନ ସୁବିଧା ସଠିକ ଭାବରେ କାର୍ଯ୍ୟକାରୀ ହେଉଛି କି ନାହିଁ ସେ ସମ୍ପର୍କରେ ବିଧାୟକ ସନାତନ ବିଜୁଳି ତାଗିଦ କରିଥିଲେ । ସ୍ୱାସ୍ଥ୍ୟସେବାର ଭିତିଭୂମିକୁ ଅଧିକ ସୁଦୃଢ଼ କରିବା ଓ ଉନ୍ନତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ବିଷୟରେ ଡାକ୍ତର ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । କୌଣସି ରୋଗୀ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ବିଷୟରେ ତାଗିଦ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିପିଏମ ସସ୍ମିତା ଦାଶ ମଂଚ ପରିଚାଳନା କରିଥିଲେ । ସମ୍ମାନୀତ ଅତିଥି ଭାବରେ ଏବିଡିଓ ଗଗନ ବିହାରୀ ବେହେରା, ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡା, ରୋଗୀ କଲ୍ୟାଣ ସମିତି ର ସଦସ୍ୟ ଛତିଶ କୁମାର ପାତ୍ର, ପ୍ରଦୀପ ପରିଡା, ଡିପିଏମ ଅନିଲ ମହାନ୍ତି, ସିଡିପିଓ ଛବିରାଣୀ ବେହେରା, ପିଏଚଇଓ ମଞ୍ଜୁଶ୍ରୀ ଦାଶ, ସିନିୟର ଆସିଷ୍ଟାଂଟ ଅମିତାଭ ଦାଶ, ବିଏଏମ ତରୁଣ କୁମାର ପାତ୍ର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।

**ଦ.ପୂ. ରେଳପଥ - ନିଲାମ**

ଇ-ଟେଣ୍ଡର ନୋଟିସ୍ ନଂ. ଏମ୍-ବିଜିଓ୍ୱାଇ-ଭିଜେଡ୍ଆର-କୋଚ୍-ସିଏଲ୍ଏନ୍‌ଜି-୨୬-ଆର. ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ସହକାରୀ ବିଭାଗୀୟ ଯାନ୍ତ୍ରିକ ଇଞ୍ଜିନିୟର, ଏସ୍. ଇ ରେଳବାଇ, ଖଡ଼ଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି: କାର୍ଯ୍ୟର ବର୍ଣ୍ଣନା: ଫଳାଫଳ ଆଧାରରେ ତିନି ବର୍ଷ ପାଇଁ ବାଙ୍ଗିରିପୋଷି (ବିଜିଓ୍ୱାଇ) ଏବଂ ଭଞ୍ଜପୁର (ଭିଜେଡ୍ଆର) ରେ କୋଚଗୁଡ଼ିକର ଭିତର ସଫା । ବିଜ୍ଞାପିତ ମୂଲ୍ୟ: ୨୯,୯୬,୪୯୦.୪୮ । ଆୟ ଟଙ୍କା: ୫୯,୯୦୦/- । ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୦୭.୦୯.୨୦୨୬ ଅପରାହ୍ନ ୧୫.୦୦ ଟାରେ । ଓ୍ୱେବସାଇଟ୍ ବିବରଣୀ ଏବଂ ବିବରଣୀ: www.ireps.gov.in ନିଲାମ ଆରମ୍ଭ ତାରିଖ: ୨୪.୦୮.୨୦୨୬ । (PR-603)

**AFFIDAVIT**

By virtue of an affidavit sworn before the Notary public, Balasore dated 11.08.26, I, Jyotsnarani Behera W/o Subrat kumar Behera, At-Ranipatna,Po- Balasore, Ps-Balasore Town, Dist-Balasore, Odisha declared that I have changed my name from Jyoshna Rani Behera to Jyotsnarani Behera. Henceforth, I shall be known as Jyotsnarani Behera for all purposes.

Sd/-
Jyosnarani Behera





ସମୟ କଥା କହିପାରି ନ ଥାଏ ଏହା ସତ୍ୟ, କିନ୍ତୁ ଠିକ୍ ସମୟ କିଏ ପର କିଏ ଆପଣାର ତାହା ସୂଚନା ଦେଇଥାଏ ।

# ଆଜିକାଲି



*ଅଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ
କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ ॥
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି*

## ଚିନ୍ତା ବଢ଼ାଇଛି ହଇଜା ଓ ଡେଙ୍ଗୁ

ଝାଡ଼ାବାନ୍ତି, ଡେଙ୍ଗୁ ରାଜ୍ୟବାସୀଙ୍କ ମଧ୍ୟରେ ଚିନ୍ତା ବଢ଼ାଇ ଦେଇଛି । ସାଧାରଣତଃ ବର୍ଷା ଦିନରେ ଏହି ଦୁଇ ରୋଗ ବିଭିନ୍ନ ଜିଲ୍ଲାରେ ବଢ଼ିବା ନଜୀର ରହିଛି । ଗତ କିଛି ଦିନ ଧରି ଝାଡ଼ାବାନ୍ତି ରୋଗ ଯେଉଁଭଳି ବଢ଼ିଛି ତାହା ନୁହେଁ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗରର ୫ ପଂଚାୟତକୁ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି । ଇତି ମଧ୍ୟରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି । ଖବର ପାଇବା ମାତ୍ରେ ସଂପୃକ୍ତ ଅଂଚଳକୁ ଡାକ୍ତରୀ ଟିମ୍ ଯାଇ ଅନୁଧ୍ୟାନ କରୁଛନ୍ତି । ସେହିଭଳି ଡେଙ୍ଗୁ ବହୁ ଜିଲ୍ଲାରେ ଯେ ବ୍ୟାପୁଛି ତାହା ନୁହେଁ ଅଧିକାଂଶ ସରକାରୀ ଡାକ୍ତରଖାନାରେ ପ୍ରତିଦିନ ଡେଙ୍ଗୁ ରୋଗୀଙ୍କ ଭିଡ଼ ଲାଗିଛି । ରାଜଧାନୀ ଭୁବନେଶ୍ୱର ମଧ୍ୟ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି । ଡେଙ୍ଗୁ ରୋଗ ଖୁବ୍ ସଂକ୍ରମିତ ହୋଇଥାଏ । ସାଧାରଣତଃ ମଶାକାମୁଡ଼ାରେ ଡେଙ୍ଗୁ ରୋଗ ବ୍ୟାପିବା ଚିକିତ୍ସକ ମାନେ କହିଥାନ୍ତି । ଏବେ ବର୍ଷା ଦିନ ଚାଲିଛି । ସହର, ଗ୍ରାମାଂଚଳ ଇତ୍ୟାଦି ରାସ୍ତାରେ ପାଣି ଚାଲିଛି । ନଳ ଏବଂ ଅଳିଆଗଦାରେ ପାଣି ଜମିବାରୁ ସେ ସବୁ ସ୍ଥାନରେ ମଶାଙ୍କ ବାସସ୍ଥଳୀ ଥାଏ । କେବଳ ମଶା ହିଁ ଡେଙ୍ଗୁ ରୋଗୀ ପାଇଁ ସମସ୍ୟା । ଅତୀତରେ ରାଜ୍ୟର ବହୁ ଜିଲ୍ଲାରେ ଡେଙ୍ଗୁ ରୋଗ ବ୍ୟାପିବାରେ ଶୀର୍ଷରେ ଥିବା ନଜୀର ରହିଛି । ଏ ହି ରୋଗରେ ବହୁ ରୋଗୀ ମୃତ୍ୟୁବରଣ କରିଥିଲେ । ଇତିମଧ୍ୟରେ ଡେଙ୍ଗୁ ଚିକିତ୍ସା ପାଇଁ ଚିକିତ୍ସକ ମାନେ ନୂଆ ନୂଆ ଚିକିତ୍ସାଶୈଳୀ ଆରମ୍ଭ କରିଛନ୍ତି । ମଶା ଦାଉରୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ପରିବାର ମଶାରୀ ବ୍ୟବହାର ନିହାତି ଜରୁରୀ । ଯଦିଓ ଏ ପର୍ଯ୍ୟନ୍ତ ଡେଙ୍ଗୁରେ ଲୋକେ ମଲେଣି କିନ୍ତୁ ଆକ୍ରାନ୍ତ ସଂଖ୍ୟା ବଢ଼ିବଢ଼ି ଚାଲିଛି । ଏବେଠୁ ଡେଙ୍ଗୁ ଉପରେ ସରକାର ଗୁରୁତ୍ୱ ଦେବା ଉଚିତ । ସେହିଭଳି ଝାଡ଼ାବାନ୍ତି ବା ହଇଜା କେନ୍ଦ୍ରାପଡ଼ା ସମେତ କେତେକ ଜିଲ୍ଲାରେ ବଢ଼ି ଚାଲିଛି । ଏହା କେବଳ ଦୂଷିତ ପାଣି ଯୋଗୁଁ ହୋଇଥାଏ । ତେଣୁ ପ୍ରତ୍ୟେକପରିବାର ବିଶେଷତଃ ପାଣି ପିଇବା ପ୍ରତି ଅଧିକ ଧ୍ୟାନ ଦେବା ଜରୁରୀ ଏବେ ବି ରାଜ୍ୟର ବହୁ ସ୍ଥାନରେ ଝରଣା, ନଦୀ, ନାଳ ପାଣିକୁ ପିଇବା ପାଣି ଆକାରରେ ବ୍ୟବହାର କରୁଛନ୍ତି । ତେଣୁ ଝାଡ଼ାବାନ୍ତି ରୋଗ ବଢ଼ିବା ସ୍ୱାଭାବିକ । ଯଦି ପାଣିକୁ ଫୁଟାଇ ପିଇବେ ତାହା ଶରୀର ପକ୍ଷେ ଲାଭଦାୟକ ବୋଲି ଚିକିତ୍ସକ ମାନେ ବାରମ୍ବାର କହି ଆସୁଛନ୍ତି । ଏହି ଦୃଷ୍ଟିରୁ ଡେଙ୍ଗୁ ଓ ହଇଜା ଯେପରି ଅଧିକ ସଂକ୍ରମିତ ନ ହୁଏ ସେଥିପାଇଁ ଛୋଟ ପିଲା ଓ ପରିବାରବର୍ଗ ଏବେଠୁ ସାବଧାନ ହେବା ଜରୁରୀ ।

## ସମଗ୍ର ଶିକ୍ଷା ଯୋଜନା ଓ ଆତ୍ମନିର୍ଭର ଭାରତ

◆ ସ୍ୱାଧୀନ ଶକ୍ତିପ୍ରସାଦ

ଆତ୍ମନିର୍ଭର ଭାରତ ଗଠନର ପ୍ରଥମ ସୋପାନ ହେଉଛି ଶିକ୍ଷାର ବିକାଶ । ଏହାର ଗୁରୁତ୍ୱକୁ ଉପଲବ୍ଧ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ ସମିତି ନିକଟରେ ପାଂଚ ବର୍ଷ ଅବଧି ଲାଗି ଅର୍ଥାତ୍ ୨୦୨୧-୨୨ ଠାରୁ ୨୦୨୫-୨୬ ପର୍ଯ୍ୟନ୍ତ ସଂଶୋଧିତ ସମଗ୍ର ଶିକ୍ଷା ଯୋଜନା ଜାରି ରଖିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏଥିପାଇଁ ମୋଟ ୨, ୯୪, ୨୮୩. ୦୪ କୋଟି ଟଙ୍କା ଖର୍ଚ୍ଚ ଯେ. ସେଥିମଧ୍ୟରୁ କେନ୍ଦ୍ର ସରକାର ୧,୮୫, ୩୯୮. ୩୨ କୋଟି ଟଙ୍କା ଖର୍ଚ୍ଚ କରିବେ । ଏହି ଯୋଜନାରେ ପ୍ରାକ୍ ପ୍ରାଥମିକ ଠାରୁ ଆରମ୍ଭ କରି ବରିଷ୍ଠ ମାଧ୍ୟମିକ ସ୍ତରରେ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ୧.୧୬ ନିୟୁତ ବିଦ୍ୟାଳୟ, ୧୫୬ ନିୟୁତରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ୫.୭ ନିୟୁତରୁ ଅଧିକ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ସାମିଲ କରାଯିବ । ସମଗ୍ର ଶିକ୍ଷା ଯୋଜନା ହେଉଛି ବିଦ୍ୟାଳୟ ଶିକ୍ଷା ପାଇଁ ଏକ ସମନ୍ୱିତ ଯୋଜନା ଯେଉଁଥିରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଛି । ଏହି ଯୋଜନାରେ ବିଦ୍ୟାଳୟ ଶିକ୍ଷାକୁ ଏକ ନିରନ୍ତର ପ୍ରକ୍ରିୟା ଭାବେ ଗ୍ରହଣ କରାଯାଇଛି ଏବଂ ଏହା ଶିକ୍ଷା ପାଇଁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି-୪)ର ଅନୁରୂପ । ଏହି ଯୋଜନା କେବଳ ଶିକ୍ଷା ଅଧିକାର ଆଇନର କାର୍ଯ୍ୟକାରିତାକୁ ସମର୍ଥନ କରି ନଥାଏ ବରଂ ଜାତୀୟ ଶିକ୍ଷା ନୀତି ୨୦୨୦ର ସୁପାରିସଗୁଡ଼ିକୁ ଅନୁପାଳନ କରି କାର୍ଯ୍ୟ କରିବାର ବ୍ୟବସ୍ଥା ମଧ୍ୟ ଏଥିରେ ରହିଛି । ଏହା ପ୍ରତ୍ୟେକ ଶିଶୁଙ୍କୁ ସମାନତାପୂର୍ଣ୍ଣ ଏବଂ ସମାବେଶୀ ଶ୍ରେଣୀଗୃହ ପରିବେଶରେ ଗୁଣବ□ା ଯୁକ୍ତ ଶିକ୍ଷାଦାନ ଉପଲବ୍ଧ କରାଇବା ପ୍ରତି ସଂକଳ୍ପବଦ୍ଧ । ଏହା ମଧ୍ୟ ଛାତ୍ରଛାତ୍ରୀଙ୍କ ବିବିଧ ପୃଷ୍ଠଭୂମି, ବହୁଭାଷୀ ଆବଶ୍ୟକତା, ଭିନ୍ନ ଭିନ୍ନ ଶିକ୍ଷାଗତ କ୍ଷମତା ପ୍ରତି ଧ୍ୟାନ ହେବା ସହିତ ପାଠପଢ଼ା ପ୍ରକ୍ରିୟାରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ସୁନିଶ୍ଚିତ କରିଥାଏ । ଏହି ଯୋଜନା ଅନ୍ତର୍ଗତ ବିଦ୍ୟାଳୟର ସମସ୍ତ ସ୍ତରରେ କେତେକ ପ୍ରମୁଖ ହସ୍ତକ୍ଷେପ ପାଇଁ ବ୍ୟବସ୍ଥା ରହିଛି ସେଗୁଡ଼ିକ ହେଲା (୧) ଭିତିଭୂମି ବିକାଶ ଏବଂ ଛାତ୍ରଛାତ୍ରୀଙ୍କ ଉପସ୍ଥିତି ବୃଦ୍ଧି ସମେତ ସାମଗ୍ରିକ ଶିକ୍ଷା ଉପଲବ୍ଧତା , (୨) ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ, (୩) ଲିଙ୍ଗ ଓ ସମାନତା, (୪) ସମାବେଶୀ ଶିକ୍ଷା, (୫) ଗୁଣବ□ା ଏବଂ ନବୋନ୍ମେଷ, (୬) ଆର୍ଥିକ ସହାୟତା ଏବଂ ଶିକ୍ଷକଙ୍କ ଦରମା, (୭) ଡିଜିଟାଲ ଯୋଜନା, (୭) ବିଦ୍ୟାଳୟ ପୋଷାକ, ପାଠ୍ୟପୁସ୍ତକ ସମେତ ଶିକ୍ଷା ଅଧିକାର ଆଇନ ଅନ୍ତର୍ଗତ ଅଧିକାର, (୮) ଇସିସିଇ ପାଇଁ ସହାୟତା, (୯) ଧନ୍ଦାମୂଳକ ଶିକ୍ଷା , (୧୦) କ୍ରୀଡ଼ା ଓ ଶାରୀରିକ ଶିକ୍ଷା, (୧୧) ଶିକ୍ଷକଙ୍କ ଶିକ୍ଷାଦାନ ଓ ପ୍ରଶିକ୍ଷଣକୁ ସୁଦୃଢ଼ କରିବା, (୧୨) ଅନୁଧ୍ୟାନ, (୧୩) କାର୍ଯ୍ୟକ୍ରମ ପରିଚାଳନା ଏବଂ (୧୪) ଜାତୀୟ ଉପାଦାନ । ଜାତୀୟ ଶିକ୍ଷା ନୀତି ୨୦୨୦ର ସୁପାରିଶ ଆଧାରରେ ସଂଶୋଧିତ ସମଗ୍ର ଶିକ୍ଷା ଯୋଜାରେ ନିମ୍ନଲିଖିତ ନୂତନ ହସ୍ତକ୍ଷେପକୁ ସାମିଲ କରାଯାଇଛି : ଯୋଜନାର ପ୍ରତ୍ୟକ୍ଷ ପ୍ରସାରକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ, ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଏକ ଆଇଟି ଆଧାରିତ ପ୍ଲାଟଫର୍ମରେ ଡିବିଟି ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସିଧାସଳଖ ସମସ୍ତ ଶିଶୁ କୈନ୍ଦ୍ରିକ ସହାୟତା ଯୋଗାଇ ଦିଆଯିବ । ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ / ବିଭାଗୀୟ ସଂସ୍ଥା ଗୁଡ଼ିକ ମଧ୍ୟରେ ପ୍ରଭାବୀ ସମନ୍ୱୟ ପାଇଁ ବ୍ୟବସ୍ଥା କରାଯାଇଛି । ଧନ୍ଦାମୂଳକ ଶିକ୍ଷାର ସମ୍ପ୍ରସାରଣ ଲାଗି ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଏବଂ କୌଶଳ ବିକାଶ ପାଇଁ ପାଣ୍ଠି ଯୋଗାଣ କରୁଥିବା ଅନ୍ୟ ମନ୍ତ୍ରଣାଳୟ ମଧ୍ୟରେ ମଧ୍ୟ ସ୍ଥାପନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ । କେବଳ ବିଦ୍ୟାଳୟ ଯାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ବର୍ତମାନର ବିଦ୍ୟାଳୟ, ଆଇଟିଆଇ ଏବଂ ପଲିଟେକ୍ନିକର ଭିତିଭୂମି ଗୁଡ଼ିକର ସର୍ବୋତମ ଉପଯୋଗ କରାଯିବ । ଅଙ୍ଗନବାଡ଼ି କର୍ମୀଙ୍କ ପ୍ରଶିକ୍ଷଣ ଏବଂ ଇସିସିଇ ଶିକ୍ଷକମାନଙ୍କ ଇନସର୍ଭିସ ଶିକ୍ଷକ ପ୍ରଶିକ୍ଷଣ ନିମନ୍ତେ ମାଷ୍ଟର ଟ୍ରେନର ମାନଙ୍କୁ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଶିକ୍ଷାଦାନ ଅଧ୍ୟୟନ ସାମଗ୍ରୀ (ଟିଏଲଏମ), ସ୍ୱଦେଶୀ ଖେଳନା ଏବଂ ଗେମ, ଖେଳ ଆଧାରିତ ଅଭ୍ୟାସ ନିମନ୍ତେ ସରକାରୀ ବିଦ୍ୟାଳୟର ପ୍ରାକ୍ ପ୍ରାଥମିକ ଶ୍ରେଣୀରେ ପ୍ରତି ପିଲା ପିଛା ୫୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ରହିଛି । ଏହି ଯୋଜନା ଅନ୍ତର୍ଗତ ତୃତୀୟ ଶ୍ରେଣୀ ପାଠପଢ଼ା ଶେଷ ସୁଦ୍ଧା ଏବଂ ପ□ମ ଶ୍ରେଣୀ ପାଠପଢ଼ା ପରେ ନୁହେଁ, ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ପଢ଼ିବା, ଲେଖିବା ଏବଂ ସଂଖ୍ୟାଜ୍ଞାନ କ୍ଷେତ୍ରରେ ଆବଶ୍ୟକ ଶାସ୍ତ୍ର ପ୍ରଦାନ କରିବା ସୁନିଶ୍ଚିତ କରିବା ନିମନ୍ତେ ଏକ ଜାତୀୟ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଅଭିଯାନ- 'ନିପୁଣ ଭାରତ'ର ଆରମ୍ଭ କରାଯାଇଛି । ଏହା ଅଧିନରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଟିଏଲଏମ୍ ବ୍ୟବସ୍ଥା ପାଇଁ ବାର୍ଷିକ ୫୦୦ ଟଙ୍କା ଲେଖାଏଁ ଶିକ୍ଷକ ମାନୁଆଲ ଓ ସମ୍ବଳ ପାଇଁ ପ୍ରତି ଶିକ୍ଷକଙ୍କ ପିଛା ୧୫୦ ଟଙ୍କା ଏବଂ ଆକଳନ ପାଇଁ ପ୍ରତି ଜିଲ୍ଲା ପିଛା ୧୦-୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ଏନସିଇଆରଟିର ନିଷ୍ଠା ଅନ୍ତର୍ଗତ ନିର୍ଦ୍ଦିଷ୍ଟ ପ୍ରଶିକ୍ଷଣ ମଡ୍ୟୁଲ ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷକମାନଙ୍କର ପ୍ରଶିକ୍ଷଣ ପାଇଁ ପ୍ରସ୍ତୁତ କରାଯାଇଛି । ପୂର୍ବର ପ୍ରାକ୍- ପ୍ରାଥମିକ ବିଦ୍ୟାଳୟକୁ ବାଦ୍ ଦେଇପ୍ରାକ୍ ପ୍ରାଥମିକ ଠାରୁ ଆରମ୍ଭ କରି ବରିଷ୍ଠ ମାଧ୍ୟମିକ ପର୍ଯ୍ୟନ୍ତ ବିଦ୍ୟାଳୟର ଭିତିଭୂମି ବିକଶିତ କରାଯିବ । ପ୍ରତ୍ୟେକ ଛାତ୍ରୀନିବାସରେ ଇନସିନେରେଟର ଏବଂ ସାନିଟାରୀ ପ୍ୟାଡ୍ ଭେଣ୍ଡିଂ ମେସିନ ସଂଯୋଗ କରାଯିବ । ବର୍ତମାନର ବରିଷ୍ଠ ମାଧ୍ୟମିକ ବିଦ୍ୟାଳୟରେ ବିଭାଗ (ଷ୍ଟ୍ରିମ) ପରିବର୍ତେ ନୂତନ ବିଷୟ ଯୋଡ଼ାଯିବ । ବାର୍ଷିକ ୬୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଇ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ପରିବହନ ବ୍ୟବସ୍ଥାକୁ ସଂପ୍ରସାରଣ କରାଯାଇଛି । ୧୬ରୁ ୧୯ ବର୍ଷ ବୟସର ସ୍କୁଲ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କ ପାଇଁ ସହାୟତା ଯୋଗାଇ ଦିଆଯିବ । ଏସସି, ଏସଟି, ଭିନ୍ନକ୍ଷମ ଶିଶୁଙ୍କ ପାଇଁ ପ୍ରତି ଶ୍ରେଣୀ ପିଛାର ଛାତ୍ରଛାତ୍ରୀଙ୍କୁ ମାଧ୍ୟମିକ / ବରିଷ୍ଠ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ୨୦୦୦ ଟଙ୍କା ଲେଖାଏଁ ଏନଆଇଓଏସ/ ଏସଓଏସ ମାଧ୍ୟମରେ ଦିଆଯିବ । ଶିଶୁ ଅଧିକାର ଏବଂ ନିରାପତାର ସୁରକ୍ଷା ପାଇଁ ରାଜ୍ୟର ଏଲିମେଂଟରୀ ସ୍କୁଲଗୁଡ଼ିକ ପିଛା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପାଇଁ ୫୦ ଟଙ୍କାର ଆର୍ଥିକ ସହାୟତା । ସାମଗ୍ରିକ ଅଗ୍ରଗତି କାର୍ଡ଼ (ଏଚପିସି) ଆକାରରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ବୁଦ୍ଧିମତା, ପ୍ରଭାବ ଏବଂ ମାନସିକ ସ୍ତରର ଆକଳନ ପାଇଁ ଏକ ସାମଗ୍ରିକ, ୩୬୦ ଡିଗ୍ରୀ, ବହୁମୁଖି ରିପୋର୍ଟ ପ୍ରଦର୍ଶିତ କରିବାର ବ୍ୟବସ୍ଥା କରାଯିବ । ଏକ ଜାତୀୟ ଆକଳନ କେନ୍ଦ୍ର ପରଖ (ପରଫର୍ମାନ୍ସ, ଆସେସମେ□, ରିଭ୍ୟୁ ଆଣ୍ଡ ଆନାଲିସିସ ଅପ ନଲେଜ ଫର ହୋଲିଷ୍ଟିକ୍ ଡେଭଲପମେଂଟ) ବା ସାମଗ୍ରିକ ବିକାଶ ପାଇଁ ପ୍ରଦର୍ଶନ, ଆକଳନ, ସମୀକ୍ଷା ଓ ଜ୍ଞାନର ବିଶ୍ଳେଷଣ ନିମନ୍ତେ ସହାୟତା ଯୋଗାଇ ଦିଆଯିବ । କୌଣସି ବିଦ୍ୟାଳୟର ଅତିକମରେ ଦଦୁଇ ଜଣ ପିଲା ଜାତୀୟ ସ୍ତରରେ ଖେଲୋ ଇଣ୍ଡିଆ ଅଭିଯାନରେ ପଦକ ଜିତିଲେ ସେହି ବିଦ୍ୟାଳୟକୁ ୨୫୦୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଅନୁଦାନ ଯୋଗାଇ ଦିଆଯିବ । ବ୍ୟାମୁକ୍ତ ଦଦିବସ, ବିଦ୍ୟାଳୟ କଂପ୍ଲେକ୍ସ, ସ୍ଥାନୀୟ କାରିଗରଙ୍କ ସହିତ ଇ□ର୍ଣ୍ଣସିପ୍, ପାଠ୍ୟକ୍ରମ ଏବଂ ଶିକ୍ଷାବିଜ୍ଞାନ ସଂକ୍ରାନ୍ତ ସଂସ୍କାର ଆଦିକୁ ସାମିଲ କରାଯାଇଛି । ଏହି ଯୋଜନାରେ ଭାଷା ଶିକ୍ଷକଙ୍କୁ ନିଯୁକ୍ତି ଦେବା ନିମନ୍ତେ ଏକ ନୂତନ ଉପାଦାନ ଯୋଡ଼ା ଯାଇଛି ଶିକ୍ଷକମାନଙ୍କୁ ତାଲିମ ଏବଂ ବହୁଭାଷୀ ପୁସ୍ତକ ଏବଂ ଶିକ୍ଷକ ପ୍ରଶିକ୍ଷଣ ସାମଗ୍ରୀ ଆଦି ଉପାଦାନ ଯୋଡ଼ାଯାଇଛି, ଏହାଛଡ଼ା ଶିକ୍ଷକମାନଙ୍କ ଦଦରମା ପପାଇଁ ସହାୟତା ଦିଆଯିବ । ସମସ୍ତ କେଜିବିଗୁଡିକୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଉନ୍ନୀତ କରିବାର ବ୍ୟବସ୍ଥା କରାଯାଇଛି । ସେହିପରି ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବର୍ତମାନର ପୃଥକ ଛାତ୍ରୀନିବାସ (କେଜିବିଭି ଶ୍ରେଣୀ- ଆଇଭି)କୁ ମିଳୁଥିବା ବାର୍ଷିକ ସହାୟତା ୨୫ ଲକ୍ଷ ଟଙ୍କାରୁ ୪୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । 'ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ' ଅନ୍ତର୍ଗତ ତିନି ମାସ ପାଇଁ ଆତ୍ମସୁରକ୍ଷା ତାଲିମ ଦିଆଯିବ ଏବଂ ଏ ବାବଦରେ ମାସିକ ଅନୁଦାନ ପରିମାଣକୁ ୩୦୦୦ ଟଙ୍କାରୁ ୫୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ପ୍ରାକ୍- ପ୍ରାଥମିକ ଠାରୁ ବରିଷ୍ଠ ମାଧ୍ୟମକ ସ୍ତର ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଉପାଦାନ ବ୍ୟତୀତ ୧୦ ମାସ ପାଇଁ ସିଡବ୍ଲୁଏସଏନ ବାଳିକାମାନଙ୍କୁ ପୃଥକ ଭାବେ ମାସିକ ୨୦୦ ଟଙ୍କାର ଷ୍ଟାଇପେଣ୍ଡ ବ୍ୟବସ୍ଥା । ବ୍ଲକ ସ୍ତରରେ ସିଡବ୍ଲୁଏସଏନ ପାଇଁ ବାର୍ଷିକ କ୍ୟାମ୍ପ ଚିହ୍ନଟ ବ୍ୟବସ୍ଥା କରାଯାଇଛି ଏବଂ ପ୍ରତି କ୍ୟାମ୍ପ ପାଇଁ ୧୦ ହଜାର ଟଙ୍କା ଖର୍ଚ୍ଚ କରାଯିବ । ଏଥିସହିତ ସିଡବ୍ଲୁଏସଏନଙ୍କ ପୁନର୍ବାସ ଓ ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଇଁ ବ୍ଲକ ସମ୍ବଳ କେନ୍ଦ୍ରଗୁଡ଼ିକୁ ସହାୟତା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ନୂଆ ଏସସିଇଆରଟି ପ୍ରତିଷ୍ଠା ପାଇଁ ବ୍ୟବସ୍ଥାକୁ ସାମିଲ କରାଯାଇଛି ଏବଂ ୩୧ ମାର୍ଚ୍ଚ ୨୦୨୦ ସୁଦ୍ଧା ଜିଲ୍ଲା ସ୍ତରରେ ନୂଆ ଡିଆଇଇଟି ଗଠନ କରାଯାଇଛି । ବିଭିନ୍ନ ଉପଲବ୍ଧି ସର୍ବେକ୍ଷଣ କରିବା, ପରୀକ୍ଷା ଉପକରଣ ଏବଂ ଆଇଟମ ବ୍ୟାଙ୍କ ବିକଶିତ କରିବା, ବିଭିନ୍ନ ଅଂଶୀଦାର ମାନଙ୍କର ପ୍ରଶିକ୍ଷଣ ଏବଂ ପରୀକ୍ଷା ପ୍ରଶାସନ, ତଥ୍ୟ ସଂଗ୍ରହ ବିଶ୍ଳେଷଣ ଏବଂ ରିପୋର୍ଟ ପ୍ରସ୍ତୁତି କରିବା ଆଦି ନିମନ୍ତେ ପ୍ରାଥମିକତା ଭିତିରେ ଏସସିଇଆରଟି ଠାରେ ଏକ ଆକଳନ କକ୍ଷ ପ୍ରତିଷ୍ଠା କରାଯିବ । ପ୍ରାକ୍ ପ୍ରାଥମିକ ଏବଂ ମାଧ୍ୟମିକ ସ୍ତର ପାଇଁ ମଧ୍ୟ ବିଆରସି ଓ ସିଆରସିମାନଙ୍କୁ ଶିକ୍ଷାଗତ ସହାୟତା ଯୋଗାଇ ଦିଆଯିବ । ସରକାରୀ ବିଦ୍ୟାଳୟ ବ୍ୟତୀତ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ମଧ୍ୟ ଧନ୍ଦାମୂଳକ ଶିକ୍ଷା ଅଧିନରେ ସହାୟତା ଯୋଗାଇ ଦିଆଯାଇଛି । ନାମଲେଖା ଏବଂ ଚାହିଦା ଆଧାରରେ ଭିନ୍ନିଭନ୍ନ ଭୂମିକା / ବିଭାଗର ଅନୁଦାନ / ସଂଖ୍ୟା ନିର୍ଦ୍ଧାରଣ କରାଯାଉଛି । ଆଖପାଖରେ ଥିବା ଅନ୍ୟ ବିଦ୍ୟାଳୟଗୁଡ଼ିକ ପାଇଁ ହବ୍ ଭାବେ କାର୍ଯ୍ୟ କରୁଥିବା ଧନ୍ଦାମୂଳକ ଶିକ୍ଷା ପାଇଁ ବିଦ୍ୟାଳୟଗୁଡ଼ିକରେ ଶ୍ରେଣୀ ଗୃହ ତଥା ୱାର୍କସପ୍ ବ୍ୟବସ୍ଥା କରାଯାଇଛି । ସହାୟକ ବିଦ୍ୟାଳୟ ଗୁଡ଼ିକ ପାଇଁ ପରିବହନ ଏବଂ ଆକଳନ ଖର୍ଚ୍ଚ ଦେବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ଆଇସିଟି ଲ୍ୟାବ, ସ୍ମାର୍ଟ କ୍ଲାସରୁମ ସମେତ ଡିଜିଟାଲ ବୋର୍ଡ, ସ୍ମାର୍ଟ କ୍ଲାସରୁମ, ଭର୍ଚୁଆଲ କ୍ଲାସରୁମ ଏବଂ ଡିଟିଏଚ ଚ୍ୟାନେଲ ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ପାଇଁ ଶିଶୁମାନଙ୍କୁ ଠାବ କରିବାର ବ୍ୟବସ୍ଥା କରାଯାଇଛି । ପ୍ରତିବର୍ଷ ୨୦% ବିଦ୍ୟାଳୟର ସାମାଜିକ ଅଡିଟ୍ କରିବା ନିମନ୍ତେ ସହାୟତା କରାଯିବା ଯାହାଫଳରେ ପାଂଚ ବର୍ଷ ମଧ୍ୟରେ ସମସ୍ତ ବିଦ୍ୟାଳୟ ଗୁଡ଼ିକରେ ଏହାକୁ ସାମିଲ କରାଯାଇ ପାରିବ । ଏହି ଯୋଜନାର ମୂଳ ଲକ୍ଷ୍ୟ ହେଉଛି, ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ପ୍ରସାର, ବଂଚିତ ବର୍ଗ ଏବଂ ଦୁର୍ବଳ ବର୍ଗଙ୍କୁ ସାମିଲ କରି ସମାବେଶୀତାକୁ ପ୍ରୋତ୍ସାହନ ଏବଂ ବିଦ୍ୟାଳୟ ସ୍ତରରେ ଶିକ୍ଷାର ଗୁଣବତାରେ ସୁଧାର ଆଣିବା । ଏହା ଜାତୀୟ ଶିକ୍ଷାନନୀତି ୨୦୨୦ (ଏନଇପି ୨୦୨୦)ର ସୁପାରିଶକୁ କାର୍ଯ୍ୟକାରୀ କରିବା ଓ ଦେଶରେ ଶିକ୍ଷାର ଭିତିଭୂମିକୁ ସୁଦୃଢ଼ କରି ଏକ ଆତ୍ମନିର୍ଭର ଭାରତ ଗଠନ କରିବାରେ ସହାୟକ ହେବ ।

## ଅଭିପ୍ସା -୩



◆ ନିହାର ସାମଲ

ତୁମ ଲୀଳାର ପ୍ରତିଟି ସ୍ପନ୍ଦନେ
ଜାଗିଉଠୁ ନବ ଆଶା,
ମୋ ହୃଦୟର ସୂକ୍ଷ୍ମ କଣିକାରେ
ବହିଯାଉ ତୁମ ଦିବ୍ୟ ଭାଷା ।୧ ।
ଅନ୍ଧକାର ଯେବେ ମୋତେ ଘେରି ଧରେ,
ଜଳାଅ ଆଲୋକ ର ଧାରା,
ମୋ ଜୀବନର ପ୍ରତିଟି ଶ୍ୱାସେ
ବିକଶିତ ହେଉ
ତୁମ ଅନନ୍ତ ଶକ୍ତିର ଧାରା । ୨ ।
ମୋ ଇପ୍ସିତ ଆଶା
ପୂର୍ଣ୍ଣ କର ମା,
ସତ୍ୟର ଆଲୋକ ପଥେ ।
ମୋ ଜୀବନ ସଦା
ତୁମ ପାଦ ପଦ୍ମେ
ରହୁ ମୋ ମନ ଏକ ଲୟେ ।୩ ।
ଅନ୍ଧାର ଭିତରେ
ଅଲୋକର ଦିଗେ
ଭ୍ରାନ୍ତ ପଥେ ପଡ଼ିଲେ
କୋଳାଇ ନିଅ ମା
ତୁମେ ହାତ ଧରି
ଜାଗ୍ରତ କର ମୋ ଅନ୍ତର ଆଲୋକେ ।୪ ।

*ସିଦ୍ଧିନଗର-୨,ମେଣ୍ଢାଶୋଳ,ବାଲେଶ୍ୱର,ମୋ:-୯୪୩୭୭୬୯୮୬୮*

## ଆନ୍ତର୍ଜାତୀୟ ବାମହାତୀ ଦିବସ

◆ ଗୋପୀନାଥ ଦାଶ

୧୯୯୨ରୁ ପ୍ରତି ବର୍ଷ ଅଗଷ୍ଟ ୧୩ରେ ପାଳିତ ହେଉଛି ଅନ୍ତର୍ଜାତୀୟ ବାମହାତୀ ଦିବସ । ଏହି ଅବସରରେ ବାମହାତୀଙ୍କ ସଂପର୍କରେ କିଛି ଜଣା ଅଜଣା କଥା । ବିଶ୍ୱର ମୋଟ ଜନସଂଖ୍ୟାର ମାତ୍ର ୧୦ ପ୍ରତିଶତ ବାମହାତୀ । ଏମାନଙ୍କ ମଧ୍ୟରୁ ଅଧିକାଂଶ ପୁରୁଷ । ପ୍ରାଚୀନ କାଳରେ ବାମହାତୀ ମାନଙ୍କୁ ନିକୃଷ୍ଟ ବିବେଚନା କରାଯାଉଥିଲା । ପୁଣି, ସେମାନେ ଗୁଣି-ଗାରେଡ଼ି କରୁଥିବା ଅନ୍ଧ-ବିଶ୍ୱାସ ପ୍ରଚଳିତ ଥିଲା । ଶେଷ ଆଠଜଣ ମାର୍କିନ ରାଷ୍ଟ୍ରପତିଙ୍କ ମଧ୍ୟରୁ ପାଂଚ ଜଣ ବାମହାତୀ, ଜେରାଲଡ୍ ଫୋର୍ଡ୍, ରୋନାଲଡ୍ ରେଗାନ୍, ଜର୍ଜ ଏଚଡବ୍ଲ୍ୟୁ ବୁସ୍, ବିଲ କ୍ଲିଟନ ଓ ବାରାକ ଓବାମା ।




ଯୁକ୍ତରାଷ୍ଟ୍ର ଅନ୍ତର୍ଗତ ୱେଷ୍ଟ ଭର୍ଜିନିଆର ଏକ ସ୍ଥାନର ନାମ ବାମ ହାତ ବା ଇଂରେଜୀରେ ଲେଫଟ ହ୍ୟାଣ୍ଡ । ବିଶ୍ୱ ପ୍ରସିଦ୍ଧ ବାମହାତୀ ଆରିଷ୍ଟଟଲ, ଲିଓନାର୍ଡୋ ଡା ଭିନ୍‌ସି, ହେନରି ଫୋର୍ଡ୍, ମେରି କ୍ୟୁରି, ନିଲ ଆର୍ମଷ୍ଟ୍ରଙ୍ଗ, ପେଲେ, ପ୍ରିନ୍‌ସ ୱିଲିୟମ, ଟମ କ୍ରୁଜ୍ । ମାଆମାନେ ଗର୍ଭାବସ୍ଥାରେ ମାତ୍ରାଧିକ ଅବସାଦ ଭୋଗିଲେ, ସନ୍ତାନ ବାମହାତୀ ହେବାର ସମ୍ଭାବନା ଅଧିକ । ବିଶ୍ୱର ୨୧ ପ୍ରତିଶତ ଯମଜ ସନ୍ତାନ ବାମହାତୀ । ବାମହାତୀ ମହିଳା ସ୍ତନ କର୍କଟ ଭୋଗିବାର ଆଶଙ୍କା ଅଧିକ । ବାମହାତୀମାନେ ସୁରାସକ୍ତ ହେଉଥିବା ପ୍ରାୟ ଦେଖାଯାଏ ନାହିଁ । କଙ୍ଗାରୁ ଏଭଳି ଏକ ପ୍ରାଣୀ, ଯିଏ ଅଧିକାଂଶ କାର୍ଯ୍ୟ ବାମ ହାତରେ କରିଥାଏ । ତେବେ ଅନେକ ଲୋକଙ୍କ ବିଶ୍ୱାସ ଓ ଭାବନା ରହିଛି ଯେ ବାମହାତୀମାନେ ସ୍ୱଭାବିକ ଭାବେ ଅନ୍ୟମାନଙ୍କ ଠାରୁ ବୁଦ୍ଧିଆ, ଯଦିଓ ଏହା ବୈଜ୍ଞାନିକ ପ୍ରମାଣ ସିଦ୍ଧାନ୍ତ ନୁହେଁ ।

*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା: ୮୮୯୫୨୯୬୧୬୭*

## ମାତ୍ରାଧିକ ବୃଷ୍ଟିପାତ ପରିପ୍ରେକ୍ଷୀରେ ଫସଲ ପରିଚାଳନା ପାଇଁ ପରାମର୍ଶ

ସାଂପ୍ରତିକ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ମୌସୁମୀ ବାୟୁ ସକ୍ରିୟ ରହିଥିବାରୁ ଓଡ଼ିଶାର ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଅଛି । ଏହି ପରିସ୍ଥିତିରେ ଫସଲ ସୁପରିଚାଳନା ପାଇଁ ଚାଷୀଭାଇମାନଙ୍କୁ ନିମ୍ନୋକ୍ତ କୃଷି ପରାମର୍ଶ ପ୍ରଦାନ କରାଯାଉଛି ।

*ଧାନ :* ✦ ଧାନ ଜମିରୁ ପାଣି ନିଷ୍କାସନ କରିବାର ବ୍ୟବସ୍ଥା କରନ୍ତୁ ।

✦ ତଳି ରୁଆ ନଯାଇ ତଳିଘରାରେ ରହିଯାଇଥିଲେ ତଳିଘରାରୁ ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ ।

✦ ବୁଣା ହୋଇଥିବା ଜମିରେ ଶତକଡ଼ା ୫୦ ଭାଗରୁ ଅଧିକ ଗଛ ସଂଖ୍ୟା ଥିଲେ ବେଉଷଣ ନ କରି ଏକର ପ୍ରତି ୮୦ ଗ୍ରାମ୍ ବିସ୍‌ପାଇରିବ୍ୟାକ୍ ସୋଡ଼ିୟମ୍ ତୃଣକମାରୀ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ହାତରେ ଘାସ ବାଛି ଦିଅନ୍ତୁ । ଜମିରେ ଖେଳୁଆ କରି ଆବଶ୍ୟକ ଗଛ ସଂଖ୍ୟା ରଖନ୍ତୁ ଓ ୨୫% ଅତିରିକ୍ତ ପଟାସ ସାର ପ୍ରୟୋଗ କରନ୍ତୁ । ଏହାର ୧୫ ଦିନ ପରେ ଅନୁମୋଦିତ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

✦ ବୁଣାଧାନ ଜମିରେ ୫୦% ରୁ ଅଧିକ ଗଛ ନଷ୍ଟ ହୋଇଥିଲେ, ଜଳ ନିଷ୍କାସନ କରି ଅପେକ୍ଷାକୃତ କମ୍ ଅବଧିର କିସମକୁ ଗାଲି ଗଜା କରି ୮ ଧାଡ଼ିଆ ଡ୍ରମ୍ ସିଡର ସାହାଯ୍ୟରେ ୨୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ମୂଳସାର ହିସାବରେ ସମ୍ପୂର୍ଣ୍ଣ ଫସ୍‌ଫରସ୍ ଓ ୫୦% ପଟାସ୍ ସାର ପ୍ରୟୋଗ କରନ୍ତୁ ଓ ବୁଣିବାର ୧୫ ଦିନ ପରେ ୫୦% ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

✦ ରୁଆ ହୋଇଥିବା ଜମିରେ ବନ୍ୟା ଦ୍ୱାରା ଧାନ ଫସଲ କ୍ଷତିଗ୍ରସ୍ତ ହୋଇ ଆବଶ୍ୟକୀୟ ଗଛ ସଂଖ୍ୟା ନଥିଲେ, ପାଣି କମିଗଲା ପରେ ଜମିର ଅନ୍ୟ ଭାଗରେ ଥିବା ଧାନଗଛ ବୁଦାକୁ ଚିରି ପିଲ ଆଣି ଶୂନ୍ୟସ୍ଥାନ ପୂରଣ କରନ୍ତୁ ଏବଂ ୨୫% ଅତିରିକ୍ତ ପଟାସ୍ ସାର ପ୍ରୟୋଗ କରନ୍ତୁ କିମ୍ବା ତଳି ପଟାଳିରେ ତଳି ଉପଲବ୍ଧ ଥିଲେ ବନ୍ୟା ଜଳ ନିଷ୍କାସନ ପରେ ୪୦-୫୦ ଦିନିଆ ବୟସ୍କ ତଳିକୁ କମ୍ ଦୂରତାରେ (୧୫ ଘ ୧୦ ସେ.ମି.) ବୁଦା ପ୍ରତି ଅଧିକ ତଳି (୪ ରୁ ୫ ଟି) ରୁଅନ୍ତୁ । ମୂଳସାର ହିସାବରେ ୫୦% ଯବକ୍ଷାରଜାନ, ସମସ୍ତ ଫସ୍‌ଫରସ୍ ଓ ୫୦% ପଟାସ ସାର ପ୍ରୟୋଗ କରନ୍ତୁ । ରୋଇବା ପୂର୍ବରୁ ତଳି ଉପରେ ପଟୁ ମାଡ଼ି ଯାଇଥିଲେ ଭଲଭାବରେ ପାଣି ସିଂଚନ କରି ଧୋଇ ଦିଅନ୍ତୁ ।

✦ ଧାନ ରୋଇବାର ୪ ଦିନ ଭିତରେ ଏକର ପ୍ରତି ୮୦ ଗ୍ରାମ୍ ପାଇରାଜୋସଲ୍‌ଫ୍ୟୁରନ୍ ଇଥାଇଲ୍ କିମ୍ବା ୪ କି.ଗ୍ରା. (ବେନ୍‌ସଲ୍‌ଫ୍ୟୁରନ୍ ମିଥାଇଲ୍ + ପ୍ରେଟିଲାକ୍ଲୋର) ଘାସମରା ବିଷ ପ୍ରୟୋଗ କରନ୍ତୁ ନଚେତ୍ ରୋଇବା ବା ବୁଣିବାର ୨୧ ଦିନ ବେଳକୁ ଏକର ପ୍ରତି ୮୦ ଗ୍ରାମ୍ ବିସ୍‌ପାଇରିବ୍ୟାକ୍ ସୋଡ଼ିୟମ୍ କିମ୍ବା ୩୭ ଗ୍ରାମ୍ ପେନେକୁଲାମ୍ ୨୦୦ ଲିଟର ପାଣିରେ ମିଶାଇ ଫ୍ଲଡଜେଟ୍ କିମ୍ବା ଫ୍ଲାଟ୍ ଫ୍ରାନ୍ ନୋଜେଲ ଦ୍ୱାରା ସିଂଚନ କରନ୍ତୁ ।

✦ ବନ୍ୟାଜଳ ନିଷ୍କାସିତ ହେବା ପରେ ଏକର ପ୍ରତି ୮ କି.ଗ୍ରା. ଯବକ୍ଷାରଜାନ ସାର ତୁରନ୍ତ ପ୍ରୟୋଗ କରନ୍ତୁ ।

✦ ବନ୍ୟା ପରେ ପରେ ରୁଆ ବା ବୁଣା ହୋଇଥିବା ଜମିରେ ପାଣି ଜମି ରହି ଲୌହ ବିଷାକ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ । ଏହାଦ୍ୱାରା ଗଛ ପିଲ ମାରେ ନାହିଁ ଓ ଚେର ଗୁଡ଼ିକ ନଷ୍ଟ ହୋଇ ଗଛ ହଳଦିଆ ପଡ଼ି ଗଛ ବୃଦ୍ଧି ହୁଏ ନାହିଁ । ଏପରି ସ୍ଥଳେ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଓ ଏକର ପ୍ରତି ୧୦ କି.ଗ୍ରା. ପଟାସ୍ ସାର ସହିତ ୧୦ କି.ଗ୍ରା. ଜିଙ୍କ୍ ସଲ୍‌ଫେଟ୍ ଅଣୁସାର ପ୍ରୟୋଗ କରି କିଆରୀରେ ଭଲ ଭାବେ ଚାଲି ଯାଆନ୍ତୁ ।

✦ ମାତ୍ରାଧିକ ବର୍ଷା ତଥା ବନ୍ୟା ପରେ ନାଳ, ନଦୀ ଓ କେନାଲ ନିକଟବର୍ତୀ ତଳିଘେରା ଓ ମୁଖ୍ୟ ଧାନ ଫସଲରେ ଲେଦ୍ଆ ପୋକର ପ୍ରାଦୁର୍ଭାବ ଦେଖାଦେଇ ପାରେ । ଏଥିପାଇଁ ଉପରବେଳା (୪ ରୁ ୬ ଘଟିକା ମଧ୍ୟରେ) ଏକର ପ୍ରତି ୪୦୦ ମି.ଲି (କ୍ଲୋରୋପାଇରିଫସ୍ + ସାଇପରମେଥ୍ରୀନ୍) କିମ୍ବା (ପ୍ରୋଫେନୋଫସ୍ + ସାଇପରମେଥ୍ରୀନ) କିମ୍ବା (କୁଇନାଲ୍‌ଫସ୍ + ସାଇପରମେଥ୍ରୀନ୍) ଅଥବା ୩୦୦ ମି.ଲି. ଲାମ୍ବଡ଼ା ସାଇହାଲୋଥ୍ରୀନ୍ ୨୦୦ଲିଟର ପାଣିରେ ମିଶାଇ ଫସଲ ଓ ଜମି ହୁଡ଼ାରେ ସିଂଚନ କରନ୍ତୁ । ଲେଦ୍ଆପୋକର ଶୂକମାନେ ଗୋଟିଏ କ୍ଷେତରୁ ଅନ୍ୟ କ୍ଷେତକୁ ମାଡ଼ିଯିବାର ସମ୍ଭାବନା ଥିବାରୁ କୀଟନାଶକ ସିଂଚନ ପରେ ଆକ୍ରାନ୍ତ କ୍ଷେତର ଚାରିପଟ ହିଡ଼ରେ ବହଳ ଭାବରେ କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ସିଂଚନ କରନ୍ତୁ । ଧାନ କିଆରୀ ନିକଟରେ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ ପୋକକୁ ଧରି ନଷ୍ଟ କରି ଦିଅନ୍ତୁ ।

✦ ଅଧିକ ବର୍ଷା ହେତୁ ସହଳ ରୁଆଧାନରେ ପତ୍ରମୋଡ଼ା ପୋକର ପ୍ରାଦୁର୍ଭାବ ଅଧିକ ହୋଇପାରେ । ଏହି ସ୍ଥାନରେ ଅନୁମୋଦିତ ପରିମାଣରୁ ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ନାହିଁ ଓ ଜମିରେ କାର୍ବୋଫ୍ୟୁରାନ୍ ଜାତୀୟ ଦାନାଦାର ବ୍ୟବହାର କରନ୍ତୁ ନାହିଁ । ପ୍ରତି ଲିଟର ପାଣିରେ ୨ ମି.ଲି. ଫିପ୍ରୋନିଲ୍ କିମ୍ବା ୨ ଗ୍ରାମ୍ ହିସାବରେ କାର୍‌ଟାପ୍ ହାଇଡ୍ରୋକ୍ଲୋରାଇଡ୍ କୀଟନାଶକ ବିଷ ମିଶାଇ ସିଂଚନ କରନ୍ତୁ ।

✦ ବର୍ତମାନ ପରିସ୍ଥିତିରେ ଅଧିକ ବର୍ଷା ହେତୁ ଧାନ ଫସଲରେ ପତ୍ର ଆଚ୍ଛାଦ ପଚା ରୋଗ ଅଧିକ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମି.ଲି. ହେକ୍ସାକୋନାଜୋଲ୍ କିମ୍ବା ଭାଲିଡାମାଇସିନ୍ ମିଶାଇ ସିଂଚନ କରନ୍ତୁ । ରୋଗ ସଂକ୍ରମଣର ତୀବ୍ରତା ଅଧିକ ଦୃଷ୍ଟିଗୋଚର ହେଲେ ଏକର ପ୍ରତି ୮୦ ଗ୍ରାମ୍ (ଟେବୁକୋନାଜୋଲ୍ + ଟ୍ରାଇଫ୍ଲୋକ୍ସାଷ୍ଟ୍ରୋବିନ୍) ୭୫ ଡବ୍ଲୁ.ଜି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏହି କ୍ଷେତ୍ରରେ ଯବକ୍ଷାରଜାନ ସାର ପ୍ରୟୋଗ ନିୟନ୍ତ୍ରଣ କରନ୍ତୁ ।

*ମକା :* ଅତ୍ୟଧିକ ବର୍ଷା ମାଡ଼ ଖାଇ ମକା ଗଛ ଢଳି ପଡ଼ିଥିଲେ ମୂଳକୁ ମାଟି ଦେଇ ଉଠାଇ ଦିଅନ୍ତୁ ।

✦ ମକା ଗଛ ୮ ପତ୍ର ହୋଇଥିଲେ କୋଡ଼ାଖୁସା କରି ଏକର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ ।

✦ ପତ୍ର ଆଚ୍ଛାଦ ପୋଡ଼ା ରୋଗ ଦେଖାଦେଲେ ଏକର ପ୍ରତି ୫୦୦ ମି.ଲି. ଭାଲିଡ଼ାମାଇସିନ୍ ୩% ଏଲ୍ କିମ୍ବା ୨୦୦ ମି.ଲି. ପ୍ରୋପିକୋନାଜୋଲ୍ ୨୫% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ମୂଳକୁ ସିଂଚନ କରନ୍ତୁ ।

*ଡାଲିଜାତୀୟ ଫସଲ :* ✦ ଅଧିକ ବର୍ଷା ତଥା ବାୟୁମଣ୍ଡଳର ଆପେକ୍ଷିକ ଆର୍ଦ୍ରତା ଅଧିକ ହେତୁ ମୁଗ, ବିରି ଆଦି ଫସଲରେ ସର୍‌କୋସ୍ପୋରା ପତ୍ରଚିତା ରୋଗ ବୃଦ୍ଧି ପାଇବ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୧ ଗ୍ରାମ୍ (କାର୍ବେଣ୍ଡାଜିମ୍ + ମାଙ୍କୋଜେବ୍) ଓ ଡାଇଫେନୋକୋନାଜୋଲ୍ କବକ ନାଶକ ମିଶାଇ ୮ ରୁ ୧୦ ଦିନ ଅନ୍ତରରେ ଅଦଳ ବଦଳ କରି ଦୁଇଥର ସିଂଚନ କରନ୍ତୁ ।

✦ ଡାଲିଜାତୀୟ ଫସଲ ଯଥା: ମୁଗ, ବିରି, ଝୁଡ଼ଙ୍ଗ, ଡଙ୍ଗରରାଣୀରେ କାଳିମୁଣ୍ଡି ପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦% ଇ.ସି. କିମ୍ବା ୪୦୦ ମି.ଲି. କ୍ଲୋରୋପାଇରିଫସ୍ ୫୦% + ସାଇପରମେଥ୍ରିନ୍ ୫% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ଅପରାହ୍ନରେ ସିଂଚନ କରନ୍ତୁ ।

✦ ମୂଳସଢ଼ା ରୋଗ ଲାଗୁଥିଲେ ଏକର ପ୍ରତି ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. କିମ୍ବା ୪୦୦ ମି.ଲି. ଭାଲିଡା ମାଇସିନ୍ ୩% ଏଲ୍ ୨୦୦ ଲିଟର ପାଣିରେ ମିଶାଇ ମୂଳକୁ ସିଂଚନ କରନ୍ତୁ ।

*ଚିନାବାଦାମ :* ✦ ବର୍ଷା ପରେ ଚିନାବାଦାମ ଫସଲରେ ମୂଳ ଓ କାଣ୍ଡ ପଚା ଓ ଟୀକା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ (ମେଟାଲାକ୍ସିଲ୍ + ମାଙ୍କୋଜେବ୍) କିମ୍ବା କ୍ଲୋରୋଥାଲୋନିଲ୍ ମିଶାଇ ସିଂଚନ କରନ୍ତୁ ।

*କପା :* ✦ ଅତ୍ୟଧିକ ବର୍ଷା ଯୋଗୁ କପା ଗଛ ପଡ଼ିଯାଇଥିଲେ ଏହାକୁ ସିଧା କରି ମୂଳକୁ ମାଟି ଦେଇ ଟାଣ କରନ୍ତୁ ।

✦ ଅଧିକ ବର୍ଷା ଯୋଗୁଁ ବକରା ଆସିବାରେ ବିଳମ୍ବ ହୋଇ ପାରେ । ଏଥିପାଇଁ ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ଆଲ୍‌ଫା ନାପ୍‌ଥାଇଲ୍ ଏସିଟିକ୍ ଏସିଡ୍ ମିଶାଇ ସିଂଚନ କରନ୍ତୁ ।

✦ ମୂଳସଢ଼ା ରୋଗର ଲକ୍ଷଣ ଦେଖାଦେଲେ ଏକର ପ୍ରତି ୪୦୦ ଗ୍ରାମ୍ ମେଟାଲକ୍ସିଲ୍ ୮% + ମାନ୍‌କୋଜେବ୍ ୬୪% ଡବ୍ଲୁ.ପି. ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ସିଂଚନ କରନ୍ତୁ ।

*ପନିପରିବା :* ✦ ବର୍ଷା ଯୋଗୁଁ ପୋଟଳ, କାକୁଡ଼ି, କଖାରୁ, ଜହ୍ନି ଆଦି ଲତା ଜାତୀୟ ପନିପରିବା ଆଦି ଫସଲ ପ୍ରଭାବିତ ହୋଇଥିଲେ ଅମଳ ଉପଯୋଗୀ ପନିପରିବାକୁ ତୋଳି ରା/ ଟ୍ରେଲି ଓଲଟି ପଡ଼ିଥିଲେ ସଳଖ କରି ଦିଅନ୍ତୁ ।

✦ ବର୍ଷା ପରବର୍ତୀ ଅବସ୍ଥାରେ ପୋଟଳ ଓ କଖାରୁ ଜାତୀୟ ଫସଲରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଡଙ୍କପଚା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ (ମେଟାଲାକ୍ସିଲ୍ + ମାଙ୍କୋଜେବ୍) ଓ ୦.୬ ଗ୍ରାମ୍ ଆଜୋକ୍ସିଷ୍ଟ୍ରୋବିନ୍ ଅଦଳବଦଳ କରି ୧୦ ଦିନ ଅନ୍ତରରେ ସିଂଚନ କରନ୍ତୁ ।

✦ ପନିପରିବା ତଳିଘେରାରେ ତଳି ସଢ଼ିଗଲେ ସଢ଼ା ତଳି ଉପାଡ଼ି ଦିଅନ୍ତୁ । ବର୍ଷା କମିଗଲା ପରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ (କାର୍ବେଣ୍ଡାଜିମ୍ + ମାଙ୍କୋଜେବ୍) କିମ୍ବା (ସାଇମୋକ୍ସାନିଲ୍ + ମାଙ୍କୋଜେବ୍) ମାଟି ଓ ମୂଳରେ ସିଂଚନ କରନ୍ତୁ ।

✦ ବର୍ଷା କମିଗଲା ପରେ ପନିପରିବା ଫସଲରେ ସଢ଼ା ଡାଳ ସବୁ କାଟି ବାହାରେ ପକାଇ ଦିଅନ୍ତୁ ଓ ଗଛ ନଇଁ ଯାଇଥିଲେ ମାଟି ମୂଳକୁ ଟେକି ଦିଅନ୍ତୁ ।

✦ ବର୍ଷା ପରବର୍ତୀ ସମୟରେ ବାଇଗଣ ଫସଲରେ ଝାଉଁଳା ରୋଗ ନିରାକରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧ ମି.ଲି. ଟେବୁକୋନାଜୋଲ କିମ୍ବା ୨ ଗ୍ରାମ୍ (କାର୍ବେଣ୍ଡାଜିମ୍ + ମାଙ୍କୋଜେବ) ସହିତ ୧ ଗ୍ରାମ୍ ହିସାବରେ ପ୍ଲାଂଟୋମାଇସିନ୍ ମିଶାଇ ଫସଲର ମୂଳରେ ସିଂଚନ କରନ୍ତୁ ।

✦ ବର୍ଷା ପରେ ଭେଣ୍ଡି ଫସଲରେ ସରକୋସ୍ପୋରା ପତ୍ର ଦାଗ ରୋଗ ଓ କଳରା ଫସଲରେ ପତ୍ର ଦାଗ ଓ ପତ୍ର ପୋଡ଼ା ରୋଗ ବୃଦ୍ଧି ପାଇବ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ (କାର୍ବେଣ୍ଡାଜିମ୍ + ମାଙ୍କୋଜେବ୍) ମିଶାଇ ପ୍ରୟୋଗ କରନ୍ତୁ ।

*ଫଳ ବଗିଚା :* ✦ ଫଳ ବଗିଚାରେ ପାଣି ଜମିଥିଲେ ପାଣିକୁ ତୁରନ୍ତ ନିଷ୍କାସନର ବ୍ୟବସ୍ଥା କରନ୍ତୁ ।



# ଆଧ୍ୟାତ୍ମିକତା
# ସାଧନା ଓ ଯୋଗ

◆ ଡାକ୍ତର ଅର୍ଚ୍ଚନା ମିଶ୍ର

ଆଦିଶେଷଙ୍କ ଏକ ଅବତାର ରୂପେ ଯୋଗ ଦର୍ଶନର ସ୍ରଷ୍ଟା ପତଞ୍ଜଳି ପରିଚିତ । ସର୍ବୋଚ୍ଚ ଚୈତନ୍ୟ ଲାଭ କରିବା ପାଇଁ ଯୋଗ ଏକ ସୁସମ୍ବନ୍ଧ ଧାର୍ମିକ ଶୃଙ୍ଖଳା ଯାହା ଚରମ ମୁକ୍ତି ପାଇଁ ପଥ ଦେଖାଇଥାଏ । ଭାରତରେ ସମସ୍ତ ଆଧ୍ୟାତ୍ମିକ କ୍ଷେତ୍ରର ସାଧକ, ମହାପୁରୁଷ ଏବଂ ଜଣେ ଯେ କୌଣସି ଧର୍ମାବଲମ୍ବୀ ହୁଅନ୍ତୁ କିନ୍ତୁ ଯୋଗର ଶୃଙ୍ଖଳାକୁ ସମସ୍ତେ ମାନନ୍ତି । ଯୋଗର ମୌଳିକ ଅର୍ଥ ହେଉଛି ମିଳିତାବସ୍ଥା ଏବଂ ପ୍ରକୃତ ଆତ୍ମା ବା ଈଶ୍ୱରଙ୍କ ସହିତ ମିଳିତ ହେବାକୁ ଏହା ବୁଝାଇଥାଏ । ଅନ୍ୟ ଅର୍ଥରେ ସେହି ମିଳନ ଲାଭ କରିବା ପାଇଁ ଯୋଗ ଏକ ଉପାୟ ବା ପଦ୍ଧତି । ମନ ମଧ୍ୟରେ ଚିନ୍ତା ତରଙ୍ଗକୁ ନିୟନ୍ତ୍ରଣ କରିବା ବା ଚିତବୃତି ନିରୋଧକୁ ପତଞ୍ଜଳି ଯୋଗର ସଂଜ୍ଞା ରୂପେ ବର୍ଣ୍ଣନା କରିଛନ୍ତି । ଯୋଗସୂତ୍ରର ଚାରୋଟି ବିଭାଗ ବା ପାଦ ରହିଛି ତାହା ହେଲା ସମାଧି ପାଦ, ସାଧନା ପାଦ, ବିଭୁତି ପାଦ ଓ କୈବଲ୍ୟ ପାଦ । ସମାଧି ପାଦରେ ନିର୍ମଳ ଚୈତନ୍ୟ ବିଷୟ ଉଲ୍ଲେଖ ରହିଛି ଯାହାକୁ ଉଚ୍ଚଗୁଣସମ୍ପନ୍ନ ବ୍ୟକ୍ତି ମାନେ ଲାଭ କରିଥାନ୍ତି । ସାଧନା ପାଦରେ ଯୋଗର ନିୟମ ଓ ପଦ୍ଧତି ବର୍ଣ୍ଣିତ ହୋଇଛି ଯାହାକୁ ସାଧାରଣରେ ସବୁ ସାଧକ ଓ ସାମାନ୍ୟ ଗୁଣସମ୍ପନ୍ନ ବ୍ୟକ୍ତିମାନେ ଅନୁସରଣ କରିଥାନ୍ତି । ବିଭୁତି ପାଦ ଆଧ୍ୟାତ୍ମିକ ପଥ ବା ଅଲୌକିକ ଶକ୍ତିର ଜାଗରଣ ବିଷୟରେ ସୂଚନା ଦେଇଥାଏ । ଆଉ କୈବଲ୍ୟ ପାଦ ମୋକ୍ଷ ବା ମୁକ୍ତି ସହିତ ସଂଶ୍ଳିଷ୍ଟ । ପତଞ୍ଜଳିଙ୍କ ଯୋଗ ପଦ୍ଧତିକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ । ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା ହିଁ ଯୋଗ । ଯାହାକି ଏକ ଆଧ୍ୟାତ୍ମିକ ବିଜ୍ଞାନ । ଯୋଗର ଲକ୍ଷ୍ୟ ହେଉଛି ମନୁଷ୍ୟକୁ ପ୍ରକୃତିର ଦାସତ୍ୱରୁ ମୁକ୍ତ କରି ତାକୁ ନିଜ ସ୍ୱରୂପର ସାକ୍ଷାତକାର କରାଇବା । ସଂପ୍ରତି ଭାରତୀୟ ଯୋଗଦର୍ଶନ ଗିରିକନ୍ଦର ତଥା ପାହାଡ଼ ପର୍ବତର ଗୁମ୍ଫାରୁ ବାହାରି ସମଗ୍ର ବିଶ୍ୱର ପ୍ରତିଟି କୋଣ ଅନୁକୋଣରେ ପହଂଚିଛି । ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି - ଯୁକ୍ତହାର ବିହରସ୍ୟ ଯୁକ୍ତଚେଷ୍ଟସ୍ୟ କର୍ମସୁ ଯୁକ୍ତସ୍ୱପ୍ନାକ୍ତ ବୋଧସ୍ୟ ଯୋଗୋଭବତି ଦୁଃଖହା ।' ଅର୍ଥାତ୍ ଉଚିତ ଆହାର, ଉଚିତ ବିହାର, କର୍ମରେ ଉଚିତ ଚେଷ୍ଟା, ଠିକ୍ ସମୟରେ ଶୋଇବା, ଠିକ୍ ସମୟରେ ଉଠିବାରେ ଅଭ୍ୟସ୍ତ ଯୋଗୀର ସମସ୍ତ ଦୁଃଖ ନଷ୍ଟ ହୋଇଯାଏ । ସଂସ୍କୃତରେ ଯୁଜ୍



ଧାତୁରୁ ଯୋଗ ଶବ୍ଦଟି ନିଷ୍ପନ୍ନ ହୋଇଛି । ମୋଟାମୋଟି ଭାବରେ ଯୋଗର ଅର୍ଥ ଜୀବାତ୍ମାଙ୍କ ସହ ପରମାତ୍ମାଙ୍କ ମିଳନ । ଯୋଗ ମନୁଷ୍ୟର ଚେତନା ବିକାଶର ବିଜ୍ଞାନ । ଯୋଗ ସାଧନା ଏକ ବିଂଶ ଶତାବ୍ଦୀରେ ପ୍ରତ୍ୟେକ ମାନବର ଅନିର୍ବାର୍ଯ୍ୟ କର୍ତ୍ତବ୍ୟ ରୂପେ ପରିଣତ ହୋଇଛି । ଏହି ସାଧନା ଦ୍ୱାରା ଜଣେ ନିଜକୁ ଠିକ୍ ଭାବରେ ଜାଣିବା ସହ ନିଜକୁ ଅନୁଶାସନରେ ରଖିବା ପାଇଁ ସମର୍ଥ ହୋଇପାରିବ । ମଣିଷର ଉଜୁଡି ଯାଇଥିବା ମୁହୂର୍ତ ପୁଣି ଥରେ ଗଢ଼ାଯାଇ ପାରିବ । ଯୋଗ ସାଧନାର ତତ୍ତ୍ୱ ଦର୍ଶନ ସହିତ ପରିଚିତ ହୋଇ ମଣିଷ ନିଜକୁ ଜାଣି ପାରେ । ହଜିଯାଇଥିବା ଶାନ୍ତିକୁ ପୁନର୍ବାର ଫେରି ପାଇପାରେ । ଏହାର ନିୟମିତ ଅଭ୍ୟାସ ଦ୍ୱାରା ଆମ୍ଭେମାନେ ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ, ପ୍ରତିଭା, ବିଦ୍ୟା, ଆନନ୍ଦ ଓ ସର୍ବୋପରି ଶାନ୍ତି ଭଳି ବରଦାନ ପ୍ରାପ୍ତ ହୋଇ ପାରିବା । ତେଣୁ ଉଜ୍ଜଳ ଭବିଷ୍ୟତର ଆଧ୍ୟାତ୍ମିକ ସମ୍ଭାବନାକୁ ସାକାର କରିବାଲାଗି ଯୋଗ ସାଧନାର ତତ୍ତ୍ୱ ଦର୍ଶନକୁ ହୃଦୟଙ୍ଗମ କରିବା ଏବଂ ଏହାକୁ ଜୀବନର ଦିବ୍ୟମୟ ପଥପାଇଁ ପ୍ରଶସ୍ତର କ୍ଷେତ୍ର ଭାବେ ଗ୍ରହଣ କରିବା ।

*ସହକାରୀ ପ୍ରଫେସର,*
*ଶରୀରତତ୍ତ୍ୱ ବିଭାଗ,*
*ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ*

# ଭାବନାତ୍ମକ ଅପହରଣ ଓ ଅବସାଦ

◆ ଡାକ୍ତର ସମ୍ରାଟ କର




ବହୁତ ବ୍ୟସ୍ତତା ଭିତରେ ବାରମ୍ବାର ଅନୁଜ ପ୍ରତିମ ଶ୍ରୀକାନ୍ତର ଫୋନଟି ବିଶେଷ ଭାବେ ବ୍ୟସ୍ତ ଥିଲା ତାର କହିଲେ ଯେ କିଛି ଘଟଣାକୁ ନେଇ ଅସନ୍ତୁଳନରେ ରହିଛି । କିନ୍ତୁ ସେ ଶାରୀରିକ ଭାବେ ଦୁର୍ବଳ ମଧ୍ୟ ସହ ତା ଦୈନନ୍ଦିନ କାର୍ଯ୍ୟମଧ୍ୟ ସବିଶେଷ ଭାବେ ଏ ସଂକ୍ରାନ୍ତରେ କହିଲି ଏସବୁ ଘଟଣା ହେଉଛି, ସ୍ୱାସ୍ଥ୍ୟ ହରାଇବା, ଅର୍ଥ ସଙ୍କଟ, ଏସବୁ ଏବଂ ଅବସାଦରେ ରହନ୍ତି । କିଛି ମୁକ୍ତି ପାଇବା ପାଇଁ ଆତ୍ମହତ୍ୟାର ସ୍ୱାସ୍ଥ୍ୟ କେତେ ଦୁର୍ବଳ ଏଥିରୁ ଫୋନ କଲାପରେ ଅନୁଲିପ ବନ୍ଧୁ ସେଦିନ ବହୁତ ବ୍ୟସ୍ତଭରା ଥିଲା । ସେ ବନ୍ଧୁ ସୁପ୍ରୀତି ବିଷୟରେ । ସେ ମୋତେ ସୁପ୍ରୀତି ମାନସିକ ଭାବେ କାହାକୁ କିଛି ନଜଣାଇ ସହଜେ ହୋଇଗଲାଣି ଏବଂ ଚୁପଚାପ ରହିବା ବାଧାପ୍ରାପ୍ତ ହେଉଛି । ସେ ମୋ ଠାରୁ ଜାଣିବା ପାଇଁ ଚାହୁଁଥିଲେ ମୁଁ ତାଙ୍କୁ ସମସ୍ୟା, ସମ୍ପର୍କ ସମସ୍ୟା, ଚାକିରି ବିଷୟରେ ଲୋକମାନେ ଭାବି ଚିନ୍ତା ଅବସାଦଗ୍ରସ୍ତ ଲୋକ ଏସବୁ ସମସ୍ୟାରୁ ରାସ୍ତା ବାଛିଥାନ୍ତି । ଆମ ମାନସିକ ଜଣାପଡ଼େ । ଚିନ୍ତା, ଅବସାଦ ପରି ସେମିତି ଏକ ମାନସିକ ସମସ୍ୟା ହେଉଛି ଇମୋସନାଲ ହାଇଜ୍ୟାକ୍ । ଏହି ମାନସିକ ସ୍ଥିତି ବିଷୟରେ ଅଧିକାଂଶ ଲୋକ ଜାଣିପାରନ୍ତି ନାହିଁ । ଅବସାଦ ପରି ଇମୋସନାଲ ହାଇଜ୍ୟାକ୍ ମଧ୍ୟ ଏକ ପ୍ରକାର ମାନସିକ ସମସ୍ୟା । ଭାବନାତ୍ମକ ଅପହରଣ ବା ଇମୋସନାଲ ହାଇଜ୍ୟାକ ଏମିତି ଏକ ମାନସିକ ସ୍ଥିତି, ଯାହା ଜଣେ ବ୍ୟକ୍ତିର ଭାବନା ଏବଂ ବିଚାର କରିବାର ଅନୁଭବ ଠାରୁ ଦୂରକୁ ନେଇଯାଏ । ଏହି ଅବସ୍ଥାରେ ବ୍ୟକ୍ତି ନିଜର ସ୍ୱତନ୍ତ୍ରତା ଏବଂ ସ୍ୱୟଂ ପ୍ରତି ନିୟନ୍ତ୍ରଣ ହରାଇ ବସେ ଏବଂ ନିଜର ଜୀବନକୁ ବୁଝିବା ଏବଂ ନିୟନ୍ତ୍ରଣ କରିବାରେ ସମସ୍ୟା ହୋଇଥାଏ । ଯେଉଁଥିରେ ଏହା ଜଣେ ବ୍ୟକ୍ତିର ସାମାଜିକ ଏବଂ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିଥାଏ । ଉଦାହରଣ ସ୍ୱରୂପ ବେଳେ ବେଳେ ଆମେ ଭୁଲ କଲେ ମଧ୍ୟ ସେହି ଭୁଲ ବିଷୟରେ ଚିନ୍ତା କରିନଥାଉ । କିନ୍ତୁ ଇମୋସନାଲ ହାଇଜ୍ୟାକିଙ୍ଗ ସ୍ଥିତିରେ ଘଟଣା ଘଟିବା ପରେ ନିଜ ଦ୍ୱାରା ଦିଆଯାଇଥିବା ପ୍ରତିକ୍ରିୟା ବିଷୟରେ ଭାବିଥାଉ ଆମେ ଏମିତି କାହିଁକି କଲୁ । ଏମିତି କରିବାର ନଥିଲା । ଯଦି ଆହୁରି ସହଜ ଶବ୍ଦରେ ବୁଝିବେ, ତାହେଲେ ବିନା କାରଣରୁ ଯଦି ଆପଣ କାହାକୁ ପାଟିକରିବେ କିମ୍ବା ଅନ୍ୟ କାହାର ଭୁଲ ପାଇଁ ନିଜର ପିଲାକୁ କିମ୍ବା ନିଜ ପରିବାର ଲୋକଙ୍କ ଉପରେ ଚିଲାଇବେ । ପରେ ଏହି ବିଷୟରେ ଭାବିବେ ଆପଣ କାହିଁକି ଏମିତି କଲେ ? ଏମିତି ସ୍ଥିତିକୁ ଇମୋସନାଲ ହାଇଜ୍ୟାକ ବା ଆମିଗଡ଼ାଲା ହାଇଜ୍ୟାକ କୁହାଯାଇଥାଏ । କେବେ କେବେ ଏହି ଘଟଣା ସାଧାରଣ ହୋଇ ଥାଏ । କିନ୍ତୁ ଆପଣଙ୍କ ସହିତ କିମ୍ବା ଆପଣଙ୍କ ସାଙ୍ଗସାଥିଙ୍କ ସହିତ ଏମିତି ବାରମ୍ବାର ହେଉଥିଲେ ସତର୍କ ହୁଅନ୍ତୁ । କାରଣ ଏହା ଇମୋସନାଲ ହାଇଜ୍ୟାକିଙ୍ଗ ସମସ୍ୟା ହୋଇପାରେ । କୌଣସି କାରଣରୁ ରାଗିବା, ମନରେ ଭୟ ସୃଷ୍ଟି ହେବା, ଆବଶ୍ୟକତା ଠାରୁ ଅଧିକ କାହାକୁ ଭଲ ପାଇବା, ନିଜକୁ ଘୃଣା କରିବା, କୌଣସି କଥା ପାଇଁ ନିରାଶ ରହିବା ଏସବୁ ଇମୋସନାଲ ହାଇଜ୍ୟାକିଙ୍ଗ ସ୍ଥିତି ସୃଷ୍ଟି କରିଥାଏ । ଏସବୁ କ୍ଷେତ୍ରରେ ରୋଗୀଟିର ଆଖପାଖ ଲୋକଙ୍କର ଗୁରୁ ଦାୟିତ୍ୱ ରହିଛି । ସେମାନେ ସବୁବେଳେ ତା ପାଖେ ପାଖେ ରହିବା ସହ ତାକୁ ମାନସିକ ଭାବେ ସମର୍ଥନ ଓ ସହାନୁଭୂତି ଦିଅନ୍ତୁ । ତାଙ୍କୁ ନିଃସଙ୍ଗ ବା ଏକଲାପଣ ଠାରୁ ଦୂରେଇ ରଖନ୍ତୁ । ସେ ଯେପରି ଏକ ଭଲ ସ୍ୱାସ୍ଥ୍ୟଗତ ରୁଟିନରେ ରହିବେ ସେ ଦିଗ ପ୍ରତି ସଚେତନ ରୁହନ୍ତୁ । ତାଙ୍କ ପାଇଁ ସୁଷମ ଖାଦ୍ୟ ଭଲ ସେ ଯେପରି ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବେ ସେ ଦିଗକୁ ଦେଖନ୍ତୁ । ଏହା ସେପରି ଏକ ମାନସିକ ରୋଗ ନୁହେଁ । କିନ୍ତୁ ନିୟମିତ ଭାବେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩*

# ଘରକୁ ସୁନ୍ଦର କିଏ ଘରଣୀ

ଯେତେ ବ୍ୟସ୍ତ ରହିଲେ ବି ଘରର ପ୍ରତି ସଦସ୍ୟଙ୍କ ପାଇଁ ଅତି କମ୍‌ରେ ଦଶ ମିନିଟ୍ ସମୟ ଦିଅନ୍ତୁ । ଉଦାହରଣ ସ୍ୱରୂପ ଆପଣ ଯଦି ଚାକିରି କରିଥାନ୍ତି ତା'ହେଲେ ଫେରିଲା ପରେ ଯାଆ, ନଣନ୍ଦ କିମ୍ବା ଶାଶୁଙ୍କ ସହିତ ମିଶି ଚା' ପିଇଲା ବେଳେ ଦିନ ସାରା କ'ଣ ଘଟିଲା ଅଳ୍ପରେ ଆଲୋଚନା କରନ୍ତୁ । ସବୁ ସଦସ୍ୟଙ୍କ ସମସ୍ୟା ବିଷୟରେ ଜାଣିବାକୁ ଚେଷ୍ଟା କରନ୍ତୁ । ଦେଖନ୍ତୁ ସମାଧାନ କଥା ସେତେବେଳେ ଆପଣଙ୍କ ମନକୁ ଆସିବ ଯେତେବେଳେ ଆପଣଙ୍କ ମନକୁ ଆସିବ ଆପଣ ଅନ୍ୟ ମାନଙ୍କ ସମସ୍ୟାକୁ ଠିକ୍ ଭାବରେ ଶୁଣିବେ ଏବଂ ବୁଝିବେ । ଶାଶୂ କିମ୍ବା ବଡ଼ ଯାଆଙ୍କୁ ନିଜ ମନ କଥା ଖୋଲି କହନ୍ତୁ । ନିଜ ସମସ୍ୟା ସେମାନଙ୍କୁ କହି ସମାଧାନର ବାଟ ସେମାନଙ୍କ ଠାରୁ ଆଶା କରନ୍ତୁ । ଏହାଦ୍ୱାରା ଆପଣଙ୍କ ଉପରେ ସେମାନେ କେବେ ସନ୍ଦେହ କରିବେ ନାହିଁ । ବରଂ ସେମାନେ ଏକଥା ଭାବି ଖୁସି ହେବେ ଯେ ଆପଣ ସେମାନଙ୍କୁ ନିଜର ଭାବି ସବୁକଥା ମନଖୋଲି କହି ପାରୁଛନ୍ତି । ଘରକୁ ଆପଣଙ୍କର କେହି ସାଙ୍ଗସାଥୀ କିମ୍ବା ବାପ ଘର ତରଫରୁ ବନ୍ଧୁବାନ୍ଧବ ଆସିଲେ ସାଙ୍ଗେ ସାଙ୍ଗେ ନିଜ ରୁମ୍‌କୁ ଡାକି ନିଅନ୍ତୁ ନାହିଁ । ପ୍ରଥମେ ପରିବାର ସବୁ ସଦସ୍ୟଙ୍କ ସହିତ ସେମାନଙ୍କର ଚିହ୍ନା ପରିଚୟ କରାନ୍ତୁ । ଏପରି ନକଲେ ସେମାନଙ୍କ ଦୃଷ୍ଟିରେ ଆପଣ ସ୍ୱାର୍ଥପର ପାଲଟିବେ । ବୟସ ବଢ଼ିବା ସହିତ ମିଜାଜ ମଧ୍ୟ କେମିତି ଚିଡ଼ିଚିଡ଼ା ଧରିଯାଏ । ତେଣୁ ପରିବାରର କେହି ବୟସ୍କ ବ୍ୟକ୍ତି ଆପଣଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ସାହାଯ୍ୟ ମଧ୍ୟ ନେଇ ପାରିବେ । ଅନେକ ସମୟରେ ଦେଖାଯାଏ ପରିବାରର ଏମିତି କିଛି ସଦସ୍ୟ ଯେଉଁ ମାନେ କି ଆପଣଙ୍କୁ ଖୁବ୍ ଭଲ ପାଆନ୍ତି କିମ୍ବା ଆପଣଙ୍କ ଉପରେ ଅତ୍ୟଧିକ ନିର୍ଭରଶୀଳ । ଏଭଳି ସଦସ୍ୟଙ୍କୁ ସବୁବେଳେ ଆଶ୍ୱାସନା ଦେବେ ଯେ, ଆପଣ ସବୁବେଳେ ସେମାନଙ୍କ ପାଖେ ପାଖେ ଅଛନ୍ତି । କାରଣ ଅସୁସ୍ଥ ହୋଇ ପଡ଼ିଲେ ଆପଣ କାମର ବାହାନା କରି ସେମାନଙ୍କୁ ଧରାଛୁଆଁ ଦେବେ ନାହିଁ ବୋଲି ହୁଏତ ସେମାନେ ଭାବି ପାରନ୍ତି । କିନ୍ତୁ ସେମାନଙ୍କର ସେଭଳି ଧାରଣା ଦୂରେଇବା ଆପଣଙ୍କର କର୍ତବ୍ୟ । କିଛି କିଛି ଦାୟିତ୍ୱ ସେମାନଙ୍କୁ ଦିଅନ୍ତୁ । ଏହାଦ୍ୱାରା ସେମାନେ ଭାବିବେ ଯେ ଆପଣ ସେମାନଙ୍କୁ ଗୁରୁତ୍ୱ ଦେଉଛନ୍ତି । କଥା କଥାରେ ସେମାନେ ବ୍ୟାକ୍ ଡେଟ୍‌ଡ୍ ବୋଲି କହି ସେମାନଙ୍କର ମୂଲ୍ୟବୋଧକୁ ଆଘାତ



କରିବେ ନାହିଁ । ଏ କଥାଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ହୁଏତ ସେମାନଙ୍କ କଥା ଭୁଲ୍ ହୋଇ ପାରେ । କିନ୍ତୁ ଆପଣ ନିଜସ୍ୱ ଯୁକ୍ତିରେ ସେହି ଭୁଲ୍‌କୁ ପ୍ରମାଣିତ କରିବାକୁ ଯାଇ ସେମାନଙ୍କୁ ପୁରୁଣାକାଳିଆ କହି ସମାଲୋଚନା କରିବା ଆଦୌ ଠିକ୍ ନୁହେଁ । ବିଭିନ୍ନ କଥାର ଉଦାହରଣ ଦେଇ ବୁଝାଇବାକୁ ଚେଷ୍ଟା କରିବେ । ପରିବାରର କୌଣସି ସଦସ୍ୟଙ୍କ ଶରୀର ଖରାପ ହେଲେ ଆପଣ ନିଜ ଆଡୁ ଡାକ୍ତର ଦେଖାଇବାକୁ ଚେଷ୍ଟା କରନ୍ତୁ । ଏ ଘରର ମୁଁ କ'ଣ ଏକୁଟିଆ ରହୁଛି କି ? କାହିଁକି ତାଙ୍କର ଅନ୍ୟ ପୁଅ ବୋହୂ ନାହାଁନ୍ତି କି ? ଏଭଳି ଭାବନା ମନକୁ ସଂପୂର୍ଣ୍ଣ ଭାବେ ଦୂରେଇ ଦିଅନ୍ତୁ । ଦେଖନ୍ତୁ ଅନ୍ୟମାନେ ଠିକ୍ ଭାବରେ କାମ କରୁଛନ୍ତି କି ନାହିଁ ସେକଥା ଚିନ୍ତା କରି ଲାଭ ନାହିଁ । ପ୍ରଥମେ ଆପଣ ନିଜ କର୍ତବ୍ୟ ଠିକ୍ ଭାବେ କରୁଛନତି କି ନାହିଁ ସେକଥା ଚିନ୍ତା କରନ୍ତୁ । ଆପଣ ଯଦି ଚାକିରି କରୁଥାନ୍ତି ବା କୌଣସି ସୂତ୍ରରୁ ଆପଣ କିଛି ଅର୍ଥ ଉପାର୍ଜନ କରୁଥାଆନ୍ତି ତାହାଲେ ନିଜ ଆୟର କିଛି ଅଂଶ ପରିବାରର ଅନ୍ୟ ସଦସ୍ୟଙ୍କ ପାଇଁ ଖର୍ଚ୍ଚ କରନ୍ତୁ । ମନେ ରଖନ୍ତୁ ଆପର ଖର୍ଚ୍ଚ ନକଲେ ସେମାନେ ଆପଣଙ୍କୁ କଂଜୁସ୍ କହିବେ ନାହିଁ । କିନ୍ତୁ ଯଦି ଛୋଟ ଉଦହାରଟି ସେମାନେ ପାଇବେ ସେମାନେ ଆପଣଙ୍କ ଉପରେ ଯେତିକି ଖୁସି ହେବେ ତାହା ହେଲା ଆପଣଙ୍କର ସବୁଠାରୁ ବଡ଼ ସଂଚୟ । କାରଣ ଯୌଥ ପରିବାରକୁ ସବୁବେଳେ ସ୍ନେହ ଓ ଖୁସିର ଡ଼ୋରିରେ ବାନ୍ଧି ହୁଏ ।

# ପର୍ବପର୍ବାଣି ଦ୍ୱାରା ଆଧ୍ୟାତ୍ମିକ ଜାଗରଣ

◆ କୃଷ୍ଣପ୍ରିୟା ତ୍ରିପାଠୀ

ଭାରତୀୟ ସଂସ୍କୃତିରେ ପୂଜାପାର୍ବଣର ମହତ୍ତ୍ୱ ସର୍ବାଧିକ । ଏହି ପର୍ବପର୍ବାଣି ବା ପୂଜା ଉତ୍ସବ କେବଳ କୌଣସି ନିର୍ଦ୍ଦିଷ୍ଟ ଦିନକୁ ମନେ ପକାଇବା ଲାଗି ପାଳନ କରାଯାଏ ନାହିଁ । ଏହାପଚରେ ମହତ ଉଦ୍ଦେଶ୍ୟଟି ହେଲା ପର୍ବର ବାର୍ତ୍ତାକୁ ହୃଦୟରେ ଗ୍ରହଣ କରି ଜୀବନରେ କାର୍ଯ୍ୟକାରୀ କରାଇବା । ବସ୍ତୁବାଦୀ ଦୁନିଆରେ ଭକ୍ତି ଓ ଆଧ୍ୟାତ୍ମିକ ଜାଗରଣ ନିମନ୍ତେ ଅଧିକାଂଶ ପର୍ବପର୍ବାଣୀ, ଓଷାବ୍ରତର ସୃଷ୍ଟି । ଗୋଷ୍ଠୀଜୀବନରେ ପର୍ବପର୍ବାଣୀ ଓ ଉତ୍ସବ ସୃଷ୍ଟି କରେ ଏକତା, ବନ୍ଧୁତ୍ୱ ଓ ସ୍ୱାଧୀନତାର ପରିବେଶ । ସବୁଠାରୁ ବଡ଼ ଉପକାର ହେଉଛି, ଈଶ୍ୱରଙ୍କ ଶକ୍ତିର ପ୍ରମାଣ । ଈଶ୍ୱରଙ୍କ ମାନବ ପ୍ରୀତିର ଦୃଷ୍ଟାନ୍ତ, ଈଶ୍ୱରଙ୍କ ସର୍ବଜ୍ଞତ୍ୱର ପରିଚୟ ମିଳିଥାଏ । ପର୍ବ ପାଳନ ଯେଉଁ ବିଷୟ ଓ ଘଟଣା ଉପରେ ଆଧାରିତ ସେ ଯେତେ ଯୁଗର ପୁରୁଣା ହେଲେ ମଧ୍ୟ ଆଜି ବି ଜନମାନସରେ ଅନୁସୃତ । ସେଥିରୁ ଭଗବାନଙ୍କର ସର୍ବମୟତା, ସର୍ବ ସ୍ୱୀକୃତତା ଓ ସର୍ବକାଳରେ ତାଙ୍କ ବିଦ୍ୟମାନତା ପ୍ରଭୃତି ସ୍ପଷ୍ଟ ହୋଇଯାଏ । ଏବେ ଦେଖାଯାଉଛି କେତେକ ଠାକୁର ଠାକୁରାଣୀ ନୂଆ କରି ପୂଜା ହେଉଛନ୍ତି, ନୂଆ ପ୍ରକାର ପୂଜା ପଦ୍ଧତି ଅନୁସୃତ ହେଉଛି । ତା' ଭିତରେ ଦୃଷ୍ଟିପାତ କଲେ ଦେଖାଯାଉଛି ଯେଉଁ ନାମ ଓ ରୂପ ମଣିଷକୁ ଭଲ ଲାଗିଲା ସେ ତା'



ଦ୍ୱାରା ଉପକୃତ ହେଲା ଓ ତାହାକୁ ପୂଜା କରି କ୍ରମେ କ୍ରମେ ମନ୍ଦିର ତୋଳାଗଲା ଓ ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ଦିନ ବା ସମୟରେ ସେହି ଠାକୁରଙ୍କୁ କେନ୍ଦ୍ର କରି ଉତ୍ସବ ପାଳିତ ହେଉଛି । ମୌଳିକ ବିଷୟ ହେଉଛି, ମଣିଷ ଜୀବନ ଦୁର୍ଦ୍ଦିନରେ ଆର୍ତ୍ତ ଅବସ୍ଥାରେ ଯେଉଁ ନାମ, ରୂପର ଆଶ୍ରୟ ନେଲା ଏବଂ ଆଶା କରୁଥିବା ଫଳ ପାଇଲା ସେହି ନାମ, ରୂପକୁ ବିଖ୍ୟାତ କରିଦେଲା, ଫଳରେ ଅଧିକ ସଂଖ୍ୟକ ଲୋକ ମଧ୍ୟ ବିପଦରୁ ଉଦ୍ଧାର ପାଇବାକୁ ଇଚ୍ଛା କରି ଫଳ ପାଇଲେ ଏବଂ ସେହି ନାମ ରୂପର ପ୍ରସିଦ୍ଧି ବଢ଼ିବାରେ ଲାଗିଲଣ । ତାଙ୍କ ଆଶ୍ରିତ ମାନଙ୍କ ସଂଖ୍ୟା ବଢ଼ିଲା ଓ ତାହାଙ୍କୁ କେନ୍ଦ୍ର କରି ପର୍ବ ପର୍ବାଣୀ ମାନ ଆରମ୍ଭ ହେଲା । ଏହାର ମୂଳ ସତ୍ୟ ହେଲା ନାମ ଓ ରୂପ ଯାହ ହେଉ ପଛେ ପ୍ରତ୍ୟେକ ଦେବ ଦେବୀଙ୍କର ଅଲୌକିକ ଶକ୍ତି ଅଛି - ତାହା ଉପରେ ବିଶ୍ୱାସ । ଖୋଲା ହୃଦୟରେ ସବୁକଥାକୁ ଗ୍ରହଣ କରିବା ସବୁ କଷ୍ଟ ଭୁଲି ଶତ୍ରୁକୁ କ୍ଷମା ଦେବା ଶିଖାଏ ଏହି ସାମାଜିକ ଉତ୍ସବାନୁଷ୍ଠାନ । ସମସ୍ତ ଭେଦଭାବ ଦୂର ହୁଏ । ଭାରତୀୟ ପରମ୍ପରାରେ ଆମର ଜୀବନ, ଚଳଣି, ଜ୍ଞାନ, କଳା ସବୁକିଛି ଠାକୁର ପୂଜା ସହ ସଂଯୁକ୍ତ । ଓଷାବ୍ରତରେ ମଧ୍ୟ ମଣିଷ ତାର ନିଜସ୍ୱ ସ୍ୱାର୍ଥ ଅର୍ଥାତ୍ ଧନସମ୍ପଦ, ଐଶ୍ୱର୍ଯ୍ୟ, ସନ୍ତାନ, ସଫଳତା ଆଦି କାମନା କରି ଭଗବାନଙ୍କୁ ପୂଜା କରେ । ଭଗବାନଙ୍କର ଆଶୀର୍ବାଦ, କରୁଣା ବିନା କିଛି ସମ୍ଭବ ନୁହେଁ । ଯେମିତି ନ୍ତ୧' ସଂଖ୍ୟା ବିନା ଅନେକ ନ୍ତ୦' ମୂଲ୍ୟହୀନ ଠିକ୍ ସେହିପରି । ତେଣୁ ପରିବାର, ସମାଜ, ସଂସାରକୁ ମଧୁମୟ କରିବାକୁ ହେଲେ ଆଧ୍ୟାତ୍ମିକ ଚେତନାର ଜାଗରଣ ବି ଜରୁରୀ । ଈଶ୍ୱର ବିଶ୍ୱାସ, ଆଧ୍ୟାତ୍ମିକ ଜାଗରଣ ସୃଷ୍ଟିରେ ସାହାଯ୍ୟ କରେ ପର୍ବପର୍ବାଣି, ଓଷାବ୍ରତ ବା ଉତ୍ସବାନୁଷ୍ଠାନ । ପୁଣି ଗୋଷ୍ଠୀ ଜୀବନକୁ ଉତ୍ସାହିତ କରେ ।

*କିରଣ ପାରିଜାତ ଏନକ୍ଲେଭ, କ୍ୟାଂଟେନମେଂଟ ରୋଡ଼, କଟକ*

# ପିଲାଙ୍କୁ ପ୍ରଭାବିତ କରୁଛି ସାମାଜିକ ଗଣମାଧ୍ୟମ

◆ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ସାମାଜିକ ଗଣମାଧ୍ୟମରୁ ପିଲାଙ୍କୁ ଦୂରେଇ ରଖିବା ଏବେ ଅଭିଭାବକଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି । ଅନେକ ସମୟରେ ଅଜାଣତରେ ହିଁ ଅଭିଭାବକ ପିଲାଙ୍କୁ ସାମାଜିକ ଗଣମାଧ୍ୟମ ସହ ପରିଚିତ କରାଇଥାନ୍ତି । ପରେ ଏହାକୁ ନେଇ ଅନୁଶୋଚନା କରନ୍ତି । ତେବେ ପିଲାମାନେ ପଢ଼ା ପାଇଁ ସାମାଜିକ ଗଣମାଧ୍ୟମକୁ ଠିକ ଭାବେ ଉପଯୋଗ କରୁଛନ୍ତି କି ନାହିଁ, ତାହା ଉପରେ ଅଭିଭାବକଙ୍କୁ ଦୃଷ୍ଟି ରଖିବା ଆବଶ୍ୟକ । ଆଜିକାଲି ପିଲାଙ୍କୁ କମ ବୟସରୁ ମୋବାଇଲ ଦିଆଯାଉଛି । ଫଳରେ ଏହାର ପ୍ରଭାବ ସେମାନଙ୍କ ଉପରେ ପଡୁଛି । ଅନେକ ସମୟରେ ପିଲାମାନେ ଏହାର ଉପଯୋଗ ଜାଣି ନପାରି ଭୁଲ କରି ବସନ୍ତି । ଯଦି ପିଲାଙ୍କର ସାମାଜିକ ଗଣମାଧ୍ୟମରେ ଆକାଉଂଟ ଅଛି, ତାହାକୁ ଚେକ କରିବା ଦରକାର । ତା ସହ ସେମାନେ କାହା ସହ



ସେଥିରେ କଥା ହେଉଛନ୍ତି ସେ ସମ୍ପର୍କରେ ଅଭିଭାବକଙ୍କୁ ନଜର ରଖିବା ଉଚିତ । ସେହିପରି କେତେ ସମୟ ସେମାନେ ଏଥିରେ ସକ୍ରିୟ ରହୁଛନ୍ତି, ସେ ସମ୍ପର୍କରେ ଜାଣି ରଖିବା ଦରକାର । ପଢ଼ା ପାଇଁ ମଧ୍ୟ ପିଲା ମୋବାଇଲ ଧରି ଅନେକ ସମୟ ବସି ରହନ୍ତି । ଫଳରେ ସେମାନେ ପଢ଼ା ଠାରୁ ଦୂରେଇ ଯାଆନ୍ତି । ତେଣୁ ସାମାଜିକ ଗଣମାଧ୍ୟମ ବ୍ୟବହାରକୁ ନେଇ ପିଲାଙ୍କ ସହ ବାପା ମାଆ ଖୋଲାଖୋଲି ଆଲୋଚନା କରିବା ଦରକାର । ଏହାର ଉପକାରିତା ଓ ଅପକାରିତା ବିଷୟରେ ସେମାନଙ୍କୁ ବୁଝାଇବା ଆବଶ୍ୟକ । ଏଥିରେ ଅଧିକ ସମୟ ଅତିବାହିତ କରିବା ପରିବର୍ତେ ସାଙ୍ଗସାଥୀଙ୍କୁ ସମୟ ଦେବାକୁ ବୁଝାଇବା ଉଚିତ । ତାସହ ବାହାରେ ଖେଳିବା ଓ ନୂଆ ସ୍ଥାନ ବୁଲିବା ଦିଗରେ ଅଭିଭାବକମାନେ ପିଲାଙ୍କୁ ଉତ୍ସାହିତ କରିବା ଜରୁରୀ । ଆଜିକାଲି ବାପାମାଆ ମାନେ ଅଧିକାଂଶ ସମୟରେ ପିଲାମାନଙ୍କୁ ସମୟ ନଦେଇ ପାରି ମୋବାଇଲ ଧରାଇ ଦେଉଛନ୍ତି ବିଶେଷକରି ଛୋଟବେଳୁ ପିଲାଙ୍କୁ ମୋବାଇଲ ଧରାଇ ସେମାନଙ୍କୁ ଏକ ପ୍ରକାର ଅନ୍ୟ ମନସ୍କ କରୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେହିପରି ପିଲାମାନେ ଦିନ ଦିନ ଧରି ଏହି ମୋବାଇଲର ମାୟାରେ ପଡ଼ି ନିଜର ଶାରୀରିକ, ମାନସିକ ଅଭିବୃଦ୍ଧି ପାଇଁ ନିଜେ ହିଁ ବାଧକ ସାଜୁଛନ୍ତି । ସେମାନେ ଠିକ ସମୟରେ ଖାଇପାରୁ ନାହାଁନ୍ତି, ବିଶ୍ରାମ ନେଇ ପାରୁ ନାହାଁନ୍ତି, ପାଠପଢ଼ା କ୍ଷେତ୍ରରେ ମଧ୍ୟ ଅନ୍ୟ ମନସ୍କ ରହୁଛନ୍ତି । କେତେକ ପିଲା ଅଶୀଳ ସାଇଟ ଦେଖିବା ସହ ହିଂସାତ୍ମକ ଓ ଉତେଜିତ ହେବାପରି ଚଳଚ୍ଚିତ୍ର ଦେଖୁଛନ୍ତି ଯାହାକି ସେମାନଙ୍କ ଜୀବନକୁ କ୍ଷତବିକ୍ଷତ କରୁଛି । ତେଣୁ ସାମାଜିକ ଗଣମାଧ୍ୟମର ଉପକାରକୁ ଦେଖିଲେ ଚଳିବ ନାହିଁ ଏହାର ଅପକାର ଦିଗକୁ ମଧ୍ୟ ଦୃଷ୍ଟି ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ,*
*ଶିଶୁରୋଗ ବିଭାଗ,*
*ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର :*
*୯୪୩୭୧୨୪୦୭୪*

# ରାମାୟଣ
# ରାମ ଓ ସୁଗ୍ରୀବଙ୍କ ମିତ୍ରତା

◆ ଡାକ୍ତର ଦିଲ୍ଲୀପ କୁମାର ମହାରଣା

ମାତା ସୀତାଙ୍କ ସନ୍ଧାନରେ ବାହାରି ଥିବା ଭଗବାନ ରାମ ଓ ଲକ୍ଷ୍ମଣଙ୍କୁ ନେଇ ହନୁମାନ ସୁଗ୍ରୀବଙ୍କ ନିକଟରେ ପହଂଚନ୍ତି । ସୁଗ୍ରୀବ ହନୁମାନଙ୍କ ଠାରୁ ରାମ ଓ ଲକ୍ଷ୍ମଣଙ୍କ ବିଷୟରେ ଜାଣି ସାରିବା ପରେ ଗୁମ୍ଫା ଭିତରକୁ ପାଛୋଟି ନିଅନ୍ତି । ମନ୍ତ୍ରୀ ଜାମବନ୍ତ ଓ ସମସ୍ତ ବାନର ସେନା ସହ ପରିଚିତ କରାନ୍ତି । ଶ୍ରୀରାମ, ସୁଗ୍ରୀବଙ୍କୁ ଏଭଳି ଗୁମ୍ଫାରେ ରହିବାର କାରଣ ପଚାରନ୍ତି । ଏହାର ଉତ୍ତରରେ ଜାମବନ୍ତ କୁହନ୍ତି ଯେ, ରାଜା ବାଳିଙ୍କ ଭୟରେ ସେମାନେ ଏହି ଋଷ୍ୟମୂକ ପର୍ବତରେ ରହୁଛନ୍ତି । ଦୁନ୍ଦୁଭିକୁ ବଧ କରିବା ପାଇଁ ଏକ ଗହ୍ୱର ମଧ୍ୟରେ ପ୍ରବେଶ କଲେ । ପ୍ରବେଶ କରିବା ପୂର୍ବରୁ ସେ ଫେରି ଆସିବା ଯାଏଁ ସେ ଏହି ଗହ୍ୱରର ମୁହଁରେ ଜଗି ରହିବାକୁ ସୁଗ୍ରୀବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହିପରି ଭାବରେ ପ୍ରାୟ ଏକ ବର୍ଷ ଅପେକ୍ଷା କରିବା ପରେ ବାଳି ଫେରି ନଥିଲେ । ବାଳିଙ୍କର ମୃତ୍ୟୁ ହୋଇଯାଇଛି ଭାବି ସୁଗ୍ରୀବ ଉକ୍ତ ଗହ୍ୱରର ମୁଖକୁ ପଥରରେ ବନ୍ଦ କରି କିଷ୍କିନ୍ଧ୍ୟାକୁ ଫେରିଥିଲେ ଏବଂ ସେଠାରେ ସେ ସମସ୍ତଙ୍କୁ ଏହି ଖବର ଜଣାଇଥିଲେ । ମନ୍ତ୍ରୀମାନେ ତାଙ୍କ ସହିତ ପରାମର୍ଶ କରିବା ପରେ ସୁଗ୍ରୀବଙ୍କୁ ରାଜ ମୁକୁଟ ପିନ୍ଧାଇ ରାଜ୍ୟଭାର ଅର୍ପଣ କରିଥିଲେ । ବାଳି କିନ୍ତୁ ଜୀବିତ ଥିଲେ । ସେ ରାଜ୍ୟକୁ ଫେରିଆସି ଦେଖନ୍ତି ତ ସୁଗ୍ରୀବ ରାଜା ହୋଇ ବସିଛି । ଏହା ଦେଖି ବାଳି ବହୁତ ରାଗିଗଲେ । ଏଥିରେ ସେ କ୍ରୋଧିତ ହୋଇ ସୁଗ୍ରୀବଙ୍କ



ପତ୍ନୀ ରୁମାଙ୍କୁ ହରଣ କରି ସୁଗ୍ରୀବଙ୍କୁ ରାଜ୍ୟରୁ ବହିଷ୍କାର କଲେ । ସୁଗ୍ରୀବ ରାଜ୍ୟ ହରାଇ ଏହି ଗୁମ୍ଫାରେ ବାସ କରୁଛନ୍ତି । ଯଦି ଆପଣ ରାଜା ବାଳିଙ୍କୁ ହତ୍ୟା କରିବାରେ ସାହାଯ୍ୟ କରନ୍ତି, ତେବେ ବାନର ସେନା ଦେବୀ ସୀତାଙ୍କୁ ଖୋଜିବାରେ ସାହାଯ୍ୟ କରିବେ । ଏହା ଶୁଣି ଶ୍ରୀରାମ କୁହନ୍ତି, 'ମୁଁ ସୁଗ୍ରୀବଙ୍କୁ କୌଣସି ପ୍ରକାରେ ସାହାଯ୍ୟ କରିପାରିବି ନାହିଁ । ଏହା କେବଳ ଦୁଇ ରାଜାଙ୍କ ମଧ୍ୟରେ ଘଟିଥାଏ । ମୁଁ ସୁଗ୍ରୀବଙ୍କ ସହ କୌଣସି ପ୍ରକାର ରାଜନୈତିକ ସମ୍ବନ୍ଧ ରଖିବାକୁ ଚାହେଁ ନାହିଁ । ରାଜନୈତିକ ସନ୍ଧିତ ଦୁଇ ରାଜାଙ୍କ ମଧ୍ୟରେ ନିଜ ନିଜ ସ୍ୱାର୍ଥ ସାଧନ ପାଇଁ ହୋଇଥାଏ । ମୋ ସ୍ୱଭାବରେ ସ୍ୱାର୍ଥର ସ୍ଥାନ ନାହିଁ । ଏହା ଶୁଣି ଜାମବନ୍ତ ନିଜ ଭୁଲ ଜାଣି ପାରିଲେ, ସେ ରାମଙ୍କୁ କ୍ଷମା ପ୍ରାର୍ଥନା କଲେ । ରାମ ସୁଗ୍ରୀବଙ୍କୁ ମିତ୍ରତାର ପ୍ରସ୍ତାବ ଦେଲେ । ଅଗ୍ନିଙ୍କୁ ସାକ୍ଷୀ ଭାବରେ ଗ୍ରହଣ କରି ରାମ ସୁଗ୍ରୀବ ବନ୍ଧୁତ୍ୱର ଶପଥ ନେଲେ । ଏହିପରି ଉଭୟଙ୍କ ମଧ୍ୟରେ ଏକ ଘନିଷ୍ଠ ବନ୍ଧୁତା ସ୍ଥାପିତ ହୁଏ । ଏହାପରେ ରାମଙ୍କ ପରାମର୍ଶ କ୍ରମେ ସୁଗ୍ରୀବ ଆସି ବାଳି ସହିତ ଯୁଦ୍ଧ କଲେ ଓ ଶେଷରେ ଶ୍ରୀରାମଙ୍କର ତୀର ଆଘାତରେ ବାଳିର ମୃତ୍ୟୁ ହୋଇଥିଲା ।

*ଶିଖରପୁର ଉପରସାହି,*
*କଟକ :*
*୮୨୮୦୯୬୩୨୮୩/*
*୯୪୩୮୫୮୩୨୮୯*

## ଖଞ୍ଜାମାହାଲ ଖାଦାନରେ ବ୍ଲାଷ୍ଟିଂ ପୂର୍ବରୁ ଖଣି ବିଭାଗର ଚଢ଼ାଉ

ସୋର(ନିପ୍ର): ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଂଚାୟତ ଖଞ୍ଜାମାହାଲ ପଥର ଖାଦାନ ବର୍ଷ ବର୍ଷ ଧରି ଲୁଟ୍ ହୋଇଚାଲିଛି । ଫଳରେ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର । ସୋର ତହସିଲ ଅଧୀନ ଖଞ୍ଜାମହାଲ ୩୯ ନମ୍ବର ଖାଦାନର ପାହାଡ଼ ଫଟାଇବାକୁ ବିସ୍ଫୋରକ ଖଞ୍ଜିଥିଲେ ପଥର ମାଫିଆମାନେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖଣି ବିଭାଗ ଓ ତହସିଲ ପକ୍ଷରୁ ଅଚନାକ ଚଢ଼ଉ କରାଯାଇଥିଲା । ଏହି ସମୟରେ ବିପୁଳ ବିସ୍ଫୋରକ ଜବତ କରାଯାଇଥିବା ବେଳେ ମାଫିଆମାନେ ଘଟଣାସ୍ଥଳ ଛାଡ଼ି ଫେରାର ହୋଇଯାଇଥିଲେ । ସେହିପରି ୪୩ ନମ୍ବର ଖାଦାନରୁ ବେଆଇନ୍ ପଥର ଉତୋଳନ କରୁଥିବା ଏକ ପୋକ୍ଲିନ୍ ମେସିନ୍ ୮୦ ଫୁଟ୍ ତଳକୁ ଖସିପଡ଼ିଥିଲା । ସୌଭାଗ୍ୟ ବସତଃ ମେସିନ୍ ଚାଳକ ଅଳ୍ପକେ ବର୍ତି ଯାଇଛନ୍ତି । ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଓ ସମ୍ପିତ କୁମାର ମଣି ଉକ୍ତ ପୋକ୍ ?ଲିନ୍ ମେସିନ୍ ଜବତ କରିଛନ୍ତି । ସେହିପରି ଓଡି-୦୧ବିସି- ୯୫୦୫ ନମ୍ବର ବିଶିଷ୍ଟ ଏକ ପଥର ବୋଝେଇ ଡମ୍ପରକୁ ମଧ୍ୟ ଜବତ କରାଯାଇଛି । ଏଠାରେ ପଥର ମାଫିଆ ସକ୍ରିୟ ହୋଇ ପଡ଼ିଥିବାରୁ ପୂର୍ବରୁ ବସିଥିବା ପୁଲିସ କ୍ୟାମ୍ପକୁ ପୁଣି କାର୍ଯ୍ୟକ୍ଷମ କରାଇବା ପାଇଁ ଦାବି ହେଉଛି ।

## ଆନ୍ତର୍ଜାତୀୟ ଯୁବ ଦିବସରେ ଏଚ୍ଆଇଭି/ ଏଡ୍ସ ସମ୍ପର୍କିତ ଶିକ୍ଷା ଓ ସଚେତନତା ଅଭିଯାନର ତୃତୀୟ ପର୍ଯ୍ୟାୟ-୩.୦ ଶୁଭାରମ୍ଭ

ଖୋର୍ଦ୍ଧା(ନିପ୍ର): ଆନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଖୋର୍ଦ୍ଧା ଟାଉନ୍ ? ହଲ୍ ? ପରିସରରୁ ଏଚ୍ ?ଆଇଭି/ ଏଡ୍ ?ସ ସମ୍ପର୍କିତ ଦ୍ୱି-ମାସିକ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନର ୨୦୨୬-୨୭ ତୃତୀୟ ପର୍ଯ୍ୟାୟର ରାଜ୍ୟସ୍ତରୀୟ ଶୁଭାରମ୍ଭ ଖୋର୍ଦ୍ଧା ସ୍ଥିତ ଜୟୀରାଜଗୁରୁ ଟାଉନହଲ ଠାରେ କରାଯାଇଛି । ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଯାନର ଶୁଭାରମ୍ଭ କରିଥିଲେ । ଅଭିଯାନର ଶୁଭାରମ୍ଭ ସହିତ ସଚେତନତା ରାଲି ଓ ସଚେତନତା ସମ୍ବଳିତ ପ୍ରଚାର ପ୍ରସାର ଗାଡିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ମନ୍ତ୍ରୀ ଡ଼. ମହାଲିଙ୍ଗ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଏଚ ଆଇ ଭି ବିରୋଧରେ ଲଢ଼େଇ କେବଳ ସଂକ୍ରମଣ ବିରୋଧରେ ଲଢ଼େଇ ନୁହେଁ, ଏହା ଅଜ୍ଞତା, ଭୟ, ଭ୍ରାନ୍ତ ଧାରଣା ଓ ଭେଦଭାବ ବିରୋଧରେ ମଧ୍ୟ ଏକ ଲଢ଼େଇ । ସଚେତନତା, ସଠିକ୍ ସୂଚନା, ଏଚ ଆଇ ଭି ପରୀକ୍ଷା, ଚିକିତ୍ସା ଏବଂ ସହାନୁଭୂତି ଏହି ଲଢ଼େଇର ପ୍ରମୁଖ ଅସ୍ତ୍ର ବୋଲି ସେ ଉଲ୍ଲେଖ କରିଥିଲେ । ମନ୍ତ୍ରୀଙ୍କ ଅଭିଭାଷଣ ଅନୁଯାୟୀ, ଓଡ଼ିଶାରେ ପ୍ରାୟ ୪୬ ହଜାର ଲୋକ ଏଚ ଆଇ ଭି ସଂକ୍ରମିତ ଅଛନ୍ତି । ଏଥିରେ ୧୫ ବର୍ଷରୁ କମ୍ ? ବୟସର ୧,୫୩୦ ଜଣ ଶିଶୁ ଏବଂ ୧୫ରୁ ୨୪ ବର୍ଷ ବୟସର ୨,୭୨୫ ଜଣ ଯୁବକ-ଯୁବତୀ ଅନ୍ତର୍ଭୁକ୍ତ ଅଛନ୍ତି । ରାଜ୍ୟର ଏଚ ଆଇ ଭି ପରୀକ୍ଷା ବ୍ୟାପକତା ହାର ୦.୧୨ ପ୍ରତିଶତ ରହିଛି । ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ




ଅସଞ୍ଚଳକୁ ତୁଳନା କଲେ ଐଓଠର ମୋଟ ପ୍ରତିଶତ ଦୃଷ୍ଟିରୁ ଓଡ଼ିଶାର ସ୍ଥାନ ୧୫ତମ । ସେହିପରି, ଜାତୀୟ ସ୍ତରରେ ପ୍ରତି ୧,୦୦୦ ଏଚ ଆଇ ଭି ମୁକ୍ତ ଜନସଂଖ୍ୟାରେ ବାର୍ଷିକ ନୂତନ ଏଚ ଆଇ ଭି ସଂକ୍ରମଣ ହାର ୦.୦୫ ଥିବାବେଳେ ଓଡ଼ିଶାରେ ଏହା ୦.୦୨ ରହିଛି । ତେବେ ୨୦୨୫ର ଏଚ ଆଇ ଭି ଆକଳନରେ ପୂର୍ବର ଦୁଇଟି ଆକଳନ ତୁଳନାରେ ଅନୁଗୋଳ, ଗଞ୍ଜାମ, ଖୋର୍ଦ୍ଧା, ନବରଙ୍ଗପୁର, ନୟାଗଡ଼ ଓ ସମ୍ବଲପୁର ଜିଲ୍ଲାରେ ଏଚ ଆଇ ଭି ବୃଦ୍ଧିମୁଖୀ ପ୍ରବଣତା ଦେଖାଯାଇଥିବା ମନ୍ତ୍ରୀ କହିଥିଲେ । ଗତ ତିନି ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଓଉଞ୍ଜଉ କେନ୍ଦ୍ର ମାଧ୍ୟମରେ ୧୦ ହଜାରରୁ ଅଧିକ ନୂତନ ଏଚ ଆଇ ଭି ସଂକ୍ରମିତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଚିକିତ୍ସା ଓ ଯତ୍ନ ସେବା ସହିତ ସଂଯୋଗ କରାଯାଇଛି । ଏଥିରେ ୫୪୫ ଜଣ ଗର୍ଭବତୀ ମହିଳା ମଧ୍ୟ ଅନ୍ତର୍ଭୁକ୍ତ ଅଛନ୍ତି । ମନ୍ତ୍ରୀ କହିଥିଲେ ଯେ, ଏଚ ଆଇ ଭି ଚିହ୍ନଟ ହେବା ଜୀବନର ଶେଷ ନୁହେଁ । ସଠିକ୍ ? ସମୟରେ ପରୀକ୍ଷା, ପରାମର୍ଶ ଓ ନିୟମିତ ଚିକିତ୍ସା ମାଧ୍ୟମରେ ଏଚ ଆଇ ଭି ସଂକ୍ରମିତ ବ୍ୟକ୍ତି ଦୀର୍ଘ ଓ ସୁସ୍ଥ ଜୀବନ ବିତାଇପାରିବେ । ସେମାନେ ସମାଜର ଜଣେ ସଦସ୍ୟ ଏବଂ ତାଙ୍କ ପ୍ରତି କୌଣସି ପ୍ରକାର ଭେଦଭାବ ନକରି ସମ୍ମାନ ଓ ସହଯୋଗ ପ୍ରଦାନ କରିବା ଏକ ସଭ୍ୟ ଓ ସମାବେଶୀ ସମାଜର ପରିଚୟ ବୋଲି ସେ କହିଥିଲେ । ଆଜିର ଯୁବପିଢ଼ିକୁ "Digital Generation" ଭାବେ ଅଭିହିତ କରି ମନ୍ତ୍ରୀ କହିଥିଲେ ଯେ ଐଓଠ ସଚେତନତା ଅଭିଯାନକୁ ମଧ୍ୟ ଆଧୁନିକ ଓ ଡିଜିଟାଲ୍ କରିବା ଆବଶ୍ୟକ ।

## ସାମ୍ବାଦିକଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ଅପରିବର୍ତ୍ତିତ ରଖିବାକୁ ଓଡ଼ିଶା ସାମ୍ବାଦିକ ସଂଘର ଦାବି

ପାରାଦୀପ(ନିପ୍ର): ରାଜ୍ୟର କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁସମାନ ଭାରତ ଯୋଜନାରେ ପରିବର୍ତନ ନକରି ପୂର୍ବ ପରି ସ୍ୱତନ୍ତ୍ର ଭାବେ ଜାରି ରଖିବାକୁ ଓଡିଶା ସାମ୍ବାଦିକ ସଙ୍ଘ ଦାବୀ ରଖିଥିବା ବେଳେ ଓଜେୟୁ ପାରାଦୀପ ଶାଖା ଅତିରିକ୍ତ ଜିଲ୍ଲାପାଳ ଙ୍କ ଜରିଆରେ ଦାବୀ ଉପସ୍ଥାପନ କରିଛି । ଏନେଇ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ତେବେ କାର୍ଯ୍ୟାଳୟ ରେ ଦିନ ୧୧ ଟା ସମୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଡଃ ନିରଞ୍ଜନ ବେହେରାଙ୍କୁ ଦାବିପତ୍ର ପ୍ରଦାନ



କରାଯାଇଥିଲା । ଦାବିପତ୍ର ରେ ଦର୍ଶାଯାଇଛି ଯେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁସମାନ ଭାରତ ଯୋଜନାରେ ପରିବର୍ତନ କରାଯିବା ନେଇ ବିଭାଗୀୟ ପ୍ରକ୍ରିୟା ଚାଲିଥିବା ଜଣାପଡିଛି । ଏହା ସାମ୍ବାଦିକଙ୍କ ମହଲରେ ଦୁଃଖ ଓ କ୍ଷୋଭ ସୃଷ୍ଟି କରିଛି । ସଙ୍ଘ ପକ୍ଷରୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବପରି ଅପରିବର୍ତ୍ତିତ ରଖିବା ସହ ସାମ୍ବାଦିକ ମାନଙ୍କ ପିତାମାତାଙ୍କୁ ମଧ୍ୟ ଏହି ବୀମା ଯୋଜନାରେ ସାମିଲ କରିବାକୁ ଦାବୀ କରାଯାଇଛି । ସରକାର ଏହି ଯୋଜନାକୁ ଆୟୁସମାନ ଭାରତ ଯୋଜନାରେ ପରିବର୍ତନ କରିବାର ପ୍ରୟାସକୁ କାର୍ଯ୍ୟରତ ସାମ୍ବାଦିକ ମାନେ ନିନ୍ଦା କରିବା ସହିତ ଏଥିରୁ ଓହରି ତୁରନ୍ତ ପୂର୍ବ ପରି ସ୍ୱତନ୍ତ୍ର ଭାବେ ଯୋଜନା କୁ ଚାଲୁ ନରଖିଲେ ଓଡିଶା ସାମ୍ବାଦିକ ସଙ୍ଘ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ଓଜେୟୁ ପାରାଦୀପ ଶାଖା ପକ୍ଷରୁ ଚେତାବନୀ ଦିଆଯାଇଛି । ତେବେ ଓଜେୟୁ ପାରାଦୀପ ଶାଖା ସଭାପତି କର୍ମେଶ୍ୱର ସ୍ୱାଇଁ ଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ବିଶ୍ୱାଳ, ଉପଦେଷ୍ଟା ଅଜିତ ଦାସ, ପାରାଦୀପ ଶାଖା ସମ୍ପାଦକ ସମୀର କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଆଲୋକ ମହାପାତ୍ର, ଉପସଭାପତି ପ୍ରଶାନ୍ତ ଦାସ, ବସନ୍ତ କୁମାର ସାହୁ, ବଟକୃଷ୍ଣ ଦାସ, ଜିତେନ୍ଦ୍ର ସାହୁ, ରାଜଦିପ ବିଶ୍ୱାସ, ପୁରୁଷୋତମ ଶତପଥୀ, ବିରଜା ସେଠୀ, ନାରାୟଣ ବେହେରା, ବିରଜା ତ୍ରିପାଠୀ, ଲାଲା ବିନୟ କୁମାର ରାଏ, ପ୍ରଶାନ୍ତ ସ୍ୱାଇଁ, ଶୁଭ୍ରାଂଶୁ ଶେଖର ପୃଷ୍ଟି, ସଂଗ୍ରାମ ରାଉତ ଓ ହିମାଂଶୁ ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ହୋଇ ଅତିରିକ୍ତ ଜିଲ୍ଲାପାଳ ଡଃ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

## ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ସ୍ୱର୍ଗତ ରତ୍ନାକର ଦାସଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ

ଜଳେଶ୍ୱର(ନିପ୍ର) ବୁଧବାର ପୂର୍ବାହ୍ନ ସକାଳ ୧୦ ଘଟିକା ସମୟରେ ଜଳେଶ୍ୱର ମିଲବାଡି ସ୍ଥିତ ଶିକ୍ଷକ ଭବନ ସମ୍ମିଳନୀ କକ୍ଷ ପରିସରରେ ସଭାପତି ଖଗେନ୍ଦ୍ରନାଥ ସାହୁ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ରତ୍ନାକର ଦାସ ନିକଟରେ ପରଲୋକ ଗମନ କରିଥିଲେ । ତାଙ୍କ ନିଜସ୍ୱ ବାସଗୃହ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଚମାର ଗାଁ ସେ ଜଣେ ଆଦର୍ଶ ଶିକ୍ଷକ, ସଂଗଠକ, ଜଣେ ବିଶିଷ୍ଟ କଳାକାର,ମିଷ୍ଟ ଭାଷୀ, ସରଳ ମଣିଷ ପଣିଆ । ଦିବଂଗତ ଙ୍କ ଆତ୍ମା ର ସଦଗତି ଉଦ୍ଦେଶ୍ୟରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ଏବଂ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ଦାସ ଙ୍କ ସମ୍ପର୍କରେ ଜ୍ୟୋତିଷ ଚନ୍ଦ୍ର କ ସ୍କୁଲ ରେ ଜଣେ ଆଦର୍ଶ ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ ଏବଂ କହିଥିଲେ ରତ୍ନାକର ସାର ଜଣେ,ସରଳ, ନିଷ୍କପଟ ଓ ଆଧାତ୍ମିକ ଚେତନାର ମଣିଷ ଥଲେ । ଅନୁଷ୍ଠାନର ସମ୍ପାଦକ କପିଳେଶ୍ୱର ମହାନ୍ତି ସଭାର ସମ୍ପର୍କରେ ବିବରଣୀ ପାଠ ସହିତ ସଂଗଠନ ର ରେଜିଷ୍ଟ୍ରେସନ ତଥା ଆଜୀବନ ସଦସ୍ୟ ସମ୍ପର୍କରେ ଓ ସ୍ମୃତି ଚାରଣ କରିଥିଲେ । ସଂଗଠନ ସଦସ୍ୟ ଡଃ ଅଜିତ କୁମାର ମହାନ୍ତି ସ୍ମୃତି ଚାରଣ ସହିତ ମାସିକ ବୈଠକ ରେ ମାସରେ ଦିବଂଗତ ଶିକ୍ଷକ, ଶିକ୍ଷୟିତ୍ରୀ ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଏହା ଏକ ସାଧୁ ଉଦ୍ୟମ ବୋଲି କହିଥିଲେ ଏବଂ ବୃକ୍ଷ ରୋପଣ ଆଗାମୀ ଦିନରେ ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା ଶିବିର (ହେଲଥ ଚେକ୍ ଅପ୍ କେମ୍ପ), ବନ୍ୟା ପ୍ରପୀଡ଼ିତ ଲୋକଙ୍କ ସାହାଯ୍ୟ ପାଇଁ ପ୍ରସ୍ତାବ ରଖିଥିଲେ । ଅନ୍ୟ ସଦସ୍ୟ ମାନେ ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ରାଜପୁର ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ପ୍ରସ୍ତାବ ଆଗତ ରଖିଥିଲେ । ଡଃ ରମାକାନ୍ତ ଭଞ୍ଜ, ବ୍ରଜ ବଲ୍ଲଭ ସାହୁ, ଶରତ ଚନ୍ଦ୍ର ପରିଡା, ବନମାଳୀ ଧଳ, ଶଶୀ କାନ୍ତ ପ୍ରଧାନ, ରାଜାରାମ କରଶର୍ମା, ପୂର୍ଣ୍ଣ ଚନ୍ଦ୍ର ଓଝା,କମଳ ଲୋଚନ ମହାପାତ୍ର, ଅଧିର କୁମାର ପ୍ରମାଣିକ, ଗଣେଶ ଚନ୍ଦ୍ର ପରିଡା, ଉମେଶ ଚନ୍ଦ୍ର ମହାନ୍ତି, ବିଶ୍ୱ ନାଥ ଘୋଷ, ମଦନ ମୋହନ ମହାନ୍ତି, ଉମେଶ ଚନ୍ଦ୍ର ମହାନ୍ତି, ଗିରି ଧାରୀ ବେହେରା, ରଜତ କୁମାର ଦାସ, କାଳୀ ଚରଣ ପୁଷ୍ଟି, ବଙ୍କିମ ଚନ୍ଦ୍ର ଦେ, ଶିକ୍ଷୟିତ୍ରୀ ଚନ୍ଦ୍ରାବତୀ ସାହୁ, ସୁଶାନ୍ତ କୁମାର ପରିଡ଼ା, ଯୋଗେଶ ଚନ୍ଦ୍ର ରାଉଳ, ସତ୍ୟ ରଞ୍ଜନ ଦାସ, ରବିନ୍ଦ୍ରନାଥ ଦାସ, ଶ୍ରୀ ମନ୍ତ ଘୋଷ, ବିଶ୍ୱନାଥ ଘୋଷ ମଦନମୋହନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଓଝା, ଗୁଣାଧର ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ସ୍ୱତନ୍ତ୍ର ସାଇବର ସଚେତନତା ଶିବିର

ବାରିପଦା(ନିପ୍ର): ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ସାଇବର ସଚେତନ କରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପଲ୍ଲୀଙ୍କ ନିର୍ଦ୍ଦେଶ କ୍ରମେ ତଥା ମୟୂରଭଞ୍ଜ ଜିଲା ପୋଲିସ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ବୁଧବାର ଦିନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି. ମୟୂରଭଞ୍ଜ ସାଇବର ପୋଲିସ ଥାନା ପକ୍ଷରୁ ସ୍ଥାନୀୟ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସଚେତନତା କାର୍ଯ୍ୟକ୍ରମରେ ଡିଏସପି ଅଜୟ କୁମାର ଜେନାଙ୍କ ତତାବଧାନରେ ପ୍ରଦୀପ କୁମାର ମାଝୀ, ଷଡାନନ ନାୟକ, ସ୍ନେହଲତା ଗିରି ଓ ପ୍ରଭାତୀ ସାହୁ ପ୍ରମୁଖ ପୋଲିସ ଇନ୍ସପେକ୍ଟରଙ୍କ ସମେତ ପୁଲିସ କର୍ମଚାରୀ ଅଂଶଗ୍ରହଣ କରି ବିଦ୍ୟାର୍ଥୀଙ୍କ ସହ ଶିକ୍ଷକ-ଶିକ୍ଷୟତ୍ରୀ ମାନଙ୍କୁ ସାଇବର ସଚେତନତା କରାଇଥିଲେ. ଅନୁରୁପ ଭାବେ ଜିଲ୍ଲାର ବାରିପଦା ସଦର ସବ-ଡିଭିଜନର ବାରିପଦା ସଦର, ବାରିପଦା ଟାଉନ, ଭଞ୍ଜପୁର, କୁଳିଅଣା, ଶୁଳିଆପଦା, ବାଙ୍ଗିରିପୋଷୀ, ଝାରପୋଖରିଆ, ଚାନ୍ଦୁଆ, ଉଦଳା ସବ-ଡିଭିଜନର ଶରତ, ଖୁଂଟା, ଉଦଳା, କପ୍ତିପଦା ଏବଂ ବେତନୋଟି କ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପଲ୍ଲୀଙ୍କ ନିର୍ଦ୍ଦେଶ କ୍ରମେ ତଥା ମୟୂରଭଞ୍ଜ ଜିଲା ପୋଲିସ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ବୁଧବାର ଦିନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ସାଇବର ପୋଲିସ ଥାନା ପକ୍ଷରୁ ସ୍ଥାନୀୟ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସଚେତନତା କାର୍ଯ୍ୟକ୍ରମରେ ଡିଏସପି ଅଜୟ କୁମାର ଜେନାଙ୍କ ତତାବଧାନରେ ପ୍ରଦୀପ କୁମାର ମାଝୀ, ରାସଗୋବିନ୍ଦ ପୁର ଓ ବେତନଟିର ପ୍ରମୁଖ ଥାନା ଅଧିକାରୀଙ୍କ ସହଯୋଗରେ ବିଭିନ୍ନ ପ୍ରକାର ସାଇବର ସଚେତନତା କାର୍ଯ୍ୟକମ ଛାତ୍ରଛାତ୍ରୀଙ୍କ ପାଇଁ ଅନୁଷ୍ଠିତ ହୋଇଥିଲା ।

## ଖରୀଆର ରୋଡ ବିଜ୍ଞାପିତ ଅଂଚଳରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖରୀଆର ରୋଡ ବିଜ୍ଞାପିତ ଅଂଚଳ ପରିଷଦ (ଏନ୍ଏସି) ପକ୍ଷରୁ ଏକ ବିଶାଳ 'ହର ଘର ତ୍ରିରଙ୍ଗା ଯାତ୍ରା' ଆଜି ଉତ୍ସାହ ଓ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ଜୟ କୁମାର ଡୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, 'ତ୍ରିରଙ୍ଗା ପତାକା ହେଉଛି ଆମ ଦେଶର ସ୍ୱାଭିମାନ, ମାତୃଭୂମିର ସମ୍ମାନ ଏବଂ ଆମର ଆନ, ବାନ, ଶାନ ।' ଏହି ଯାତ୍ରାରେ ନଗର ଅଧକ୍ଷା ଡଃ ସୋନିଆ ଜୈନ ଅଧକ୍ଷତା କରିଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ, ସମାଜସେବୀ ଗୋଲଡି ଅଗ୍ରୱାଲ, କୁଞ୍ଜଦେବ ମନସୀ, ଅର୍ଜୁନ ଜଗତ ଏବଂ ମହିଳା ମଣ୍ଡଳର ସଦସ୍ୟାଙ୍କ ସମେତ ଶତାଧିକ ନାଗରିକ, କର୍ମୀ ଓ ଦେଶପ୍ରେମୀ ଯୋଗ ଦେଇଥିଲେ । ଏକ ବିରାଟ ଜାତୀୟ ପତାକାକୁ ଶୋଭା ଯାତ୍ରାରେ ସାମିଲ କରାଯାଇ ସହର ପରିକ୍ରମା କରାଯାଇଥିଲା । ଏହାଦ୍ୱାରା ସମଗ୍ର ଖରୀଆର ରୋଡ ସହର ତ୍ରିରଙ୍ଗାମୟ ହୋଇଉଠିବା ସହ ଦେଶର ସ୍ୱାଧୀନତା ଦିବସ ପୂର୍ବରୁ ଏକ ଅପୂର୍ବ ଦେଶପ୍ରେମର ଉତ୍ସାହ ଦେଖିବାକୁ ମିଳିଥିଲା ।

## ୫ ହଜାର ଲାଂଚ ନେଇ ଗିରଫ ହେଲେ ରାଜସ୍ୱ ନିରୀକ୍ଷକ

ସୋର(ନିପ୍ର): ଖଇରା ତହସିଲ ଅଧୀନରେ ଥିବା ତୁଡିଗାଡିଆ ରାଜସ୍ୱ ନିରୀକ୍ଷକ ଶରତ କୁମାର ସେଠୀ ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ଆବେଦନକାରୀଙ୍କ ଜେଜେ ବାପାଙ୍କ ସପେକ୍ଷରେ ଜମି ପଟ୍ଟା ପ୍ରଦାନ କରିବା ପାଇଁ ୫ ହଜାର ଟଙ୍କା ଲାଂଚ ଦାବି କରିଥିଲେ । ଆବେଦନକାରୀଙ୍କ ଜମି ପଟ୍ଟା ହାସଲ କରିବା ପାଇଁ ତାଙ୍କ ପୈତୃକ ଜମିର ମ୍ୟୁଟେସନ୍ ପାଇଁ ଆବେଦନ କରିଥିଲେ । କିନ୍ତୁ ଆରଆଇ ଶରତ କୁମାର ସେଠୀ କୌଣସି କାରଣ ବିନା ପଟା ଦେବାକୁ ବିଳମ୍ବ କରୁଥିଲେ । ଯେତେବେଳେ ଆବେଦନକାରୀ ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରିଥିଲେ ଆର ଆଇ ଜଣକ ମ୍ୟୁଟେସନ୍ ପାଇଁ ୫ହଜାର ଟଙ୍କା ଦାବି କରିଥିଲେ । ଅତିଷ୍ଠ ହୋଇ ଆବେଦନକାରୀ ଜଣଙ୍କ ବାଲେଶ୍ୱର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ । ଆଜି ବାଲେଶ୍ୱର ଜିଲ୍ଲା ଭିଜିଲାନ୍ସ ପକ୍ଷରୁ ଆରଆଇ ଶରତ କୁମାର ସେଠୀ ଲାଂଚ ନେଇଥିବା ବେଳେ ଭିଜିଲାନ୍ସ ଟିମ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ ତାଙ୍କୁ ଗିରଫ କରିଛନ୍ତି । ଅଭିଯୁକ୍ତ ଶ୍ରୀ ସେଠୀଙ୍କ ଠାରୁ ଲାଂଚ ୫ହଜାର ଟଙ୍କା ଉଦ୍ଧାର କରିବା ସହ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି ।

## 'ହର ଘର ତ୍ରିରଙ୍ଗା' ନେଇ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ

ରାୟଗଡା(ନିପ୍ର): ରାୟଗଡା ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ଅବସରରେ 'ହର ଘର ତ୍ରିରଙ୍ଗା' ଅଭିଯାନକୁ ନେଇ ତିନିଦିନିଆ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । 'ବନ୍ଦେ ମାତରମ୍ ଅମର ଭାବନା ଉଦ୍ଦେଶ୍ୟରେ ସମର୍ପିତ' ବାର୍ତ୍ତାକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ଅଗଷ୍ଟ ୧୩ ତାରିଖରୁ ତିନିଦିନ ଧରି ଜିଲ୍ଲାରେ ତ୍ରିରଙ୍ଗାକୁ ନେଇ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ହେବ । ପ୍ରଥମ ଦିନ ଅଗଷ୍ଟ ୧୩ ତାରିଖ ସକାଳ ୭ଟା ୩୦ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାଇକ୍ ରାଲି ଓ ତ୍ରିରଙ୍ଗା ପଦଯାତ୍ରା ବାହାରି ଗାନ୍ଧୀ ପାର୍କ ନିକଟରେ ପହଂଚିବ । ସେଠାରେ ସାମୂହିକ ଭାବେ 'ବନ୍ଦେ ମାତରମ୍' ଓ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଗାନ କରାଯିବ । ଅଗଷ୍ଟ ୧୪ ତାରିଖ ଦ୍ୱିତୀୟ ଦିନରେ ରଙ୍ଗୋଲି, ଚିତ୍ରକଳା ଓ ରିଲ୍ ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ ଆୟୋଜନ ହେବ । ସନ୍ଧ୍ୟା ୫ଟାରେ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ରେ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ପାଳନ କରାଯିବ । ଏହି ଅବସରରେ ନୀରବ ପ୍ରାର୍ଥନା ଓ କ୍ଷୁଦ୍ର ନାଟକ ପରିବେଷଣ କରାଯିବ । ପରେ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜିତ ହେବ । ଅଗଷ୍ଟ ୧୫ ତାରିଖ ଶେଷ ଦିନ ସନ୍ଧ୍ୟା ୫ଟାରେ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ରେ 'ବନ୍ଦେ ମାତରମ୍' ଓ 'ତିରଙ୍ଗା କନ୍‌ସର୍ଟ' ଆୟୋଜନ କରାଯିବ । ଦେଶଭକ୍ତି ଥିମ୍‌କୁ ନେଇ ଏହି ସନ୍ଧ୍ୟାରେ ବିଭିନ୍ନ ଦେଶାତ୍ମବୋଧକ ସାଂସ୍କୃତିକ ପରିବେଷଣ ହେବ । 'ହର ଘର ତ୍ରିରଙ୍ଗା' ଅଭିଯାନକୁ ଜିଲ୍ଲାର ପ୍ରତ୍ୟେକ ଘରେ ପହଂଚାଇବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ରାଲି ପାଇଁ ପ୍ରାୟ ୨,୦୦୦ ତ୍ରିରଙ୍ଗା ପତାକା ବଂଟନ କରାଯାଉଥିବା ବେଳେ ସମଗ୍ର ଜିଲ୍ଲାରେ ପ୍ରାୟ ୧ ଲକ୍ଷ ତ୍ରିରଙ୍ଗା ପତାକା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଯୋଗାଇ ଦିଆଯାଇଛି । ଏସଏଚଜି ମାନଙ୍କ ଜରିଆରେ ଏହି ପତାକା ଘରେ ଘରେ ପହଂଚାଇ ସର୍ବାଧିକ ଘରେ ତ୍ରିରଙ୍ଗା ଉତୋଳନ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଂସ୍କୃତି ଅଧିକାରୀ ସସ୍ମିତା ବାଉରୀଙ୍କ ସମେତ ଏଡିପିଆର ଦେବରାଜ ଟାକିରୀ, ଡମ୍ବୁରୁଧର ପଣ୍ଡା ସମେତ ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ତିନିଦିନିଆ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାବାସୀଙ୍କ ମନରେ ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ସମ୍ମାନର ଭାବନାକୁ ଆହୁରି ସୁଦୃଢ଼ କରିବାକୁ ଜିଲ୍ଲା ପ୍ରଶାସନ ଉଦ୍ୟମ କରାଯାଉଛି ।



# ହର ଘର ତ୍ରିରଙ୍ଗା ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ନୀଳଗିରି ,(ନିପ୍ର): ଆଜି ନୀଳଗିରି ନିର୍ବାଚନ ମଣ୍ଡଳୀର କାଣ୍ଡଗରଡି ପଂଚାୟତର ବିଶ୍ୱେଶ୍ୱର ପାହାଡ଼ ଉପରେ ବାଲେଶ୍ୱର ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଏକ ଭବ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଅଛି କ୍ଷ ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ବାରାକୋଇଲି ଛକ ଠାରୁ ଏକ ବିଶାଳ ବାଇକ ରାଲି ବାହାରି ବିଶ୍ୱେଶ୍ୱର ମହାଦେବ ମନ୍ଦିର ଠାରେ ପହଂଚିଥିଲେ କ୍ଷ ଏହାପରେ ବିଶ୍ୱେଶ୍ୱର ପାହାଡ଼ ଉପରକୁ ଚଢି ୫୦ ଫୁଟର ତ୍ରିରଙ୍ଗା ପତାକା ଏବଂ ହାତରେ ତ୍ରିରଙ୍ଗା ଧରି ଯୁବମୋର୍ଚ୍ଚାର ସଦସ୍ୟ ମାନେ ଏକ ସୁନ୍ଦର ଶୋଭାଯାତ୍ରା କରିଥିଲେ କ୍ଷ ଭାରତ ମାତା କି ଜୟ,ବନ୍ଦେ ମାତରଂ ନାରାରେ ବିଶ୍ୱେଶ୍ୱର ପାହାଡ଼ର ଶୀର୍ଷରେ ଚଢି ତ୍ରିରଙ୍ଗାକୁ ସୁନ୍ଦର ଭାବରେ ପ୍ରଦର୍ଶନ କରିଥିଲେ କ୍ଷ ଏହି ଭଳି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ




ରାଷ୍ଟ୍ର ପ୍ରେମ, ରାଷ୍ଟ୍ରୀୟ ଭାବନାକୁ ସୁଦୃଢ କରିବା ଏବଂ ତ୍ରିରଙ୍ଗା ପ୍ରତି ଥିବା ସମ୍ମାନକୁ ଦେଶର ଆଗାମୀ ଭବିଷ୍ୟତ ଅମୃତ ପିଢ଼ିଙ୍କ ଭିତରେ ରାଷ୍ଟ୍ର ପ୍ରତି ଭଲ ପାଇବା ସୃଷ୍ଟି କରିବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ଯୁବମୋର୍ଚ୍ଚାର ସଦସ୍ୟ ମାନେ ମତପ୍ରକାଶ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା,ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ,ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ,ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ,ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ,ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ,ଉପସଭାପତି ବିଜୟ ସାହୁ,ଜିଲ୍ଲା ସମ୍ପାଦକ ବଳରାମ ବିଶ୍ୱାଳ,ସରପଂଚ ରାଜେନ୍ଦ୍ର ରାଉତ, ମଣ୍ଡଳ ସଭାପତି ଅନନ୍ତ ଗିରି,ସମର ଶଙ୍କର କାନୁନଗୋ, ରଂଜିତ ପଣ୍ଡିତ,ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଜୟଚନ୍ଦ୍ର ଲେଙ୍କା ଏବଂ ଶତାଧିକ ଯୁବମୋର୍ଚ୍ଚାର ସଦସ୍ୟ ସାମିଲ ହୋଇଥିଲେ ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

ବ୍ରହ୍ମପୁର(ନି.ପ୍ର.) : ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରୋନିକ୍ସ ଓ ଟେଲିକମ୍ୟୁନିକେସନ ବିଭାଗର ଛାତ୍ରଛାତ୍ରୀ ବଡ଼ଧରଣର ସଫଳତା ଅର୍ଜନ କରିଛନ୍ତି କ୍ଷ ଉଲ୍ଲେଖଯୋଗ୍ୟ ଯେ ଏହି ବିଭାଗର ମୋଟ ତିରିଶ ଜଣ ଛାତ୍ରଛାତ୍ରୀ ବିଭାଗ ମୁଖ୍ୟ ଶ୍ରୀଯୁକ୍ତ ବିଶ୍ୱଜିତ ସାହୁଙ୍କ ମାର୍ଗଦର୍ଶନ ତଥା ଅଧ୍ୟାପକ ଡ. ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଓ ଶ୍ରୀଯୁକ୍ତ ରାମଚନ୍ଦ୍ର ସ୍ୱାଇଁଙ୍କ ସହଯୋଗରେ ରୋବୋଟିକ୍ସ ବିଷୟରେ ସ୍ୱତନ୍ତ୍ର କୌଶଳ ଓ ଦକ୍ଷତା ଅର୍ଜନ କରି ବିଭିନ୍ନ ସରକାରୀ ବିଦ୍ୟାଳୟରେ ରୋବୋଟିକ୍ସ ପ୍ରଶିକ୍ଷକ ଭାବରେ ନିଯୁକ୍ତି ଲାଭ କରିଛନ୍ତି । ଏହି



ସଫଳତା ନିମନ୍ତେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅସୀମା ସାହୁ, ସ୍ନାତକୋତର ପରିଷଦ ଅଧକ୍ଷ ଡ. ମନୋଜ କୁମାର ପଟନାୟକ,କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଳିକ ପ୍ରମୁଖ ସନ୍ତୋଷ ବ୍ୟକ୍ତ କରିବା ସହ ନବନିଯୁକ୍ତ ସମସ୍ତ ଛାତ୍ରଛାତ୍ରୀ ତଥା ବିଭାଗର ଅଧ୍ୟାପକ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଏଲଏନ୍ କଲେଜରେ 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ' ଶପଥ ପାଠ

ଝାରସୁଗୁଡ଼ା (ନି.ପ୍ର.): ନିଶାମୁକ୍ତ ଯୁବଶକ୍ତି ଗଠନ ଦ୍ୱାରା ହିଁ ଏକ ସୁସ୍ଥ, ସଶକ୍ତ ଓ ବିକଶିତ ଭାରତ ଗଠନ ସମ୍ଭବ । ଏହି ବାର୍ତ୍ତା ନେଇ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ଘଝଝ ଓ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ କର୍ମଚାରୀ ନିଶାଦ୍ରବ୍ୟ ସେବନରୁ ଦୂରେଇ ରହିବା ସହ ଅନ୍ୟମାନଙ୍କୁ ନିଶାମୁକ୍ତ ଜୀବନ ପାଇଁ ପ୍ରେରିତ କରିବାକୁ ଶପଥ ଗ୍ରହଣ କରିଥିଲେ ।ସମାରୋହରେ ଅଧକ୍ଷ ଶ୍ରୀ ସୁମନ୍ତ କୁମାର ପଟେଲ, ବରିଷ୍ଠ ପ୍ରାଧ୍ୟାପିକା ଡ. ଗୀତାରାଣୀ ଦୀକ୍ଷିତ,



ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ଶ୍ରୀମତୀ ପୂର୍ଣ୍ଣିମାମୟୀ ଦାଶ, ଅଧ୍ୟାପକ ଡ. ଲାଲଧାରୀ ସିଂହ ଓ ଅଧ୍ୟାପକ ହିମାଂଶୁ ଶେଖର ମହାକୁଡ଼ ମଂଚାସୀନ ଥିଲେ ।ବ୍ରହ୍ମାକୁମାରୀ ରୀନା ନିଜ ଉଦ୍ ?ବୋଧନରେ ନିଶାସକ୍ତିର ଭୟାବହ ପରିଣାମ ଉପରେ ଆଲୋକପାତ କରିବା ସହ ରାଜଯୋଗ ଧ୍ୟାନ, ଆଧ୍ୟାତ୍ମିକତା ଓ ସକାରାତ୍ମକ ଚିନ୍ତାଧାରା ଦ୍ୱାରା ଯୁବପିଢ଼ି ନିଶାଠାରୁ ଦୂରେଇ ରହିପାରିବେ ବୋଲି କହିଥିଲେ ।ବକ୍ତାମାନେ କହିଥିଲେ ଯେ 'ବିକଶିତ ଭାରତ-୨୦୪୭'ର ସ୍ୱପ୍ନ ସାକାର କରିବାରେ ଯୁବଶକ୍ତିର ଭୂମିକା ସର୍ବାଧିକ । ତେଣୁ ଯୁବପିଢ଼ିକୁ ନିଶାମୁକ୍ତ, ସୁସ୍ଥ, ଶୃଙ୍ଖଳିତ ଓ ଦାୟିତ୍ୱବାନ ହେବାକୁ ପଡ଼ିବ । ଶେଷରେ ଘଝଝ କାର୍ଯ୍ୟକ୍ରମ ଅଧିକାରୀ ଡ. ଲାଲଧାରୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଖିଳ ଓଡ଼ିଶା ସମ୍ପ୍ରସାରଣ ଅଧିକାରୀ ମହାସଂଘ ରାୟଗଡ଼ା ଜିଲ୍ଲା ଶାଖାର ବୈଠକ

ରାୟଗଡ଼ା, (ନି.ପ୍ର.)ଜିଲ୍ଲା ର ସମସ୍ତ ୧୧ଟି ବ୍ଲକ ର ତୃଣମୂଳ ସ୍ତରର ସମ୍ପ୍ରସାରଣ ଅଧିକାରୀମାନଙ୍କୁ ନେଇ 'ଅଲ୍ ଓଡ଼ିଶା ଏକ୍ସଟେନସନ୍ ଅଫିସର୍ସ ଆସୋସିଏସନ୍'ର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ପରିଷଦ ବୈଠକ ରବିବାର ଦିନ ରାୟଗଡ଼ାସ୍ଥିତ ବ୍ଲକ ସମ୍ମିଳନୀ କକ୍ଷ ଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ , ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ , ମାର୍କେଟ୍ ଇନ୍[ଲିଜେନ୍ସ/ଯୋଗାଣ ପରିଦର୍ଶକ (ଗଓ/ଓକ୍ଟଝ) ଏବଂ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (ଡରଙ)—ଏହି ୪ଟି କ୍ୟାଡରର ସମସ୍ତ ପ୍ରତିନିଧି ଯୋଗଦେଇ ନିଜର ଦୀର୍ଘଦିନର ସେବା ସମସ୍ୟା ଉପରେ ଆଲୋଚନା କରିଛନ୍ତି ।ଶ୍ରୀ ଶଙ୍କର ବେହେରା (ଗଓ) ଙ୍କ ପ୍ରାରମ୍ଭିକ ବକ୍ତବ୍ୟ ସହ ଆରମ୍ଭ ହୋଇଥିବା ଏହି ବୈଠକକୁ ଶ୍ରୀ ଚନ୍ଦନ ଦାସ ବାଗାରି (ଡରଙ) ସଂଚାଳନ କରିଥିଲେ ।



ତୃଣମୂଳ ସ୍ତରରେ ସିଧାସଳଖ ଜନସାଧାରଣଙ୍କ ସହ ଯୋଡ଼ିହୋଇ କାର୍ଯ୍ୟ କରୁଥିବା ଏହି ଅଧିକାରୀମାନେ ଅତ୍ୟନ୍ତ ଚାପପୂର୍ଣ୍ଣ ପରିସ୍ଥିତିରେ କାର୍ଯ୍ୟ କରୁଛନ୍ତି । ଅନ୍ୟ ସମାନ୍ତରାଳ କ୍ୟାଡରଗୁଡ଼ିକର ପେ-ସ୍କେଲ୍ 'ଲେଵଲ-୧୨' କୁ ବୃଦ୍ଧି ପାଇଥିବା ବେଳେ, ଏହି ୪ଟି କ୍ୟାଡରର ଅଧିକାରୀମାନଙ୍କୁ 'ଲେଵଲ-୯' ରେ ରଖାଯାଇଛି । ଏହି ଅସଙ୍ଗତିକୁ ଦୂର କରି ସେମାନଙ୍କର ପ୍ରାରମ୍ଭିକ ବେତନ 'ଲେଵଲ-୧୦' କୁ ବୃଦ୍ଧି କରିବାକୁ ସଂଘ ଦାବି କରିଛି । ଅନ୍ୟାନ୍ୟ ଦାବିସମୂହ ମଧ୍ୟରେ ଙଚଝଉ ମାଧ୍ୟମରେ ଏହି ସମ୍ପ୍ରସାରଣ ପଦବୀଗୁଡ଼ିକର ସିଧାସଳଖ ନିଯୁକ୍ତି, ଏହି ୪ଟି କ୍ୟାଡରର ଅଧିକାରୀଙ୍କ ପାଇଁ ବ୍ଲକ୍ ଉନ୍ନୟନ ଅଧିକାରୀ (ଇଉଡ) ପଦବୀକୁ ସଂରକ୍ଷିତ ପଦୋନ୍ନତି ସୁବିଧା, କ୍ଷେତ୍ର ପରିଦର୍ଶନ ପାଇଁ ସରକାରୀ ଗାଡ଼ି ଓ ସହାୟକ ପ୍ରଶାସନିକ କର୍ମଚାରୀ ଯୋଗାଣ, ସମସ୍ତ ଅଧିକାରୀଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା କଭରେଜ୍ ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ବୈଠକ ଶେଷରେ ଶ୍ରୀ ଶଙ୍କର ବେହେରା (ଗଓ) ଧନ୍ୟବାଦ ଅର୍ପଣ କରିଥିଲେ । ନିଜର ନ୍ୟାଯ୍ୟ ଦାବି ହାସଲ ପାଇଁ ସମସ୍ତ କ୍ୟାଡର ଏକଜୁଟ ହୋଇ ଆଗାମୀ ଦିନରେ ସଂଗ୍ରାମ ଜାରି ରଖିବାକୁ ସଂକଳ୍ପ ନେଇଛନ୍ତି ।

# ବର୍ଦ୍ଧିତ ଅପରାଧ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୋଲିସ ବ୍ୟବସ୍ଥା ଓ ନ୍ୟାୟିକ ପଦ୍ଧତିରେ ସମୟୋପଯୋଗୀ ସଂସ୍କାର ଆଣନ୍ତୁ -- ସଞ୍ଜୀବ ପଟ୍ଟନାୟକ

ବ୍ରହ୍ମପୁର(ନି.ପ୍ର.): - ଓଡ଼ିଶାର ଦ୍ୱିତୀୟ ବୃହତମ ସହର ଓ ଦକ୍ଷିଣ ଓଡ଼ିଶାର ବାଣିଜ୍ୟକ, ଶିକ୍ଷା ଓ ସ୍ୱାସ୍ଥ୍ୟ ରାଜଧାନୀ ତଥା ପ୍ରବେଶ ଦ୍ୱାର ରୂପେ ପରିଚିତ ବ୍ରହ୍ମପୁରର ନାଗରିକଙ୍କ ତରଫରୁ ବ୍ରହ୍ମପୁର ସହର ତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଆଜି ରାଜ୍ୟ ଗୃହ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ଇ ମେଲ୍ ମାଧ୍ୟମରେ ଗୋଟିଏ ସ୍ମାରକପତ୍ର ପ୍ରଦାନ କରି ଅଧୁନା ପୋଲିସ୍ ବ୍ୟବସ୍ଥା ଓ ନ୍ୟାୟିକ ପଦ୍ଧତି ଅତି ପୁରୁଣା, ପ୍ରଭାବହିନ ଓ ଅପାଙ୍କ୍ତେୟ ହୋଇ ସାରିଲାଣି । ସୁତରାଂ ସେଥିରେ ସମୟୋପଯୋଗୀ ତଥା ଯୁଗୋପଯୋଗୀ ସଂସ୍କାର ଓ ସୁଧାର ଆଣି ରାଜ୍ୟରେ ଅହେତୁକ ଭାବରେ ବଢ଼ି ଚାଲିଥିବା ବିଭିନ୍ନ ପ୍ରକାର ଅପରାଧ,ଅପରାଧିକ କାର୍ଯ୍ୟକଳାପ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଜାଡିବାର ନିତ୍ୟାନ୍ତ ଜରୁରୀକାଳୀନ ଆଶ୍ୟକତା ରହିଛି ବୋଲି ଦର୍ଶାଇ ଏ ଦିଗରେ ପଦକ୍ଷେପ ନେବାକୁ ଗୃହ ବିଭାଗ ତଥା ରାଜ୍ୟ ସରକାରଙ୍କୁ ନିବେଦନ କରିଛି । ବିଶେଷ କରି ବ୍ରହ୍ମପୁରର ଅପରାଧିକ କାର୍ଯ୍ୟକଳାପକୁ ନଜରରେ ରଖି ବ୍ରହ୍ମପୁରରେ ପୋଲିସ କମିଶନରେଟ୍ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ କମିଟି ଦାବି କରିଛି । ଏହାସହ ନ୍ୟାୟ ଓ ସୁରକ୍ଷା ନିମନ୍ତେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କେତୋଟି ଉପାଦେୟ ପ୍ରସ୍ତାବ ଓ ମତ କାର୍ଯ୍ୟକାର କରିବା ନିମନ୍ତେ ଗୃହ୍ ବିଭାଗ ଓ ରଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି ।

କମିଟି କହିଛି ଯେ ଓଡ଼ିଶା ପୋଲିସ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଭଲ କାମ କରୁଥିଲେ ମଧ ବ୍ରହ୍ମପୁର ଓ ଓଡ଼ିଶାରେ ଯେଉଁଭଳି ଅହେତୁକ ଓ ଅପ୍ରାତ୍ୟଶତ ଭାବରେ ଅପରାଧ,ଅପରାଧିକ କାର୍ଯ୍ୟକଳାପ୍ବୃଦ୍ଧି ପାଇ ଆଇନ ଶୃଙ୍ଖଳା ପରିସ୍ଥିତିର ଅଧୋଗତି ହେବାରେ ଲାଗିଛି ତାହା ଆମ ସମସ୍ତଙ୍କ ନିମନ୍ତେ ଗଭୀର ଚିନ୍ତା ଉଦ୍ରେକକାରୀ ବିଷୟ । ଏହାକୁ ଦୃଷ୍ଟିରେ ରଖି ପୋଲିସ ବ୍ୟବସ୍ଥା ଓ ବିଚାର ଗତ ପଦ୍ଧତିରେ ସମୟୋପଯୋଗୀ ତଥା ଅବଶକୀୟ ସଂସ୍କାର ଆଣିବାକୁ ପଡିବ ଏହା ସମସ୍ତେ ଅନୁଭବ କରୁଛନ୍ତି ଏବଂ ତାହାକୁ ଦୃଷ୍ଟିରେ ରାଜ୍ୟ ସରକାର ପୋଲିସ ବ୍ୟବସ୍ଥାରେ ସଂସ୍କାର ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବାକୁ ଓ ପୋଲିସ ପ୍ରଶାସନକୁ ସୁଦୃଢ଼ କରିବାକୁ ଅବିଳମ୍ବେ ପଦକ୍ଷେପ ନେବା ନିମନ୍ତେ ସେ ଅଗ୍ରହ କରିଛନ୍ତି । ଏହି ପରିପ୍ରେକ୍ଷୀରେ କମିଟି ଅନୁଭବ କରେ ଯେ ୪ କୋଟି ୫୦ ଲକ୍ଷରୁ ଅଧିକ ଲୋକ ଏବେ ବି ଏଫଆଇଆର୍ (ରଓଜ) ଦେବାରେ ବିଳମ୍ବ ଓ ଥାନାରେ ସମ୍ମାନଜନକ ବ୍ୟବହାର ଅଭାବ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହା ଜନତାଙ୍କ ବିଶ୍ୱାସକୁ ଦୁର୍ବଳ କରୁଛି ।କମିଟି କହିଛି ଯେ ରାଜ୍ୟରେ ବିଶେଷ କରି ବ୍ରହ୍ମପୁରରେ ସାଇବର ଠକେଇ, ନକଲି ଦ୍ରବ୍ୟ କାରବାର,ମହିଳା ନିର୍ଯାତନା, ନିଶା ବ୍ୟବସାୟ ଓ ଗ୍ୟାଙ୍ଗ ୱାର ଭଳି ଆଧୁନିକ ଅପରାଧ ଦିନକୁ ଦିନ ବଢ଼ି ଚାଲିଛି । ବର୍ତମାନର ପୋଲିସ ବ୍ୟବସ୍ଥା ଦ୍ୱାରା ଆଇନ ଶୃଙ୍ଖଳା ରକ୍ଷା ଓ ଅପରାଧ ରୋକିବା ସମ୍ଭବ ହେଉ ନାହିଁ । ଭୁବନେଶ୍ୱର ଓ କଟକ ପରି ବ୍ରହ୍ମପୁରକୁ ମଧ ପୋଲିସ କମିଶନରେଟ ମିଳିବା ସମୟର ଆବଶ୍ୟକତା । ବ୍ରହ୍ମପୁର ଉପରେ ଦକ୍ଷିଣ ଓଡ଼ିଶାର ପ୍ରାୟ ପାଂଚଟି ଜିଲ୍ଲାର ୬୦ ଲକ୍ଷ ଲୋକ ନିର୍ଭର କରନ୍ତି । ଏହି ସମସ୍ୟାର ସମାଧାନ ଓ ବ୍ରହ୍ମପୁରକୁ ଗୋଟେ ସ୍ମାର୍ଟ ଓ ସେଫ ସିଟି ରେ ପରିଣତ କରିବା ପାଇଁ କମିଟି ନ୍ୟାୟ ଓ ସୁରକ୍ଷା ନାମରେ ଗୋଟିଏ ୮-ଦଫା ଦାବିପତ୍ର ପ୍ରଦାନ କରିଛି ।ମୁଖ୍ୟ ୮ ଟି ଦାବି ହେଲା:୧. ତୁରନ୍ତ ଏଫଆଇଆର୍ (ରଓଜ) ଓ ଇ- ଏଫଆଇଅର୍ (ର-ରଓଜ) ବ୍ୟବସ୍ଥା: -- ଅଭିଯୋଗକାରୀ ଆସିବାର ୩୦ ମିନିଟ୍ ମଧ୍ୟରେ ଏଫଅଇଆର୍ ପଞ୍ଜୀକରଣ ଓ ୟୁଜର ଫ୍ରେଣ୍ଡଲି ଇ - ଏଫଆଇଅର୍ ପୋର୍ଟାଲ ତଥା ମୋବାଇଲ ଆପ୍ ଆରମ୍ଭ କରାଯାଉ ।୨. °ଟଏଫଆଇଆର୍ ଟ୍ରାକିଙ୍ଗ ବ୍ୟବସ୍ଥା: --- ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ସହ ପ୍ରତ୍ୟେକ ଏଫଆଇଆର୍ ପାଇଁ କେସ ଆଇଡି ଓ ୧୫ ଦିନରେ ଥରେ କେସର ଅଗ୍ରଗତି ନେଇ ଏସଏମଏସ ଓ ଇମେଲ ଦ୍ୱାରା ତଥ୍ୟ ପ୍ରଦାନ ।୩. ସେବା ମିତ୍ର ପୋଲିସ': --- ସମସ୍ତ ଥାନାରେ ଏଆଇ ସଂଯୁକ୍ତ ସିସିଟିଭି କ୍ୟାମେରା, ମହିଳା/ବରିଷ୍ଠ ନାଗରିକ ପାଇଁ ହେଲ୍ପ ଡେସ୍କ ଓ ଅଫିସରଙ୍କ ନାମ, ପଦବୀ ଓ ମୋବାଇଲ ନମ୍ବର ଥାନା ବାହାରେ ପ୍ରଦର୍ଶନ ।୪. ବଡ଼ି ୱର୍ନ କ୍ୟାମେରା:--- ଗିରଫ , ଚଢାଉ ଓ ପଚରା ଉଚରା ସମୟରେ ନିରପେକ୍ଷତା ଓ ସ୍ୱଚ୍ଛତା ପାଇଁ ବଡି କ୍ୟାମେରା ବାଧ୍ୟତାମୂଳକ । ୫. ଜିଲ୍ଲା ସ୍ତରୀୟ ପୋଲିସ ଅଭିଯୋଗ ପ୍ରାଧିକରଣ: --- ପ୍ରତି ଜିଲ୍ଲାରେ ପୋଲିସ ବିରୁଦ୍ଧରେ ଅଭିଯୋଗର ତଦନ୍ତ ଓ ବିଚାର ନିମନ୍ତେ ସ୍ୱାଧୀନ ପ୍ରାଧିକରଣ କର୍ତ୍ତୃପକ୍ଷ ଗଠନ ଓ ୩୦ ଦିନରେ ନିଷ୍ପତି ନେବାର କ୍ଷମତା ।୬. ମାସିକ ଥାନା ଜନସମ୍ପର୍କ ସଭା': ବରିଷ୍ଠ ପୋଲିସ ଅଧିକାରୀ ଯଥା ଏସିପି/ଡିସିପି/ ଏସପି ଙ୍କ ଦ୍ୱାରା ସିଧାସଳଖ ଜନତାଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ । ଜନ ଭାଗିଦାରୀ ଓ କମ୍ୟୁନିଟୀ ପୋଲିସିଂ ଉପରେ ଗୁରୁତ୍ୱ । ହାର୍ଡ କୋର୍ ଅପରାଧୀଙ୍କ ଦମନ କ୍ଷେତ୍ରରେ ନମନୀୟତା ବର୍ଜନ । ୭. ଫାଷ୍ଟ ଟ୍ରାକ କୋର୍ଟ ଓ ମାଗଣା ଆଇନ ସହାୟତା: --- ପ୍ରତି ଜିଲ୍ଲାରେ ମହିଳା ଓ ସାଇବର ଅପରାଧ ପାଇଁ ୨ଟି ଫାଷ୍ଟ ଟ୍ରାକ କୋର୍ଟ ଓ ପ୍ରତ୍ୟେକ ଥାନାରେ ଲିଗାଲ ଏଡ୍ ଡେସ୍କ ସ୍ଥାପନ ।୮. ପୋଲିସ ବିଭାଗରେ ସଂସ୍କାର -- ପୋଲିସ ବିଭାଗରେ ଖାଲି ଥିବା ସମସ୍ତ ପଦବୀ ପୁରଣ ଓ ପୋଲିସକୁ ନିରପେକ୍ଷ ଭାବେ କାର୍ଯ୍ୟ କରିବାରେ ସ୍ୱାଧୀନତା ଓ ପରିବେଶ ସୃଷ୍ଟି ସହ ପୋଲିସର ଦୈନନ୍ଦିନ କାର୍ଯ୍ୟରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବା ।କମିଟିର ସଭାପତି ଶ୍ରୀ ସଞ୍ଜୀବ କୁମାର ପଟ୍ଟନାୟକ କହିଲେ ପ'ପୋଲିସିଂ ଏବେ 'ବଳ' ରୁ 'ସେବା' କୁ ପରିବର୍ତନ ହେବା ଦରକାର । ପୋଲିସ ତାର ଆଭିମୁଖ୍ୟରେ ପରିବର୍ତନ ଆଣି ଘଟଣା ଘଟିବା ପରେ ନୁହଁ ( ପୋଷ୍ଟ ରିଏକ୍ଟିଭ) ବଦଳରେ ପ୍ରିଭେ[ିବ ପୋଲିସିଂ ଉପରେ ଜୋର ଦେବାର ଆବଶ୍ୟକତା ରହିଛି । ବ୍ରହ୍ମପୁର ଉପରେ ୬୦ ଲକ୍ଷ ଲୋକ ନିର୍ଭର କରୁଥିବାରୁ ଆମକୁ ଆଧୁନିକ ପ୍ରଯୁକ୍ତି ବିଦ୍ୟାରେ ସମ୍ପନ୍ନ ଓ ଜନ ଜବାବଦେହି ଥିବା କମିଶନରେଟ ପୋଲିସ୍ ବ୍ୟବସ୍ଥା ମିଳିବା ଦରକାର ଯାହା ସମଗ୍ର ରାଜ୍ୟ ପାଇଁ ଆଦର୍ଶ ହେ୍ୱା ନ୍ୟାୟରେ ବିଳମ୍ବ ମାନେ ନ୍ୟାୟ ଅସ୍ୱୀକାର ।'ଏହି ସ୍ମାରକପତ୍ରର ନକଲ ଡିଜିପି ଓଡ଼ିଶା, ଆଇଜିପି ଦକ୍ଷିଣ ରେଞ୍ଜ ଓ ଏସପି ବ୍ରହ୍ମପୁରଙ୍କୁ ମଧ ପଠାଯାଇଛି । କମିଟି ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛି ଯେ ଏଇ ୮-ଦଫା କୁ ବ୍ରହ୍ମପୁରରେ ପରୀକ୍ଷାମୂଳକ ଭାବରେ ପାଇଲଟ୍ ପ୍ରୋଜେକ୍ଟ ଭାବେ ଲାଗୁ କରନ୍ତୁ । ଯାହା ଫଳରେ ଏହା ସମଗ୍ର ରାଜ୍ୟ ପାଇଁ ଆଦର୍ଶ ହେବ ଏବଂ ସାରା ରାଜ୍ୟରେ ଏହାକୁ ଲାଗୁ କରାଯାଇ ପାରିବ ।

# ନେପାଳରେ ଝାରସୁଗୁଡ଼ା କରାଟେ ଖେଳାଳିଙ୍କ ଉଲ୍ଲେଖନୀୟ ସଫଳତା

ଝାରସୁଗୁଡ଼ା(ନି.ପ୍ର.) ନେପାଳର କାଠମାଣ୍ଡୁଠାରେ ୭ ଓ ୮ ଅଗଷ୍ଟ ୨୦୨୬ରେ ଅନୁଷ୍ଠିତ ଦ୍ୱିତୀୟ ଦକ୍ଷିଣ ଏସିଆ ଓପନ୍ ଆନ୍ତର୍ଜାତୀୟ କରାଟେ ପ୍ରତିଯୋଗିତା-୨୦୨୬ରେ ଝାରସୁଗୁଡ଼ାର ନ୍ୟାସନାଲ୍ କରାଟେ ଫାଉଣ୍ଡେସନ୍ ଏବଂ ବେଦାନ୍ତ ମାର୍ସିଆଲ୍ ଆର୍ଟ୍ସ ଟ୍ରେନିଂ ସେ[ରର ଛାତ୍ରଛାତ୍ରୀମାନେ ଚମତ୍କାର ସଫଳତା ହାସଲ କରି ଜିଲ୍ଲା ତଥା ଓଡ଼ିଶାର ଗୌରବ ବଢ଼ାଇଛନ୍ତି । ଏହି ପ୍ରତିଯୋଗିତାରେ ଦଳ ଶିହାନ୍ ସୁଶାନ୍ତ ଗୁପ୍ତାଙ୍କ ମାର୍ଗଦର୍ଶନରେ ଅଂଶଗ୍ରହଣ କରିଥିଲା ।




ରେଡ୍ଡୀ କମଳେଶ ପ୍ରଧାନ ୧୨ ବର୍ଷରୁ କମ୍ ବୟସ ବର୍ଗର କୁମିତେରେ ସ୍ୱର୍ଣ୍ଣ ପଦକ ଏବଂ କାତାରେ ରୌପ୍ୟ ପଦକ ହାସଲ କରିଛନ୍ତି । ପ୍ରିୟାଂଶୀ ମୁଖାର୍ଜୀ ୧୪ ବର୍ଷରୁ କମ୍ ବୟସ ବର୍ଗର କାତା ଓ କୁମିତେ ଉଭୟରେ କାଂସ୍ୟ ପଦକ ଜିତିଛନ୍ତି । ପ୍ରିୟାଂଶୁ ମୁଖାର୍ଜୀ ୧୨ ବର୍ଷରୁ କମ୍ ବୟସ ବର୍ଗର କାତା ଓ କୁମିତେ ଉଭୟରେ କାଂସ୍ୟ ପଦକ ହାସଲ କରିଛନ୍ତି । ସେହିପରି ସମ୍ରିଧ କୁମାର ୧୦ ବର୍ଷରୁ କମ୍ ବୟସ ବର୍ଗର କାତାରେ ଏବଂ ଅନିକେତ ଠାକୁର ବରିଷ୍ଠ ବର୍ଗର କାତାରେ କାଂସ୍ୟ ପଦକ ହାସଲ କରିଛନ୍ତି । ଏହି ସଫଳତା ଝାରସୁଗୁଡ଼ାର କରାଟେ କ୍ରୀଡ଼ା ପାଇଁ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି । ଖେଳାଳିମାନଙ୍କ ଏହି ସଫଳତା ପାଇଁ କୋଚ୍ ?, ଅଭିଭାବକ ଓ ଶୁଭେଚ୍ଛୁମାନେ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଆହୁରି ବଡ଼ ସଫଳତା ପାଇଁ ଶୁଭକାମନା ଜଣାଇଛନ୍ତି ।

# ଜୟପୁର-ନବରଙ୍ଗପୁର ନୂତନ ରେଳପଥ ରେଳ ବିଭାଗ କୁ ୯୯ ଏକର ଜମି ହସ୍ତାନ୍ତର

ବୋରିଗୁମ୍ମା(ନି.ପ୍ର.)-- ଜୟପୁର-ନବରଙ୍ଗପୁର ନୂତନ ରେଳପଥ ଆଶା ଆଉ ଟିକିଏ ଉଜ୍ଜ୍ୱଳ ହେବାକୁ ଯାଉଛି ।ପୂର୍ବରୁ ରେଲୱେ ବିଭାଗ ଜୟପୁର-ନବରଙ୍ଗପୁର ନୂତନ ରେଳପଥ ନିମନ୍ତେ ସର୍ଭେ କାର୍ଯ୍ୟ ପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ପ୍ରାୟ ଶେଷ ହୋଇଥିବା ବେଳେ, ଏବେ ପ୍ରଶାସନ ଅଧିଗ୍ରହଣ ଜମି କୁ ରେଲୱେ ବିଭାଗ କୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିଛି ।ପ୍ରଥମ ପର୍ଯ୍ୟାୟରେ ବୋରିଗୁମ୍ମା ତହସିଲ ଅନ୍ତର୍ଗତ ବରଗାଁ ଓ ଆଉଁଳି ମୌଜା ର ମୋଟ ୩୦.୪୧୦ ଏକର ଜମି ରେଳ ବିଭାଗ କୁ ହସ୍ତାନ୍ତର କରାଯାଇଥିବା ବେଳେ ଆଜି ବୋରିଗୁମ୍ମା ତହସିଲ ପକ୍ଷରୁ ରେଳ ବିଭାଗ କୁ ୯୯.୧୦୪ ଏକର ଜମି ହସ୍ତାନ୍ତର କରାଯାଇଛି ।ଯେଉଁଠି ଜମି ଅଧିଗ୍ରହଣ ହୋଇଛି, ସେହି ସ୍ଥାନ ମାନଙ୍କରେ ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା ପାଂଚଟି ଗ୍ରାମ ଯଥା ଶୀଶାଗୁଡା,କୁନ୍ଦ୍ରାଗୁଡା,କୁପିଆ, କନ୍ହେଇଜବା, ମଝିଆ ର ମୋଟ



୯୯.୧୦୪ ଏକର ଜମି ର କାଗଜପତ୍ର ରେଲୱେ ଇଷ୍ଟ କୋଷ୍ଟ ଯୋନ ର ଏଇଇ ଏସ.ମୁରଲୀଧର  ଙ୍କୁ ହସ୍ତାନ୍ତର କରିଥିଲେ ।ସେଥି ମଧ୍ୟରୁ କୁନ୍ଦ୍ରାଗୁଡା ଗ୍ରାମର ୨୦.୦୫୬ ଏକର,ମଝିଆ ଗ୍ରାମର ୨୪.୩୯୪ ଏକର, ଶୀଶାଗୁଡା ର ୧୮.୦୬ ଏକର, କନ୍ହେଇଜବା ର ୧୯.୫୧୬ ଏକର, କୁପିଆ ର ୧୭.୦୭୮ ଏକର ଜମି ମୋଟ ୨୨୭ ଜଣ ଜମି ହରାଇଥିବା ।ଲୋକଙ୍କୁ ୧୧ କୋଟି ୨୬ ଲକ୍ଷ ୭୪ ହଜାର ୪୩୪ ଟଙ୍କା ପାଇବେ ।ସେଥି ମଧ୍ୟରୁ ବର୍ତମାନ ସୁଦ୍ଧା ୧୮୭ ଜମି ହରାଇଥିବା ।ଲୋକଙ୍କୁ ୯ କୋଟି ୯୩ ଲକ୍ଷ ୯୨ ହଜାର ୮୯୨ ଟଙ୍କା ପ୍ରଦାନ କରାଯାଇଛି ବୋଲି ତହସିଲଦାର ଶୋଭନ କୁମାର ବେହେରା ସୂଚନା ଦେଇଛନ୍ତି ।ଜମି ଅଧିଗ୍ରହଣ କାଗଜପତ୍ର ହସ୍ତାନ୍ତର ବେଳେ ରାଜସ୍ୱ ବିଭାଗ ର ତହସିଲଦାର ଶୋଭନ କୁମାର ବେହେରା, ତହସିଲ କାର୍ଯ୍ୟାଳୟ ର ଏସଆରଏ ସଞ୍ଜିତ କୁମାର ଟାକ୍ରି, ରାଜସ୍ୱ ନିରୀକ୍ଷକ ବନଜାଲକ୍ଷ୍ମୀ ବେହେରା,ସୁଦାମ ନାୟକ,ମୋନାଲିସା ଏକ୍କା,ଜ୍ୟୋସ୍ନା ପାଢ଼ୀ,ରେଲୱେ ବିଭାଗ ର ଏଇଇ ଏସ.ମୁରଲୀଧର ଓ କନିଷ୍ଠ ଯନ୍ତ୍ରୀ(ପିଏସଏସଏ) ଗୋବିନ୍ଦ ବାରିକ ଓ ଜମି ହରାଇଥିବା ଲୋକମାନେ ଉପସ୍ଥିତ ଥିଲେ ।

# ଝାରସୁଗୁଡ଼ାରେ 'ହର ଘର ତ୍ରିରଙ୍ଗା-୨୦୨୬'

ଝାରସୁଗୁଡ଼ା(ନି.ପ୍ର.): 'ହର ଘର ତ୍ରିରଙ୍ଗା - ୨୦୨୬' ଅଭିଯାନ ଉପଲକ୍ଷେ ଆଜି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଏକ ଭବ୍ୟ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ ହୋଇଯାଇଛି । ସକାଳ ୮.୦୦ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ବିଶାଳ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ଏହି ଭବ୍ୟ ସମାରୋହର ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଟଙ୍କଧର ତ୍ରିପାଠୀ ଯୋଗ ଦେଇଥିଲେ । ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିମାନଙ୍କୁ ଉତରୀୟ ଏବଂ ଚାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏଥିସହ କାର୍ଯ୍ୟକ୍ରମରେ ବନ୍ଦେ ମାତରମ୍ ଏବଂ ଜାତୀୟ ସଂଗୀତ ଜନ ଗଣ ମନ ଗାନ କରାଯାଇଥିଲା । ଏହାପରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଟଙ୍କଧର ତ୍ରିପାଠୀ ସବୁଜ ପତାକା ଦେଖାଇ ରାଲିର ଶୁଭ ଉଦ୍ ?ଘାଟନ କରାଯାଇଥିଲା । ଏହି ରାଲିଟି କିଶାନ ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ଏବଂ ଝଣ୍ଡା ଛକ ଦେଇ ପରିକ୍ରମା କରିବା ପରେ ମନମୋହନ ଏମ. ଇ. ସ୍କୁଲ ପଡ଼ିଆରେ ସମାପ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୪ ହଜାରରୁ ଅଧିକ ଜନସାଧାରଣ, ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ, ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ସାମିଲ ହୋଇ ଜାତୀୟ ପତାକା ପ୍ରତି ଅପୂର୍ବ ଉତ୍ସାହ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ବିଧାୟକ କହିଥିଲେ, 'ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସମଗ୍ର ଦେଶରେ ଦେଶପ୍ରେମ ଓ ଜାତୀୟ ଏକତାର ଭାବନାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହେଉଛି' ।



ଏହି ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ପ୍ରାୟ ୩୦୦ ମିଟର ଦୀର୍ଘ ବିଶାଳ ତ୍ରିରଙ୍ଗା ପତାକା । ସ୍କୁଲ-କଲେଜର ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ ଓ ସାଧାରଣ ଜନତା ସମ୍ମିଳିତ ରାଲିରେ ଗୌରବର ସହ ଏହି ଦୀର୍ଘ ପତାକାକୁ ବହନ କରି ସମଗ୍ର ନଗର ପରିକ୍ରମା କରିଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀଙ୍କ ପ୍ରତିନିଧି  ନଭଲ ଅଗ୍ରୱାଲ, ମାନ୍ୟବର ସାଂସଦଙ୍କ ପ୍ରତିନିଧି  ରଘୁନନ୍ଦନ ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ  ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)  ଓଏସଏପି ଦ୍ୱିତୀୟ ବାହିନୀର କମାଣ୍ଡା[ ଶ୍ରୀ ପ୍ରସାଦ ତମାଙ୍ଗ ପ୍ରମୁଖ ଯୋଗଦେଇଥିଲେ । ଏହି ସଂପୂର୍ଣ୍ଣ ସମାରୋହର ମଂଚ ପରିଚାଳନା, ସଂଯୋଜନା ଏବଂ ଉପସ୍ଥାପନା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରୀତାକାନ୍ତି ବଳିଆରସିଂହ ସୁଚାରୁ ରୂପେ ସମ୍ପାଦନ କରିଥିଲେ । ଏଥିସହିତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଏବଂ ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ ସହ-ସଂଯୋଜନା କରି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।




## ରାଜ୍ୟ କ୍ୟାବିନେଟ୍‌ରେ ୧୦ଟି ପ୍ରସ୍ତାବକୁ ମିଳିଲା ମଞ୍ଜୁରୀ

ଭୁବନେଶ୍ୱର: ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସଫଳତାର ସହ ଶେଷ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଲୋକସେବା ଭବନଠାରେ ଏହି ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟର ବିକାଶ ଓ ଜନକଲ୍ୟାଣକୁ ଆଖିଆଗରେ ରଖି ୬ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ମୋଟ ୧୦ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ମାରିଛି । ବୈଠକ ଶେଷ ହେବା ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଏହି ନିଷ୍ପତି ସମ୍ପର୍କରେ ଆନୁଷ୍ଠାନିକ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ସାଧାରଣ ଜନତାଙ୍କୁ ସୁବିଧା ଯୋଗାଇବା, ସରକାରୀ ଯୋଜନାଗୁଡ଼ିକର ସୁପରିଚାଳନା ଏବଂ ରାଜ୍ୟର ଭିତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ନିଷ୍ପତିଗୁଡ଼ିକ ନିଆଯାଇଛି । ପାରିତ ହୋଇଥିବା ପ୍ରସ୍ତାବଗୁଡ଼ିକ ମଧ୍ୟରେ କୃଷି, ଭିତିଭୂମି, ନିଯୁକ୍ତି ଏବଂ ବିଭିନ୍ନ ବିଭାଗୀୟ ନିୟମାବଳୀର ସଂଶୋଧନ ଭଳି ଜନହିତକର ବିଷୟ ରହିଛି । ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଆଗାମୀ ଦିନରେ ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି ।

## ଅବପାତର ରୂପ ନେବ ଲଘୁଚାପ, ଓଡ଼ିଶାରେ ବଢ଼ ବର୍ଷା ସମ୍ଭାବନା



ଭୁବନେଶ୍ୱର: ପୁଣି ଥରେ ଓଡ଼ିଶା ଉପରେ ପ୍ରକୃତିର ଭ୍ରୂକୁଟି । ଆକାଶରେ ଘୋଟି ରହିଛି କଳାହାଣ୍ଡିଆ ମେଘ । ପଶ୍ଚିମବଙ୍ଗ-ବାଂଲାଦେଶ ଉପକୂଳ ନିକଟରେ ଥିବା ଲଘୁଚାପ ଆସନ୍ତା ୧୨ ଘଂଟା ମଧ୍ୟରେ ଅବପାତର ରୂପ ନେବାର ସମ୍ଭାବନା ରହିଛି । ଆଉ ଏହା ସିଧାସଳଖ ଓଡ଼ିଶା ମୁହାଁ ହୋଇ ମାଡ଼ି ଆସୁଛି । ଆସନ୍ତାକାଲି କେନ୍ଦୁଝର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ତରଫରୁ ରେଡ୍ ଆଲର୍ଟ ଜାରି କରାଯାଇଛି । ସେହିଭଳି ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କଟକ, ଢେଙ୍କାନାଳ, ଦେଓଗଡ଼, କେନ୍ଦୁଝର, ଅନୁଗୋଳ, ସୁନ୍ଦରଗଡ଼ରେ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣି ଜାରି କରାଯାଇଛି ।






# ଯୁବପିଢ଼ି ଜଳବାୟୁ ସହନଶୀଳତା ଓ ସବୁଜ ବିକାଶର ନେତୃତ୍ୱ ନିଅନ୍ତୁ: ରାଜ୍ୟପାଳ

ଭୁବନେଶ୍ୱର : ଓଡ଼ିଶାର ଯୁବପିଢ଼ି ଜଳବାୟୁ ସହନଶୀଳତା ଓ ସବୁଜ ବିକାଶର ନେତୃତ୍ୱ ନେବାକୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି ଓ ଏତଦବ୍ୟତୀତ ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରିବା, ଅକ୍ଷୟ ଶକ୍ତିର ପ୍ରସାର, ସ୍ଥାୟୀ କୃଷି ଓ ରୋଜଗାର ସୃଷ୍ଟି ଦିଗରେ ଯୁବପିଢ଼ି କାର୍ଯ୍ୟ କରିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଛନ୍ତି । ସୋମବାର ଦିନ ଜଟଣୀସ୍ଥିତ ଏକ୍ସଆଇଏମ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡ଼ିଶା କନଫରେନ୍ସ ଅଫ ୟୁଥ ୪.୦ କୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଓଡ଼ିଶାର ଭବିଷ୍ୟତକୁ କେବଳ ଉତରାଧିକାର ସୂତ୍ରରେ ନେବାକୁ ଯୁବପିଢ଼ି ଆବଶ୍ୟକ ନୁହେଁ ବରଂ ନିଜ ହାତରେ ଭବିଷ୍ୟତ ଗଢ଼ିବାକୁ ସକ୍ଷମ ଯୁବଶକ୍ତି ଆବଶ୍ୟକ । ରାଜ୍ୟପାଳ କହିଥିଲେ ଯେ, ଗତବର୍ଷ ସମାରୋହରେ ସେ ଯୁବପିଢ଼ିଙ୍କୁ ଜଳବାୟୁ ସହନଶୀଳତାର ନିର୍ମାତା ହେବାକୁ ଆହ୍ୱାନ ଜଣାଇ ଥିଲେ । ଏବେ ସେହି ଆହ୍ୱାନକୁ ଆହୁରି ଆଗକୁ ନେଇ ଯୁବପିଢ଼ିଙ୍କୁ କେବଳ ନୀତିର ନିଷ୍କ୍ରିୟ ଗ୍ରହୀତା ନୁହେଁ, ବରଂ ସମାଧାନର ସ୍ଥପତି ହେବାକୁ ପଡ଼ିବ । ଯୁବପିଢ଼ିଙ୍କ ଶକ୍ତି ଓ ସୃଜନଶୀଳତାକୁ ସକାରାତ୍ମକ କାର୍ଯ୍ୟରେ ବିନିଯୋଗ କରିପାରିଲେ 'ବିକଶିତ ଭାରତ ୨୦୪୭' ର ଲକ୍ଷ୍ୟ ବାସ୍ତବ ରୂପ ନେବ ବୋଲି ରାଜ୍ୟପାଳ କହିଥିଲେ । ଜଳବାୟୁ ପରିବର୍ତ୍ତନ ଆଉ ଦୂର ଭବିଷ୍ୟତର ଚେତାବନୀ ନୁହେଁ ବୋଲି ଦର୍ଶାଇ ରାଜ୍ୟପାଳ କହିଥିଲେ ଯେ, ଗ୍ରୀଷ୍ମପ୍ରବାହ, ଅନିୟମିତ ବର୍ଷା, ବନ୍ୟା, ବାତ୍ୟା ଓ ସମୁଦ୍ର ପତନ ବୃଦ୍ଧି ଚାଷ ଓ ଜୀବିକାକୁ ପ୍ରଭାବିତ କରୁଛି । ତେଣୁ ଜଳବାୟୁ ସହନଶୀଳତା କେବଳ ପରିବେଶ ସୁରକ୍ଷାର ଦାୟିତ୍ୱ ନୁହେଁ, ଏହା ମାନବୀୟ ମର୍ଯ୍ୟାଦା ଓ ଆଗାମୀ ପିଢ଼ି ପ୍ରତି ଦାୟିତ୍ୱ ବୋଲି କହିଥିଲେ । ବାତ୍ୟା ଓ ବନ୍ୟା ମୁକାବିଲାରେ ଓଡ଼ିଶାର ଅଭିଜ୍ଞତା, ଜଙ୍ଗଲ ଓ ଜୈବ ବିବିଧତା ସଂରକ୍ଷଣ ଉଦ୍ୟମ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏବେ କେବଳ ବିପର୍ଯ୍ୟୟ ପ୍ରସ୍ତୁତିରେ ସୀମିତ ନ ରହି ଜଳବାୟୁ ସହନଶୀଳ ସମୁଦାୟ ଗଠନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ଫୁଲବାଣୀରେ ସିଡ୍ ବଲ କାର୍ଯ୍ୟକ୍ରମ, ଜଟଣୀ ଓ ଖଲ୍ଲିକୋଟରେ ବୃକ୍ଷରୋପଣ, ପୁରୀରେ ବ୍ଲୁ ଫ୍ଲାଗ ବିଚ ପଦକ୍ଷେପ ଏବଂ ଶିମିଳିପାଳରେ ଜଳବାୟୁ ସଚେତନତା ଭଳି ଯୁବନେତୃତ୍ୱାଧୀନ ପଦକ୍ଷେପ କିପରି ବ୍ୟାପକ ପରିବର୍ତ୍ତନ ଆଣିପାରେ ଏହା ତାହାର ଉଦାହରଣ ବୋଲି ରାଜ୍ୟପାଳ କହିଥିଲେ । ୩-ଆର ନୀତି 'ଜରୟଙ୍କମର, ଜରଙ୍କସ୍ୱର ବଭୟ ଜରମଙ୍କମକ୍ଷର'ର ସହ 'ମିଶନ ଲାଇଫ'କୁ ଜୀବନଶୈଳୀର ଅଂଶ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ । 'Mission 30 by 30' ର ଆହ୍ୱାନ ଦେଇ ରାଜ୍ୟପାଳ ୨୦୩୦ ସୁଦ୍ଧା ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଜଳବାୟୁ ସହନଶୀଳତା କାର୍ଯ୍ୟକ୍ରମକୁ ଆଗକୁ ନେବାକୁ ଯୁବପିଢ଼ିଙ୍କୁ କହିବା ସହ ସ୍ଥାନୀୟ ଜ୍ଞାନକୌଶଳ ସହ ବିଜ୍ଞାନ ଓ ପ୍ରଯୁକ୍ତିକୁ ଯୋଡ଼ି ଜିଲ୍ଲାଭିତିକ ପରିବେଶ ସମସ୍ୟାର ସମାଧାନ ଖୋଜିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ତିନିଦିନିଆ ୟୁଥ୍ ପାର୍ଲାମେଂଟ ଓ ଜିଲ୍ଲାସ୍ତରୀୟ ଆଲୋଚନାରେ କେବଳ ସମସ୍ୟା ଉପରେ ଚର୍ଚ୍ଚା ନକରି ସମାଧାନର ରୂପରେଖ ପ୍ରସ୍ତୁତ କରିବାକୁ ରାଜ୍ୟପାଳ ଯୁବପିଢ଼ିଙ୍କୁ କହିଥିଲେ । ଏହି କାର୍ଯ୍ୟକ୍ରମରୁ ଯୁବପିଢ଼ି 'ସ୍ଥାୟୀତ୍ୱର ଦୂତ, ଜଳବାୟୁ ସହନଶୀଳତାର ଚାମ୍ପିଅନ ଓ ପରିବର୍ତ୍ତନର ପ୍ରତିନିଧି' ଭାବେ ଉଭା ହୁଅନ୍ତୁ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଥିଲେ । ପଶ୍ଚିମ ଏସିଆରେ ଭୂ-ରାଜନୈତିକ ଉତେଜନା ଏବଂ ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ଭାରତର ନିର୍ଭରଶୀଳତା ପ୍ରସଙ୍ଗରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ସ୍ଥାୟୀ ଜୀବନଶୈଳୀ ଭାରତର ଶକ୍ତି ସୁରକ୍ଷା ସହ ଜଡ଼ିତ । ସ୍ଥାୟୀ ଯାତାୟାତକୁ ପ୍ରୋତ୍ସାହନ ଦେବା ସହ ଧୀରେ ଧୀରେ ବୈଦ୍ୟୁତିକ ଯାନ ଆପଣାଇବାକୁ ରାଜ୍ୟପାଳ ଯୁବପିଢ଼ିଙ୍କୁ ଆହ୍ୱାନ ଜଣାଇଥିଲେ । ଏହାଦ୍ୱାରା ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା କମିବା ସହ ଶକ୍ତି ସୁରକ୍ଷା ବଢ଼ିବ ଏବଂ ବିଦେଶୀ ମୁଦ୍ରା ଉପରେ ଚାପ ହ୍ରାସ ପାଇବ ବୋଲି ସେ କହିଥିଲେ ।




# ବିଶ୍ୱ ହସ୍ତୀ ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ବିଶ୍ୱ ହାତୀ ଦିବସ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହାତୀମାନଙ୍କୁ ସୁରକ୍ଷା ଦେବା, ସେମାନଙ୍କର ପ୍ରାକୃତିକ ବାସସ୍ଥାନ ସଂରକ୍ଷଣ ଏବଂ ମଣିଷ-ହାତୀ ସହାବସ୍ଥାନକୁ ସୁଦୃଢ଼ କରିବା ପାଇଁ ଏକାଠି ହେବାକୁ ଲୋକଙ୍କୁ ଆହ୍ୱାନ କରିଛନ୍ତି । ସେ ଏନେଇ ସୋସିଆଲ ମିଡ଼ିଆରେ ପୋଷ୍ଟ ମଧ୍ୟ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ, ହାତୀ ଆମ ପ୍ରାକୃତିକ ପରିବେଶ, ଜୈବ ବିବିଧତା ଏବଂ ଗୌରବମୟ ସଂସ୍କୃତିର ଅନନ୍ୟ ପ୍ରତୀକ । ମହାପ୍ରଭୁଙ୍କ ହାତୀ ବେଶଠାରୁ ଆରମ୍ଭ କରି ମନ୍ଦିର ଗାତ୍ରର ସ୍ଥାପତ୍ୟ ଏବଂ ଆମର ସମୃଦ୍ଧ ଇତିହାସ ପର୍ଯ୍ୟନ୍ତ, ଗଜରାଜ ସଦାସର୍ବଦା ଓଡ଼ିଶାର ସାଂସ୍କୃତିକ ପରିଚୟ ସହ ନିବିଡ଼ ଭାବେ ଜଡ଼ିତ । ବିଶ୍ୱ ହସ୍ତୀ ଦିବସ ଅବସରରେ ଆସନ୍ତୁ ହାତୀମାନଙ୍କ ସୁରକ୍ଷା, ସଂରକ୍ଷଣ ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥଳୀର ସୁରକ୍ଷିତ ଭବିଷ୍ୟତ ପାଇଁ ସଙ୍କଳ୍ପବଦ୍ଧ ହେବା । ମାନବ-ହାତୀ ସହବସ୍ଥାନକୁ ଆହୁରି ସୁଦୃଢ଼ କରି ପ୍ରକୃତିର ଏହି ଗୌରବମୟ ସମ୍ପଦର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବା । ତେବେ ବାସସ୍ଥାନ କ୍ଷତି, ମଣିଷ-ବନ୍ୟପ୍ରାଣୀ ସଂଘର୍ଷ ଏବଂ ଅନ୍ୟାନ୍ୟ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବା ହାତୀମାନଙ୍କୁ ସୁରକ୍ଷା ଦେବାର ଜରୁରୀ ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖରେ ବିଶ୍ୱ ହାତୀ ଦିବସ ପାଳନ କରାଯାଏ ।

# ୬୬ ଜଣ ପୋଲିସ ଅଧିକାରୀ ଓ ସରକାରୀ ଆଇନଜୀବୀଙ୍କୁ ସମ୍ମାନିତ କଲେ ଡିଜିପି

ଭୁବନେଶ୍ୱର : ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ଅପରାଧିକ ମାମଲାରେ ସଫଳ ଦଣ୍ଡବିଧାନ ସୁନିଶ୍ଚିତ କରିବା ସହ ତଦନ୍ତ ଓ ଆଇନଗତ ପ୍ରକ୍ରିୟାରେ ଉତ୍କୃଷ୍ଟ ଅବଦାନ ପାଇଁ ଓଡ଼ିଶା ପୋଲିସର ଅଧିକାରୀ ଏବଂ ସରକାରୀ ଆଇନଜୀବୀଙ୍କୁ ବୁଧବାର ସମ୍ମାନିତ କରାଯାଇଛି । ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଓଡ଼ିଶା ପୋଲିସ କ୍ରାଇମବ୍ରାଂଚ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫଳ ଦଣ୍ଡବିଧାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଜିଲ୍ଲା ପୋଲିସ ଅଧିକ୍ଷକ, ତଦାରଖ ଅଧିକାରୀ, ସରକାରୀ ଆଇନଜୀବୀ ଓ ତଦନ୍ତକାରୀ ଅଧିକାରୀଙ୍କୁ ସମ୍ମାନିତ କରିଥିଲେ । ଏହି ଅବସରରେ ମୋଟ ୬୬ ଜଣଙ୍କୁ ସମ୍ମାନିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ୨୪ ଜଣ ତଦନ୍ତକାରୀ ଅଧିକାରୀ, ୧୧ ଜଣ ତଦାରଖ ଅଧିକାରୀ, ୨୩ ଜଣ ସରକାରୀ ଆଇନଜୀବୀ ଏବଂ ୮ ଜଣ ଏସ୍‌ପି ଅଛନ୍ତି । ସମ୍ମାନିତ ଅଧିକାରୀମାନଙ୍କ ମଧ୍ୟରେ ଡ. ଉମା ଶଙ୍କର ଦାଶ, ଆଇପିଏସ, ଆଇଜିପି (ଗୃହରକ୍ଷୀ ଏବଂ ଅଗ୍ନିଶମ ସେବା), ଶ୍ରୀ ସ୍ମିଥ ପି. ପରମାର, ଆଇପିଏସ, ତତ୍କାଳୀନ ଏସପି, ଝାରସୁଗୁଡ଼ା, ଶ୍ରୀ ରୋହିତ ବର୍ମା, ଆଇପିଏସ, ଏସପି, କୋରାପୁଟ, ଶ୍ରୀ ହରିଶ ବି.ସି., ଆଇପିଏସ, ତତ୍କାଳୀନ ଏସପି, କନ୍ଧମାଳ, ଶ୍ରୀ ଶୁଭେନ୍ଦୁ କୁମାର ପାତ୍ର, ଆଇପିଏସ, ତତ୍କାଳୀନ ଏସପି, କନ୍ଧମାଳ, ଶ୍ରୀ ନିତିନ କୁଶଲକର, ଆଇପିଏସ, ଏସପି, କେନ୍ଦୁଝର, ଡ. ସରବଣା ବିବେକ ଏମ୍., ଆଇପିଏସ, ଏସପି, ବ୍ରହ୍ମପୁର, ଶ୍ରୀ ମୁକେଶ କୁମାର ଭାମୁ, ଆଇପିଏସ, ଏସପି , ସମ୍ବଲପୁର ଏବଂ ଶ୍ରୀ ରାହୁଲ ଗୋଏଲ, ଆଇପିଏସ, ପୂର୍ବତନ ଏସଡିପିଓ, ବାଲିଗୁଡ଼ା ପ୍ରମୁଖ ଉପସ୍ଥିତ ରହି ପ୍ରଶଂସା ପତ୍ର ଗ୍ରହଣ କରିଥିଲେ ।




# ଭୁବନେଶ୍ୱରରେ ଜାପାନ ସେଂଟର ଅଫ୍ ଏକ୍ସିଲେନ୍ସର ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର : ଭୁବନେଶ୍ୱରସ୍ଥିତ ନିଟକଲ୍ ଏଂଟରପ୍ରାଇଜ୍ ସର୍ଭିସେସ୍‌ର କ୍ୟାମ୍ପସରେ ସ୍ଥାପିତ ଜପାନୀଜ୍ ଏସଏପି ସଫ୍ଟୱେର ଗ୍ଲୋବାଲ କ୍ୟାପାବିଲିଟି ସେଂଟର ସହ ଏଆଇ, ରୋବୋଟିକ୍ସ ଓ ଜାପାନ ସେଂଟର ଅଫ୍ ଏକ୍ସିଲେନ୍ସର ଉଦ୍ଘାଟନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ଏହି ପଦକ୍ଷେପ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଓଡ଼ିଶାର ବଢୁଥିବା ସାମର୍ଥ୍ୟକୁ ପ୍ରତିଫଳିତ କରୁଛି । କୃତ୍ରିମ ବୁଦ୍ଧିମତା , ରୋବୋଟିକ୍ସ, ସେମିକଣ୍ଡକ୍ଟର ଓ ଆଧୁନିକ ଡିଜିଟାଲ୍ ପ୍ରାତିଷ୍ଠାନିକ ଢାଂଚା କ୍ଷେତ୍ରରେ ଓଡ଼ିଶା ଦ୍ରୁତ ଗତିରେ ଏକ ଅଗ୍ରଣୀ ଗନ୍ତବ୍ୟସ୍ଥଳ ଭାବେ ଆଗେଇ ଯାଉଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ, ଓଡ଼ିଶା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଣତ ହେଉଛି । ଏଆଇ ପଲିସି, ସେମିକଣ୍ଡକ୍ଟର ପଲିସି ଓ ଜିସିସି ପଲିସି ମାଧ୍ୟମରେ ଆଧୁନିକ ପ୍ରଯୁକ୍ତି କ୍ଷେତ୍ରରେ ଥିବା ବ୍ୟାପକ ସମ୍ଭାବନାକୁ ସାକାର ରୂପ ଦେବା ପାଇଁ ଆମର ନିରନ୍ତର ପ୍ରୟାସ ଜାରି ରହିଛି । ଏହି ଅବସରରେ ମାନ୍ୟବର ଖୋର୍ଦ୍ଧା ବିଧାୟକ ଶ୍ରୀ ପ୍ରଶାନ୍ତ ଜଗଦ୍ଦେବ, ଇନଆହୋ ଡିଜିଟାଲ ସଲ୍ୟୁସନର ସିଇଓ ଦେବେନ୍ଦ୍ର ମହାନ୍ତ, ନିକଟାଲର ସିଇଓ ଜୟଶ୍ରୀ ମହାନ୍ତ ଉପସ୍ଥିତ ଥିଲେ ।

# ସେମିକଣ୍ଡକ୍ଟର ଶିଳ୍ପ ଭବିଷ୍ୟତର ନିଯୁକ୍ତି ଉପରେ ପକାଇବ ବ୍ୟାପକ ପ୍ରଭାବ

# ଓଡ଼ିଶାରେ ସମ୍ଭାବନାକୁ ଲୋକସଭାରେ ଉଠାଇଲେ କେନ୍ଦ୍ରମନ୍ତ୍ରୀ ଜିତନ ପ୍ରସାଦ

ଭୁବନେଶ୍ୱର: ରାଜ୍ୟରେ ପ୍ରତିଷ୍ଠା ହେବାକୁ ଥିବା ସେମିକଣ୍ଡକ୍ଟର ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ପ୍ରଭାବ ପକାଇବ । ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ମଧ୍ୟରୁ ୩ଡି ଗ୍ଲାସ୍ ସୋଲ୍ୟୁସନ୍ସ ଇଙ୍କ୍ ପ୍ରକଳ୍ପରେ ୨୮୦ରୁ ଅଧିକ ଏବଂ ସିକ୍ସେମ୍ ପ୍ରାଇଭେଟ୍ ଲିମିଟେଡ୍ ପ୍ରକଳ୍ପରେ ପ୍ରାୟ ୧,୦୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର କ୍ଷମତା ରହିଛି । ପରୋକ୍ଷ ଭାବେ ଏହି ପ୍ରକଳ୍ପଗୁଡ଼ିକ ଅନ୍ୟାନ୍ୟ କ୍ଷେତ୍ର ଓ ଯୋଗାଣ ଶୃଙ୍ଖଳାରେ ନିଯୁକ୍ତି ସୃଷ୍ଟି ଉପରେ ବ୍ୟାପକ ପ୍ରଭାବ ପକାଇବ ବୋଲି କହିଛନ୍ତି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଜିତନ ପ୍ରସାଦ । ଆଜି ଲୋକସଭାରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ରଙ୍କ ଏକ ପ୍ରଶ୍ନର ଉତର ଦେଇ ସେ ଓଡ଼ିଶାରେ ସେମିକଣ୍ଡକ୍ଟର ପ୍ରକଳ୍ପର ସମ୍ଭାବନା ବିଷୟରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ସେମିକଣ୍ଡକ୍ଟରର ଗୁରୁତ୍ୱକୁ ସ୍ୱୀକାର କରି, କେନ୍ଦ୍ର ସରକାର ସେମିକଣ୍ଡକ୍ଟର ଫ୍ୟାବ୍, ଡିସପ୍ଲେ ଫ୍ୟାବ୍, ସେମିକଣ୍ଡକ୍ଟର ପ୍ୟାକେଜିଂ ସ୍ଥାପନ ଏବଂ ଭାରତୀୟ ଡିଜାଇନ୍ ଚିପ୍ସର ପ୍ରୋତ୍ସାହନ ପାଇଁ ଜାନୁଆରୀ ୨୦୨୨ରେ 'ସେମିକନ୍ ଇଣ୍ଡିଆ ପ୍ରୋଗ୍ରାମ' ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ଅଧୀନରେ, ସରକାର ପ୍ରାୟ ୧.୬୪ ଲକ୍ଷ କୋଟି ଟଙ୍କାର ମୋଟ ନିବେଶ ପ୍ରତିଶ୍ରୁତି ସହିତ ୧୨ଟି ଉତ୍ପାଦନ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି । ଏଥିରୁ ଓଡ଼ିଶାରେ ଦୁଇଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ୩ଡି ଗ୍ଲାସ୍ ସୋଲ୍ୟୁସନ୍ସ ଇଙ୍କ୍ ନାମକ ଏକ ପ୍ରକଳ୍ପ ରାଜ୍ୟରେ ଏକ ଭର୍ଟିକାଲି ଇଂଟିଗ୍ରେଟେଡ୍ ଆଡଭାନ୍ସଡ୍ ପ୍ୟାକେଜିଂ ଏବଂ ଏମ୍ବେଡେଡ୍ ଗ୍ଲାସ୍ ସବଷ୍ଟ୍ରେଟ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରୁଛି । ଗ୍ଲାସ୍ ପ୍ୟାନେଲ୍ ସବଷ୍ଟ୍ରେଟ୍ ଉତ୍ପାଦନ, ଆସେମ୍ବଲି ଏବଂ ୩ଡି ହେଟେରୋଜିନିୟସ୍ ଇଂଟିଗ୍ରେସନ୍ ପାଇଁ ପ୍ରସ୍ତାବିତ ସ୍ଥାପିତ କ୍ଷମତା ଯଥାକ୍ରମେ ମାସକୁ ପ୍ରାୟ ୫୮୦୦ ପ୍ୟାନେଲ୍, ମାସକୁ ୪.୨୦ ନିୟୁତ ୟୁନିଟ୍ ଏବଂ ମାସକୁ ୧୧୦୦ ୟୁନିଟ୍ ଅଟେ । ଏହି ପ୍ରକଳ୍ପରେ ୨୮୦ ରୁ ଅଧିକ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ଏବଂ ଆନୁଷଙ୍ଗିକ ୟୁନିଟ୍ଗୁଡ଼ିକରେ ବହୁ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର କ୍ଷମତା ରହିଛି ।



# ପ୍ରକାଶ ପାଇଲା ମାଟ୍ରିକ ସପ୍ଲିମେଂଟାରୀ ଫଳାଫଳ

# ପାସ୍ ହାର ୬୩.୬୪%




କଟକ : ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସପ୍ଲିମେଂଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ ଫଳାଫଳ ପ୍ରକାଶ ପାଇଛି । ଚଳିତ ଥର ୫ ହଜାର ୭ ଶହ ୬୦ ଜଣ ଛାତ୍ରଛାତ୍ରୀ ସପ୍ଲିମେଂଟାରୀ ପରୀକ୍ଷା ଦେଇଥିଲେ । ଏମାନଙ୍କ ମଧ୍ୟରୁ ୩ହଜାର ୬ଶହ ୬୬ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ପାସ୍ ହାର ୬୩.୬୪ ପ୍ରତିଶତ ରହିଛି । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ର ଫଳାଫଳ ପ୍ରକାଶ ପାଇଛି । ୮ ହଜାର ୬ ଶହ ୯୮ ଜଣ ଷ୍ଟେଟ୍ ଓପନ୍ ସ୍କୁଲ୍ ପରୀକ୍ଷା ଦେଇଥିଲେ । ମୋଟ ୫ହଜାର ୪ଶହ ୫୦ ଜଣ ପାସ କରିଛନ୍ତି । ପାସ୍ ହାର ୬୨.୬୫ ପ୍ରତିଶତ ରହିଛି । ପରୀକ୍ଷାର୍ଥୀମାନେ ବୋର୍ଡର ୱେବସାଇଟ୍ www.bseodisha.ac.in ଏବଂ www.bseodisha.nic.inରେ ନିଜ ରେଜଲ୍ଟ ଦେଖିପାରିବେ । ପରୀକ୍ଷାର୍ଥୀମାନେ ଅଗଷ୍ଟ ୧୭ରୁ ବୋର୍ଡର ୱେବସାଇଟ୍ bse.odisha.gov.inରେ ନିଜର ଡିଜିଟାଲ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ । ଏହି ସପ୍ଲିମେଂଟାରୀ ପରୀକ୍ଷା ଗତ ଜୁଲାଇ ୨ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ।

# ଆଇସିସି ର୍‍ୟାଙ୍କିଙ୍ଗ: ଶୀର୍ଷରେ ବୁମରାହ, ଜାଡେଜା, ଗିଲ୍

ନୂଆଦିଲ୍ଲୀ : ଆଇସିସି ପକ୍ଷରୁ ଜାରି ସଦ୍ୟତମ ର୍‍ୟାଙ୍କିଙ୍ଗରେ ଭାରତୀୟ ଖେଳାଳିଙ୍କ ଦବଦବା ବଜାୟ ରହିଛି । ଟେଷ୍ଟ ବୋଲିଂରେ ଜସପ୍ରୀତ ବୁମରା, ଅଲରାଉଣ୍ଡରରେ ରବୀନ୍ଦ୍ର ଜାଡେଜା ଏବଂ ଦିନିକିଆ ବ୍ୟାଟିଂରେ ଶୁଭମନ ଗିଲ୍ ପ୍ରଥମ ସ୍ଥାନରେ କାଏମ ଅଛନ୍ତି । ବୁମରା (୮୭୦ ପଏଂଟ) ଲଗାତାର ୨୧ ମାସ ଧରି ଶୀର୍ଷ ସ୍ଥାନରେ ରହିଛନ୍ତି । ନ୍ୟୁଜିଲ୍ୟାଣ୍ଡର ମ୍ୟାଟ୍ ହେନରୀ (୮୬୧) ଦ୍ୱିତୀୟ ଓ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ (୮୩୮) ତୃତୀୟ ସ୍ଥାନରେ ଅଛନ୍ତି । ଜାଡେଜା (୪୪୬ ପଏଂଟ) ଗତ ୧୫୫୬ ଦିନ ହେବ ପ୍ରଥମ ସ୍ଥାନରେ ଅଛନ୍ତି । ଦକ୍ଷିଣ ଆଫ୍ରିକାର ମାର୍କୋ ୟାନସେନ୍ (୩୪୪) ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ବ୍ୟାଟିଂରେ ଅଷ୍ଟ୍ରେଲିଆର ଟ୍ରେଭିସ୍ ହେଡ୍ (୮୫୩ ପଏଂଟ) ପ୍ରଥମ ଓ ଇଂଲଣ୍ଡର ହ୍ୟାରୀ ବ୍ରୁକ୍ (୮୫୨) ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଭାରତର ଶୁଭମନ ଗିଲ୍ (୭୪୩) ୭ମ ଏବଂ ଯଶସ୍ୱୀ ଜୈସୱାଲ (୭୩୩) ୯ମ ସ୍ଥାନରେ ରହିଛନ୍ତି । ପାକିସ୍ତାନର ବାବର ଆଜମ ୫ଟି ସ୍ଥାନ ଉପରକୁ ଉଠି ୧୦ମ ସ୍ଥାନ (୭୧୬ ପଏଂଟ) ସହ ପୁଣି ଟପ୍୧୦କୁ ଫେରିଛନ୍ତି । ଭାରତୀୟ ଅଧିନାୟକ ଶୁଭମନ ଗିଲ ଦିନିକିଆ ବ୍ୟାଟିଂ ର?ୟାଙ୍କିଙ୍ଗରେ (୮୦୧ ପଏଂଟ) ପ୍ରଥମ ସ୍ଥାନରେ ଅଛନ୍ତି । ନ୍ୟୁଜିଲ୍ୟାଣ୍ଡର ଡେରିଲ ମିଚେଲ (୭୯୪) ଦ୍ୱିତୀୟ, ବିରାଟ କୋହଲି (୭୬୭) ତୃତୀୟ ଓ ରୋହିତ ଶର୍ମା (୭୫୮) ୪ର୍ଥ ସ୍ଥାନରେ ରହିଛନ୍ତି । ଆଫଗାନିସ୍ତାନର ରାଶିଦ ଖାନ୍ (୭୧୩ ପଏଂଟ) ନମ୍ବର ୧ ବୋଲର ହୋଇଥିବା ବେଳେ ପାକିସ୍ତାନର ଅବରାର ଅହମ୍ମଦ (୬୭୫) ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଆଫଗାନିସ୍ତାନର ଅଜମତୁଲ୍ଲା ଉମରଜାଇ ଅଲରାଉଣ୍ଡର ର୍‍ୟାଙ୍କିଙ୍ଗରେ ଶୀର୍ଷରେ ରହିଛନ୍ତି । ଆଇସିସି ର୍‍ୟାଙ୍କିଙ୍ଗ କେବଳ ରନ୍ କିମ୍ବା ୱିକେଟ୍ ଉପରେ ନିର୍ଭର କରେ ନାହିଁ । ବିପକ୍ଷ ଟିମ୍‌ର ଶକ୍ତି, ମ୍ୟାଚ୍‌ର ପରିସ୍ଥିତି ଏବଂ ଖେଳାଳିଙ୍କ ଲଗାତାର ଭଲ ପ୍ରଦର୍ଶନକୁ ଆଧାର କରି ଏହି ରେଟିଂ ପଏଂଟ ପ୍ରଦାନ କରାଯାଏ ।



# ରାଜ୍ୟଗୋଷ୍ଠୀ ପାରା ଅସିଚାଳନାରେ ମାଳତୀଙ୍କୁ ୨ ସ୍ୱର୍ଣ୍ଣ ପଦକ



ଭୁବନେଶ୍ୱର: ଓଡ଼ିଆ ଝିଅ ମାଳତୀ ପନାଉରେ ଚଳିତ ରାଜ୍ୟଗୋଷ୍ଠୀ ପାରା ଅସିଚାଳନା ପ୍ରତିଯୋଗିତାରେ ଯୁଗଳ ସ୍ୱର୍ଣ୍ଣ ପଦକଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି । ନାଇଜେରିଆର ଲାଗୋସ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାର ମହିଳା ବର୍ଗ ଏର ବ୍ୟକ୍ତିଗତ ଇପି ଓ ଫଏଲ୍‌ରେ ସେ ଏହି ଦୁଇ ପଦକ ଜିତିଥିଲେ । ଇପିରେ ମାଳତୀ ପୁଲ୍ ପର୍ଯ୍ୟାୟରେ ୪ଟି ମ୍ୟାଚ୍ ଖେଳି ସର୍ବାଧିକ ବିଜୟ ସହ ସେମିଫାଇନାଲ୍‌ରେ ପହଂଚିଥିଲେ । ସେମିଫାଇନାଲ୍‌ରେ ସେ ୧୫-୩ରେ ନାଇଜେରିଆର କୁମୁୟି ଇତୁନୁଙ୍କୁ ପରାସ୍ତ କରିଥିଲେ । ଦୁଇ ଭାରତୀୟଙ୍କ ମଧ୍ୟରେ ଖେଳାଯାଇଥିବା ଫାଇନାଲ୍‌ରେ ମାଳତୀ ୧୫-୧୨ରେ ରେଖାଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଫଏଲ୍ ଫାଇନାଲ୍‌ରେ ବି ତାଙ୍କର ଭେଟ ରେଖାଙ୍କ ସହ ହୋଇଥିଲା । ଏଥିରେ ସେ ୧୫-୧୨ରେ ରେଖାଙ୍କୁ ହରାଇ ସ୍ୱର୍ଣ୍ଣ ପାଇଥିଲେ । ଏହା ପୂର୍ବରୁ ସେ ପୁଲ୍‌ରେ ସର୍ବାଧିକ ମ୍ୟାଚ୍ ଜିତି ସିଧାସଳଖ ସେମିଫାଇନାଲ୍‌କୁ ଉନ୍ନୀତ ହୋଇଥିଲେ । ସେମିଫାଇନାଲ୍‌ରେ ସେ ୧୫୫-୨ରେ ନାଇଜେରିଆର ଇଓରଗୁମା ଜୟଙ୍କୁ ମାତ୍ ଦେଇ ଫାଇନାଲ୍ ସ୍ଥାନ ପକ୍କା କରିଥିଲେ । ମାଳତୀଙ୍କ ଏହି ସଫଳତା ଲାଗି ତାଙ୍କୁ ପାରା ଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ), ଓଡ଼ିଶା ପାରା କ୍ରୀଡ଼ା ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୬ ଜଣ ଖେଳାଳି ଭାରତରୁ ପ୍ରତିନିଧିତ୍ୱ କରିଥିଲେ ।

# ୧୫ରୁ ପୁରୁଷ ହକି ବିଶ୍ୱକପ; ୧୬ ବର୍ଷ ପରେ ଲଢ଼ିବେ ଭାରତ-ପାକିସ୍ତାନ

ନୂଆଦିଲ୍ଲୀ : ଆସନ୍ତା ୧୫ ତାରିଖରୁ ବେଲଜିୟମ ଓ ନେଦରଲାଣ୍ଡସରେ ଆରମ୍ଭ ହେବାକୁ ଯାଉଛି ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ । ଭାରତ ପୁଲ ଡି'ରେ ସାମିଲ ରହିଛି । ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ୱେଲ୍ସ ଓ ଇଂଲଣ୍ଡ ମଧ ଏହି ପୁଲରେ ସ୍ଥାନ ପାଇଛନ୍ତି । ଦୀର୍ଘ ୧୬ ବର୍ଷ ପରେ ଭାରତ ଓ ପାକିସ୍ତାନ ବିଶ୍ୱକପ୍‌ରେ ମୁହାଁମୁହିଁ ହେବେ । ଏହି ବହୁ ପ୍ରତୀକ୍ଷିତ ମ୍ୟାଚ ଆସନ୍ତା ୧୯ ତାରିଖରେ ଆମଷ୍ଟେଲଭିନରେ ଖେଳାଯିବ । ଶେଷ ଥର ଭାରତ ଓ ପାକିସ୍ତାନ ୨୦୧୦ ବିଶ୍ୱକପ୍ରେ ପୁଲରେ ମୁହାଁମୁହିଁ ହୋଇଥିଲେ । ଏହି ବିଶ୍ୱକପ୍ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିଲା । ପୁଣି ଦେଢ଼ ଦଶନ୍ଧି ପରେ ଦୁଇ ଦଳ ସାମ୍ନା ସାମ୍ନି ହେବାକୁ ଯାଉଛନ୍ତି । ଯାହାକୁ ବିଶ୍ୱକପ୍ ସବୁ ବଡ଼ ମ୍ୟାଚ କୁହାଯାଉଛି । ପୁଲରେ ଭାରତ ପ୍ରଥମ ମ୍ୟାଚ ୱେଲ୍ସ ବିପକ୍ଷରେ ଆସନ୍ତା ୧୫ ତାରିଖରେ ଖେଳିବ । ଏହାପରେ ୧୭ ତାରିଖରେ ଇଂଲଣ୍ଡ ଏବଂ ୧୯ ରେ ପାକିସ୍ତାନକୁ ଭେଟିବାର ସୂଚୀ ରହିଛନ୍ତି । ଗ୍ରୁପ୍ର ଶ୍ରେଷ୍ଠ ୨ ଦଳ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହେବେ । ୨୦୧୦ରେ ଜିତିଥିଲା ଭାରତ ୨୦୧୦ ବିଶ୍ୱକପ୍ରେ ଭାରତ ୪-୧ ଗୋଲରେ ପାକିସ୍ତାନକୁ ପରାଜିତ କରିଥିଲା । ଉଭୟ ଦଳ ବିଶ୍ୱକପ୍‌ରେ ମୋଟ୍ ୫ ଥର ସାମ୍ନା ସାମ୍ନି ହୋଇଛନ୍ତି । ଭାରତ ୩ ଥର ଓ ପାକିସ୍ତାନ ୨ ଥର ବିଜୟୀ ହୋଇଛି । ୧୯୭୧ ବିଶ୍ୱକପ୍‌ରେ ପାକିସ୍ତାନ ୨-୧ ଗୋଲରେ ଭାରତକୁ ପରାଜିତ କରିଥିଲା । ୧୯୭୧ରେ ଭାରତ ୧-୦ ଗୋଲରେ ବିଜୟୀ ହୋଇଥିଲା । ୧୯୭୫ ବିଶ୍ୱକପ୍‌ରେ ଦୁଇ ଦଳ ମଧ୍ୟରେ ଟାଇଟଲ ଲଢ଼େଇ ହୋଇଥିଲା । ଭାରତ ୨-୧ ଗୋଲରେ ବିଜୟୀ ହୋଇ ପ୍ରଥମ ଥର ବିଶ୍ୱ ଚାମ୍ପିଅନ ହେବାର ଗୌରବ ଲାଭ କରିଥିଲା । ୧୯୮୬ରେ ପାକିସ୍ତାନ ୩-୨ରେ ଭାରତକୁ ଏବଂ ୨୦୧୦ରେ ଭାରତ ୪-୧ରେ ପାକିସ୍ତାନକୁ ହରାଇଥିଲା । ପାକିସ୍ତାନ ସର୍ବାଧିକ (୧୯୭୧, ୧୯୭୮, ୧୯୮୨ ଓ ୧୯୯୪) ୪ ଥର ବିଶ୍ୱ ଚାମ୍ପିଅନ ହୋଇଛି । କିନ୍ତୁ ଭାରତ ଥରୁଟିଏ ଜିତିଛି । କ୍ରମାନ୍ୱୟରେ ପୂର୍ବ ୨ଟି ସଂସ୍କରଣ ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା ।



Printed & Published by Kishore Das, Owner & Editor Nirmalya Mohanty & Printed at Nirmalya Offset Press, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- Laxminarayan Mohanty, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- Nirmalya Mohanty, ସମ୍ପାଦକ- ନିର୍ମାଲ୍ୟ ମହାନ୍ତି